


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-182 ♦SUNDAY ♦28 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୨ ♦ରବିବାର ♦୨୮ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ଚୀନ୍‌ରେ ବିଶ୍ୱର ସବୁଠାରୁ ଦୀର୍ଘ ଏକ୍ସପ୍ରେସ୍‌ୱେ ସୁଡ଼ଙ୍ଗ ଲୋକାର୍ପିତ

■ ବେଜିଂ, ୨୭ ।୧୨(ଏଜେନ୍ସି): ଚୀନ ବିଶ୍ୱର ସବୁଠାରୁ ଦୀର୍ଘ ଏକ୍ସପ୍ରେସୱେ ସୁଡଙ୍ଗ ଉଦଘାଟନ କରିଛି । ଜିନଜିଆଙ୍ଗର ଉଇଗୁର ସ୍ୱୟଂଶାସିତ ଅଞ୍ଚଳରେ ୨୨.୧୩ କିଲୋମିଟର ଦୀର୍ଘ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିଛି । ଏହାକୁ ବିଶ୍ୱର ସବୁଠାରୁ ଦୀର୍ଘ ସୁଡଙ୍ଗ ବୋଲି କୁହାଯାଇଛି । ଏହାଦ୍ୱାରା ଦୁର୍ଗମ ତିଆନଶାହା ପର୍ବତମାଳାରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିଛି । ଏହି ସୁଡଙ୍ଗ ନର୍ମାଣରେ ବିଶ୍ୱସ୍ତରୀୟ ମାନଦଣ୍ଡକୁ ଅନୁସରଣ କରାଯାଇଛି ବୋଲି ଚୀନର ଯୋଗାଯୋଗ ନିର୍ମାଣ କମ୍ପାନୀର ଅଧ୍ୟକ୍ଷ ସୋଙ୍ଗ ହାଇଲିଆଙ୍ଗ କହିଛନ୍ତି । ଏହା ଶୁକ୍ରବାର ଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଉତ୍ତର ଓ ଦକ୍ଷିଣ ଜିନ୍‌ଜିଆଙ୍ଗ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଏହି ସୁଡଙ୍ଗ ଯୋଗ କରୁଛି । ଏହା ଏକ ପ୍ରମୁଖ ଧମନୀ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । ତିଆନଶାନ ପର୍ବତମାଳ



କେନ୍ଦ୍ରୀୟ ଜିନଜିଆଙ୍ଗରେ ପ୍ରାୟ ୨,୫୦୦ କିମି ପର୍ଯ୍ୟନ୍ତ ବ୍ୟାପିଛି । ଏହି ନୂଆ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିବା ସହ ଉରୁମକି ଓ କୋରଲା ମଧ୍ୟରେ ଯାତ୍ରା ପ୍ରାୟ ୭ ଘଣ୍ଟାରୁ ୩ ଘଣ୍ଟାକୁ ହ୍ରାସ ପାଇବ ବୋଲି କୁହାଯାଉଛି ।

## ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଦିନକୁ ଦିନ ବିଦେଶରେ ଭାରତୀୟ ବଂଶୋଦ୍ଭବଙ୍କ ଦବଦବା ବଢ଼ିବାରେ ଲାଗିଛି । ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ମଧ୍ୟରେ ସର୍ବପ୍ରଥମେ ମନକୁ ଆସେ ଆଲ୍‌ଫାବେଟ୍ ଇଙ୍କ୍‌ର ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସତ୍ୟ ନାଡେଲାଙ୍କ ନାମ । ଏକଥା ସତ ଯେ, ଏହି ଦୁଇ ବ୍ୟକ୍ତି ଦୁନିଆର ଦୁଇଟି ଶକ୍ତିଶାଳୀ କମ୍ପାନିକୁ ଚଳାଉଛନ୍ତି । କିନ୍ତୁ ଏହି ତାଲିକାରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କୁ ଟପିଯାଇଛନ୍ତି ଆଉ ଜଣେ ଭାରତୀୟ ବଂଶୋଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍ ।

### ପଛରେ ରହିଗଲେ ସତ୍ୟ ନାଡେଲା, ସୁନ୍ଦର ପିଚାଇ

### ସମ୍ପତ୍ତି ୫୦,୧୭୦ କୋଟି ଟଙ୍କା

ଶ୍ରୀମତୀ ଉଲ୍ଲାଲ୍ ହେଉଛନ୍ତି ଆରିଷ୍ଟା ନେଟୱାର୍କସର ସଭାପତି ଏବଂ ସିଇଓ । ହୁରୁନ୍ ରିପୋର୍ଟ ଅନୁଯାୟୀ, ଜୟଶ୍ରୀ ଉଲ୍ଲାଲଙ୍କ ମୋଟ ସମ୍ପତ୍ତି ୫୦,୧୭୦ କୋଟି ଟଙ୍କାରେ ପହଞ୍ଚିଛି । ସତ୍ୟ ନାଡେଲା ▶ପୃଷ୍ଠା-୭



## 'ଫ୍ଲୋ-ମିଟର' ବିନା ଜଳ ଶୋଷୁଛନ୍ତି ଶିଳ୍ପ ସଂସ୍ଥା

# ୭ ନଦୀରୁ ମନଇଚ୍ଛା ପାଣିଚୋରି

■ ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟ ସରକାର ଶିଳ୍ପ ସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି । ଏହା ମଧ୍ୟ ଜଳସମ୍ପଦ ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ । କିନ୍ତୁ ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଜଳକର ପୈଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି । ଜଳ ଉଠାଣର ହିସାବ ପାଇଁ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଚୁକ୍ତିନାମା ଅନୁଯାୟୀ 'ଫ୍ଲୋ ମିଟର୍' ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ସଂସ୍ଥାମାନେ ମାନୁନାହାନ୍ତି ।



### ୩୧ ଡିଭିଜନକୁ ଚିଠି ଲେଖିଲା ଜଳସମ୍ପଦ ବିଭାଗ

### ୩ ମାସରେ ଫ୍ଲୋ-ମିଟର ନ ଲଗାଇଲେ ୬ ଗୁଣ ଜରିମାନା

### ୫୮୯୦ କୋଟିର ଜଳକର ବକେୟା ଆଦାୟ କେବେ

ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହି ଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି । ଜଳବାୟୁ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁଁ ଏହି ନଦୀଗୁଡ଼ିକରେ ଜଳ ପ୍ରବାହ କମୁଛି । ଏପରିସ୍ଥଳେ ବିନା 'ଫ୍ଲୋ ମିଟର୍'ରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଙ୍କଟ ଆଶଙ୍କା ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ମାତ୍ରାଧିକ ଜଳ ଉତ୍ତୋଳନ ଓ ପାଣିଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟବ୍ୟାପୀ ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସମ୍ପଦ ଡିଭିଜନକୁ ଚିଠି ଲେଖିଛନ୍ତି । ଯେଉଁମାନେ ଏପରି ପାଣିଚୋରି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ଚୁକ୍ତିନାମାର ଅନୁପାଳନ କରୁ ନାହାନ୍ତି ଅର୍ଥାତ୍ 'ଫ୍ଲୋ ମିଟର' ଲଗାଉନାହାନ୍ତି, ସେମାନଙ୍କଠାରୁ ୬ ଗୁଣ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି ।

ଗୋଟିଏ ପଟେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ରାଜ୍ୟ ସରକରଙ୍କର ପ୍ରାୟ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଛି । ଯାହାକୁ ସରକାର ଆଦାୟ କରିବାରେ ବିଫଳ ହୋଇଛନ୍ତି । ସମାନ ସମୟରେ ନଦୀ ଅବବାହିକା ଗୁଡ଼ିକରୁ ଏପରି ମନଇଚ୍ଛା ଜଳ ଉଠାଣ ଭବିଷ୍ୟତରେ ପରିବେଶ ଉପରେ ବିରାଟ କୁପ୍ରଭାବ ସୃଷ୍ଟି କରିବ ବୋଲି ପରିବେଶବିତ୍ ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ, ୧୯୫୯ ଏବଂ ଓଡ଼ିଶା ଜଳସମ୍ପଦ ନିୟମ, ୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ । ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ 'ଫ୍ଲୋ ମିଟର' ଲଗାଇବାକୁ ବାଧ୍ୟ ଅଟନ୍ତି । ଏହି 'ଫ୍ଲୋ ମିଟର' ଲାଗିବା ଦ୍ୱାରା ଉକ୍ତ ସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ଜଣାପଡ଼ିଥାଏ । ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ▶ପୃଷ୍ଠା-୭

### ଜିଡିପି ଅଭିବୃଦ୍ଧି ୭ରୁ ୪%କୁ ହ୍ରାସ ପାଇଲା

## ଆର୍ଥିକ ସଙ୍କଟରେ ବାଂଲାଦେଶ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):ବାଂଲାଦେଶ ବର୍ତ୍ତମାନ ସବୁଠାରୁ କଷ୍ଟକର ଆର୍ଥିକ ସମୟ ଦେଇ ଗତି କରୁଛି । କିଛି ଦିନ ପୂର୍ବରୁ ଏସିଆର ଉଦୀୟମାନ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ଏହି ଦେଶ ଏବେ ଗମ୍ଭୀର ଅନିଶ୍ଚିତତା ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛି । ରାଜନୈତିକ ଅସ୍ଥିରତା, ବର୍ଦ୍ଧିତ ବେକାରି ଏବଂ ଦୁର୍ବଳ ହେଉଥିବା ଅର୍ଥନୀତି ସେଠାରେ ସାଧାରଣ ଲୋକଙ୍କ ଜୀବନ କଷ୍ଟକର କରିଦେଇଛି । ରାଜନୈତିକ ପରିବର୍ତ୍ତନ ପରେ ଅନ୍ତରୀଣ ସରକାର ସ୍ଥିରତା ଏବଂ ସଂସ୍କାର ଆଣିବା ଆଶା କରାଯାଉଥିଲା । ହେଲେ ବର୍ତ୍ତମାନ ପରିସ୍ଥିତି ଭିନ୍ନ । ନିରନ୍ତର ପ୍ରତିବାଦ, ହିଂସା ଏବଂ ଅନିଶ୍ଚିତ ନିଷ୍ପତ୍ତି ବାଂଲାଦେଶର ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ନିବେଶକଙ୍କ ବିଶ୍ୱାସ ଦୁର୍ବଳ ହୋଇଛି ଏବଂ ଅନେକ କମ୍ପାନୀ ଦେଶ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ।



### ଦେଶ ଛାଡିବେ ଅନେକ କମ୍ପାନୀ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ, ବାଂଲାଦେଶର ଆର୍ଥିକ ଅଭିବୃଦ୍ଧି ହାର ଦ୍ରୁତ ହ୍ରାସ ପାଉଛି । ପୂର୍ବରୁ ୭ ପ୍ରତିଶତ ପାଖାପାଖି ରହୁଥିବା ଦେଶର ଜିଡିପି ଅଭିବୃଦ୍ଧି ଏବେ ୪ ପ୍ରତିଶତ ତଳକୁ ଖସିଆସିଛି । ଉତ୍ପାଦନରେ ବିଳମ୍ବ, କଠୋର ନୀତି ଏବଂ ରାଜନୈତିକ ଅନିଶ୍ଚିତତା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି । ଯଦିଓ ବର୍ତ୍ତମାନ ପୂର୍ବ ସମୟ ତୁଳନାରେ ମୁଦ୍ରାସ୍ଫୀତି କିଛି ମାତ୍ରାରେ ହ୍ରାସ ପାଇଛି, ତଥାପି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଙ୍ଗା ରହିଛି । ଏହା ସିଧାସଳଖ ସାଧାରଣ ପରିବାରଗୁଡିକର କ୍ରୟ ଶକ୍ତିକୁ ପ୍ରଭାବିତ କରୁଛି । ଯେତେବେଳେ ଖର୍ଚ୍ଚ ବୃଦ୍ଧି ପାଏ ଏବଂ ଆୟ ହ୍ରାସ ପାଏ, ଘରୋଇ ଚାହିଦା ଦୁର୍ବଳ ହେବା ନିଶ୍ଚିତ । ସରକାରୀ ତଥ୍ୟ ଅନୁଯାୟୀ, ଦେଶରେ ବେକାରି ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ନିଯୁକ୍ତି ହ୍ରାସ ପାଉଛି, ଯାହା ବିଶେଷକରି ଯୁବପିଢ଼ି ଏବଂ ଶ୍ରମିକ ବର୍ଗଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି । ▶ପୃଷ୍ଠା-୭

## ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ



ବାରେଣୀ ବଜାରରେ ଉତ୍ତେଜନା

■ କେନ୍ଦ୍ରାପଡ଼ା, ୨୭ ।୧୨ (ସମିସ): ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ । କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ବାରେଣୀ ବଜାରରେ ଏପରି ଏକ ଜଘନ୍ୟ ଘଟଣା ଘଟିଛି । ମୃତ ବ୍ୟବସାୟୀଜଣଙ୍କ ହେଲେ, ଗରଦପୁର ବ୍ଲକ୍ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ମଳିକ (୪୬) । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏନେଇ ସୁବାସଙ୍କ ପୁଅ ଓମ୍ ଥାନାରେ ଏତଲା ଦେଇଛନ୍ତି । ବାହାରପଟୁ କବାଟ ବନ୍ଦ କରି ଦୁର୍ବୃତ୍ତମାନେ ଦୋକାନରେ ନିଆଁ ଲଗାଇ ବାପାଙ୍କୁ ହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି କୁଦାନଗରୀ ଥାନାଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି ।

ସୂଚନାନୁଯାୟୀ, ସୁବାସଙ୍କର ବାରେଣୀ ବଜାରରେ ଏକ ଭେରାଇଟି ଷ୍ଟୋର୍ ଅଛି । ଏକ ଆଜବେଷ୍ଟସ ଘରେ ସେ ବିଭିନ୍ନ ପ୍ରକାରର ଡ୍ରେସ୍ ସାଙ୍ଗକୁ ପରିବା ଓ ତେଜରାତି ବ୍ୟବସାୟ ମଧ୍ୟ କରୁଥିଲେ । ଶୁକ୍ରବାର ରାତିରେ ସେ କଳାବୁଦା ନିକଟ ଏକ ମଣ୍ଡପରେ ଭୋଜି ଖାଇ ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିଥିଲେ । ଘରେ କିଛି ଖାଦ୍ୟ ଦେବା ପରେ ଦୋକାନକୁ ଶୋଇବାକୁ ଯାଇଥିଲେ । କିନ୍ତୁ ଭୋର୍ ପ୍ରାୟ ୪ଟାରେ ମନ୍ଦିର ପୂଜକ ନଳିନୀକାନ୍ତ ପଣ୍ଡା ଦୋକାନରୁ ନିଆଁ ଓ ଧୂଆଁ ଉଠୁଥିବା ଦେଖି ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ଖବର ଦେଇଥିଲେ । ଲୁହା ଗ୍ରୀଲ୍ ଭାଙ୍ଗି ପରିବାର ଲୋକ ଭିତରକୁ ପଶିଥିଲେ । କିନ୍ତୁ ସେତେବେଳକୁ ସୁବାସ ନିଆଁରେ ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ । ଦୋକାନର କବାଟ ବାହାରପଟୁ ବନ୍ଦ ଥିବାରୁ ଏହା କୌଣସି ଦୁର୍ଘଟଣା ନୁହେଁ, ▶ପୃଷ୍ଠା-୭

## ନିତିନ ନବୀନ ହେବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ


■ ନୂଆଦିଲ୍ଲୀ, ୨୭ ।୧୨ (ଏଜେନ୍ସି): ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିତିନ ନବୀନ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଜାନୁଆରୀ ୧୮ରୁ ଆରମ୍ଭ ହୋଇ ୨୦ ସୁଦ୍ଧା ସଂପନ୍ନ ହେବ । ନିର୍ବାଚନରେ ନିତିନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାର ସମ୍ଭାବନା ରହିଛି । ଏହାହେଲେ ନବୀନ ବିଜେପିର ସବୁଠାରୁ କନିଷ୍ଠ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ । ୨୦୨୯ ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱ ବହନ କରିବେ ।

### ୧୮ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ୨୦ରେ ଘୋଷଣା

୨୦୨୯ରେ ଲୋକସଭା ନିର୍ବାଚନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ପଦରେ ରହିବେ । ଜାନୁଆରୀ ୧୫ ପରେ ପାର୍ଟିର ସବୁ ରାଜ୍ୟ ସଭାପତିଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଡକାଇବ । ଦେଶର ଅର୍ଦ୍ଧାଧିକ ରାଜ୍ୟରେ ରାଜ୍ୟ ସଭାପତିଙ୍କୁ ନିର୍ବାଚିତ କରାଯାଇଛି । ୩୭ଟି ରାଜ୍ୟ ୟୁନିଟରୁ ୨୯ଟିରେ ଅନ୍ତରୀଣ ନିର୍ବାଚନ ଶେଷ ହୋଇସାରିଛି । ନିତିନ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ । ଫଳରେ ବିଜେପିର ▶ପୃଷ୍ଠା-୭

## କଂଗ୍ରେସର ଅଡୁଆ ବଢ଼ାଇଲେ ଦିଗ୍‌ବିଜୟ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଆଜି ଏଠାରେ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସିଡବ୍ଲ୍ୟୁସିର ବୈଠକ ଚାଲିଥିବା ବେଳେ ଦଳର ବରିଷ୍ଠ ନେତା ଦିଗବିଜୟ ସିଂହ ବିଜେପି ଏବଂ ଆରଏସଏସକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ପୋଷ୍ଟ କରିଛନ୍ତି । ଏହାକୁ ନେଇ କଂଗ୍ରେସ ଆଜି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ମଧ୍ୟ ଦିଗବିଜୟ ଆଜି ଏହି ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଦଳୀୟ ସଭାପତି ଖଡ଼ଗେ ଏବଂ ଅନ୍ୟ ନେତାମାନେ ତାଙ୍କୁ ଅଟକାଇଥିଲେ । ପୂର୍ବରୁ ମୋଦୀଙ୍କୁ ପ୍ରଶଂସା କରି କଂଗ୍ରେସ ସାଂସଦ ଶଶୀ ଥରୁର ତାଙ୍କ ଦଳକୁ ଅଡୁଆରେ ପକାଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଦିଗବିଜୟଙ୍କ ଏଭଳି ପୋଷ୍ଟିଂ କଂଗ୍ରେସ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇଦେଇଛି ।



### ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରଶଂସା କରି ସିଡବ୍ଲ୍ୟୁସି ବୈଠକରେ ଅପଦସ୍ଥ

କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଦିଗବିଜୟ ସିଂହ ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୋଦୀଙ୍କ ଏକ ଫଟୋ ପୋଷ୍ଟ କରିବା ସହିତ ବିଜେପି ଏବଂ ଆର୍‌ଏସ୍‌ଏସ୍‌ର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଥିଲେ । ୧୯୯୬ରେ ନିଆଯାଇଥିବା ଏହି ଫଟୋରେ ବିଜେପି ନେତା ଆଡ଼ଭାନୀ ଚୌକିରେ ବସିଥିବା ବେଳେ ତାଙ୍କ ସାମନାରେ ତଳେ ବସିଛନ୍ତି ମୋଦୀ । ଶଙ୍କର ସିଂହ ବାଘେଲା ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଉତ୍ସବର ଥିଲା ଏହି ଫେଟୋ । ଏହି ଫଟୋକୁ ଚମତ୍କାର ଦର୍ଶାଇ ଦିଗବିଜୟ ଲେଖିଛନ୍ତି ଯେ ବିଜେପି ଓ ସଂଘର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଯିଏକି ଆଡ଼ଭାନୀଙ୍କ ପାଦ ପାଖରେ ବସିଥିଲେ, ଆଜି ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଏହା ହେଉଛି ସଂଗଠନର ଶକ୍ତି । ଏହାକୁ ପୋଷ୍ଟ କରିବା ସହିତ ଏଥିରେ କଂଗ୍ରେସ ସଭାପତି ଖଡ଼ଗେ, ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ଟାଗ୍ କରିଛନ୍ତି ଦିଗବିଜୟ । ତାଙ୍କର ଏହି ପୋଷ୍ଟ କଂଗ୍ରେସ ରାଜନୀତିରେ କଂପନ ସୃଷ୍ଟି କରିଛି । ଏହାକୁ ନେଇ କଂଗ୍ରେସ ନେତାମାନେ ନିରବ ରହିଥିବା ବେଳେ ବିଜେପି କଂଗ୍ରେସ ନେତା ▶ପୃଷ୍ଠା-୭

### ବ୍ରହ୍ମଗିରିରେ ପୁଣି ଲଜ୍ଜା

## ଘରେ ପଶି ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ

■ ବ୍ରହ୍ମଗିରି, ୨୭।୧୨ (ସମିସ): ବ୍ରହ୍ମଗିରିରେ ପୁଣି ଲଜ୍ଜା । ଗତ ସେପ୍ଟେମ୍ବର ମାସରେ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିଲା । ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ହଟଚମଟ ହୋଇଥିବା ବେଳେ ପୁଣି ବ୍ରହ୍ମଗିରିରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ କରାଯାଇଛି । ବ୍ରହ୍ମଗିରି ଥାନା ଅଞ୍ଚଳର ସମ୍ପୃକ୍ତ ଦିବ୍ୟାଙ୍ଗ ମହିଳା ଘରେ ଏକାକୀ ଥିଲେ । ଏହାର ସୁଯୋଗ ଦେଇ ଜଣେ ଯୁବକ ଘରେ ପଶି ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରଉଚରା କରୁଛି ।



### ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ମହିଳାଜଣଙ୍କ ଘରେ ଏକୁଟିଆ ଥିଲେ । ଏହି ସମୟରେ ଅଭିଯୁକ୍ତଜଣଙ୍କ ତାଙ୍କ ଘର ଭିତରେ ପଶି ଜୋର୍ ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା (ନଂ.୫୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୀଡ଼ିତାଙ୍କର ଡାକ୍ତରୀ ମାଇନା ପରେ ୧୮୩ ବିଏନ୍‌ଏସ୍‌ରେ ବୟାନ ରେକର୍ଡ କରାଯାଇଛି । ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ଅଧିକ ତଦନ୍ତ ଚାଲିଛି ବୋଲି ବ୍ରହ୍ମଗିରି ଥାନାଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି ।

## ସଶକ୍ତ ସଂଗଠନ ପାଇଁ ନବୀନ ଆଙ୍କିଲେ ରୋଡ୍‌ମ୍ୟାପ୍

### ପ୍ରଥମ ପର୍ଯ୍ୟାୟରେ ବିଜେଡିର ୧୧ ଜିଲ୍ଲା କମିଟି ପୁନର୍ଗଠିତ

■ ଭୁବନେଶ୍ୱର, ୨୭।୧୨ (ସମିସ): ଦଳର ପ୍ରତିଷ୍ଠା ଦିବସ ଉଦ୍‌ବୋଧନରେ ସଂଗଠନକୁ ନେଇ ବଡ଼ ସଙ୍କେତ ଦେଇଥିଲେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଆଜି କିମ୍ବା କାଲି ନୁହେଁ; ଆସନ୍ତା ୧୦୦ ବର୍ଷ ଯାଏଁ ବିଜେଡିର ପ୍ରତିଟି କାର୍ଯ୍ୟକର୍ତ୍ତା ଓଡ଼ିଶାବାସୀଙ୍କ ସ୍ୱର ହୋଇ ରାଜ୍ୟର ସ୍ୱାର୍ଥ ପାଇଁ କାମ କରିବେ ବୋଲି ନବୀନ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ନବୀନଙ୍କ ଗତକାଲିର ଭାଷଣରୁ ଦଳର ସାଂଗଠନିକ ବିନ୍ୟାସ ତଥା ସଂସ୍କାରକୁ ନେଇ ସ୍ପଷ୍ଟ ସୂଚନା ମିଳିଥିବା ବେଳେ ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳକୁ ପୁଣିଥରେ ଏକ ନମ୍ବର କରିବା ପାଇଁ ନବୀନ ନିଜେ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ।

ଶନିବାର ନବୀନ ପ୍ରାଥମିକ ପର୍ଯ୍ୟାୟରେ ୧୧ଟି ଜିଲ୍ଲାରେ ନୂଆ ଜିଲ୍ଲା କମିଟି ଗଠନ କରିଛନ୍ତି । ଏହି ନୂଆ କମିଟିର ସଦସ୍ୟମାନେ ଦଳର କାର୍ଯ୍ୟକ୍ରମ, ସରକାରଙ୍କ ବିଫଳତାକୁ ତୃଣମୂଳ ସ୍ତରରେ ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ତୃଣମୂଳସ୍ତରରେ ସାଂଗଠନିକ ପୁନର୍ବିନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତରୁ ଶଙ୍ଖ ଭବନ ଯାଏଁ ଏକାଧିକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦଳର ବରିଷ୍ଠ ନେତାଙ୍କ ପକ୍ଷରୁ ସୂଚନା ମିଳିଛି ।

### ଆଗକୁ ବ୍ଲକ ଓ ପଞ୍ଚାୟତ ସଂଗଠନର ପାଳି

### ନଜରରେ ରହିବ ପୌର ଓ ପଞ୍ଚାୟତ ନିର୍ବାଚନ

ଶନିବାର ଯେଉଁ ୧୧ଟି ଜିଲ୍ଲାରେ ଜିଲ୍ଲା କମିଟିଗୁଡ଼ିକର ପୁନର୍ଗଠନ କରାଯାଇଛି, ସେଗୁଡ଼ିକ ମଧ୍ୟରେ ବୌଦ୍ଧ, କନ୍ଧମାଳ, ଦେବଗଡ, ଗଜପତି, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ ସୋନପୁର ଅନ୍ୟତମ ।

ଏହି ଜିଲ୍ଲା କମିଟିଗୁଡ଼ିକରେ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନବୀନ ନୂଆକରି ନିଯୁକ୍ତି ପ୍ରଦାନ କରିଛନ୍ତି । ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲ୍ଲାରେ କମିଟିର ପୁନର୍ଗଠନ କରାଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।



ପ୍ରତିଷ୍ଠା ଦିବସ ଅଭିଭାଷଣରେ ନବୀନ ମୁଖ୍ୟତଃ ୩ଟି ଦିଗକୁ ଇଙ୍ଗିତ କରିଥିଲେ । ଦୃଢ଼ ସଂଗଠନ ମାଧ୍ୟମରେ ବିରୋଧୀଙ୍କ ପ୍ରତିଟି 'ନେରେଟିଭ୍'ର ଉପଯୁକ୍ତ ମୁକାବିଲା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ▶ପୃଷ୍ଠା-୭

## ଆସାମରେ ୧୦.୫୬ ଲକ୍ଷ ଭୋଟରଙ୍କ ନାମ କଟିଲା

ଗୌହାଟୀ, ୨୭ ।୧୨(ଏଜେନ୍ସି): ଆସାମରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସଆଇଆର) ଶେଷ ହୋଇଛି । ଭୋଟର ତାଲିକାରୁ ୧୦, ୫୬, ୨୯୧ ଜଣଙ୍କ ନାମ ବାଦ୍ ଦିଆଯାଇଛି । ନିର୍ବାଚନ କମିଶନ ସ୍ୱତନ୍ତ୍ର ସଂଶୋଧନ ନାମରେ ଆସାମରେ ଭୋଟର ତାଲିକା ଯାଞ୍ଚ୍ ପ୍ରକ୍ରିୟା ଆରମ୍ଭ କରିଥିଲେ । ଶନିବାର ପ୍ରକାଶିତ ଡ୍ରାଫ୍ଟ ତାଲିକା ଅନୁଯାୟୀ ଆସାମରେ ମୋଟ୍ ୨ କୋଟି ୫୧ ଲକ୍ଷ ୯ ହଜାର ୭୫୪ ଭୋଟର ଅଛନ୍ତି । ତେବେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରେ ୯୩ହଜାରରୁ ଅଧିକ ଡି ଭୋଟର ଅର୍ଥାତ ସନ୍ଦିଗ୍ଧ ଭୋଟର ଏଥିରେ ଅନ୍ତର୍ଭୁକ୍ତ ନୁହନ୍ତି । ମୃତ୍ୟୁ, ସ୍ଥାନାନ୍ତର ଓ ନକଲି ଏଣ୍ଟ୍ରି ପାଇଁ ୧୦.୫୬ ଲୋକଙ୍କ ଭୋଟରଙ୍କୁ ତାଲିକାରୁ ହଟାଯାଇଛି । ଆସାମରେ ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନଭେମ୍ବର ୨୨ରୁ ଡିସେମ୍ବର ୨୦ ମଧ୍ୟରେ କରାଯାଇଥିଲା । ଏହି ଅବସରରେ ଘରେ ଘରେ ଯାଇ ଯାଞ୍ଚ କରାଯାଇଥିଲା ଓ ଏହାପରେ ଡ୍ରାଫ୍ଟ ଭୋଟର ତାଲିକା ଜାରି କରାଯାଇଛି । ଜାନୁଆରୀ ୨୨ ପର୍ଯ୍ୟନ୍ତ ଭୋଟର ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ । ଚୂଡାନ୍ତ ଭୋଟର ତାଲିକା ଫେବୃଆରୀ ୧୦ରେ ପ୍ରକାଶିତ ହେବ । ଉଲ୍ଲେଖଥାଉ କି, ଯେଉଁମାନଙ୍କ ନାଗରିକାତା ଉପରେ ସନ୍ଦେହ ଥାଏ, ସେମାନଙ୍କୁ ଡି- ଭୋଟର କୁହାଯାଇଥାଏ ଓ ଏମାନଙ୍କ ଉପରେ ସରକାର ସନ୍ଦେହ ପ୍ରକଟ କରିଥାନ୍ତି ଓ ଏମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦିଆଯାଏ ନାହିଁ ।

## ଟ୍ରମ୍ପ- ଜେଲେଁସ୍କି ବୈଠକ ପୂର୍ବରୁ କିଭ୍‌ରେ ରୁଷିଆର ଆକ୍ରମଣ

କିଭ୍, ୨୭ ।୧୨(ଏଜେନ୍ସି): ରୁଷିଆ- ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୪ ବର୍ଷ ପୂରଣ କରିଥିଲେ ମଧ୍ୟ ବନ୍ଦ ହେବାର ନାମ ନେଉନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କ ବୈଠକର ଠିକ୍ ପୂର୍ବରୁ ହିଁ ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ଆକ୍ରମଣ କରିଛି । ରବିବାର ଫ୍ଲୋରିଡାରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଯୁଦ୍ଧ ସବୁଠାରୁ ଘାତକ ସାବ୍ୟସ୍ତ ହୋଇଛି । ରୁଷିଆ ଶନିବାର ସକାଳେ ୫୦୦ ଡ୍ରୋନ୍ ଓ ୪୦ ବାଲାଷ୍ଟିକ ମିସାଇଲ ସହ ଆକ୍ରମଣ କରିବା ସହ ଶକ୍ତି ଓ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛି ବୋଲି ଜେଲେଁସ୍କି କହିଛନ୍ତି । ଯଦି ରୁଷିଆ ଖ୍ରୀଷ୍ଟମାସ୍ ଓ ନୂଆବର୍ଷର ସମୟରେ ଆକ୍ରମଣ କରି ଘର ଓ ଆପାର୍ଟମେଣ୍ଟଗୁଡିକୁ ଧ୍ୱଂସ କରେ ତେବେ ଏହାର ଦୃଢ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ରୁଷିଆର ଏହି ଆକ୍ରମଣରେ ୮ ଜଣ ଲୋକ ଆହତ ହୋଇଛନ୍ତି । କିଭ୍‌ରେ ହୋଇଥିବା ଆକ୍ରମଣରେ କେହି ମୃତାହତ ହୋଇ ନଥିଲେ ମଧ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ୧୮ ମହଲା କୋଠାରେ ନିଆଁ ଲାଗିଯାଇଛଇ ।

## ଜାନୁଆରୀ ୧ ନୂଆ ବର୍ଷକୁ ଛୁଟି ଘୋଷଣା କଲା ବାହାରିନ୍

ମାନାମା, ୨୭ ।୧୨(ଏଜେନ୍ସି): ପଶ୍ଚିମ ଏସିଆର ଦୀପ ଦେଶ ବାହାରିନ୍ ନୂଆ ବର୍ଷ ୨୦୨୬ ଜାନୁଆରୀ ପହିଲାକୁ ଛୁଟି ଘୋଷଣା କରିଛି । ଫଳରେ ଦେଶରେ ସବୁ ସରକାରୀ ବିଭାଗର କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସେଦିନ ବନ୍ଦ ରହିବା ସ୍ପଷ୍ଟ ହୋଇଛି । ରାଜକୁମାର ସଲମାନ ବିନ୍ ହମାଦ ଅଲ ଖଲିଫା ଓ ପ୍ରଧାନମନ୍ତ୍ରୀ ଏ ନେଇ ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଦେଶର ସବୁ ମନ୍ତ୍ରଣାଳୟ, ରାଜ୍ୟ ବିଭାଗ ଏବଂ ସାର୍ବଜନୀନ ପ୍ରତିଷ୍ଠାନଗୁଡିକ ଜାନୁଆରୀ ପହିଲାରେ ବନ୍ଦ ରହିବ ବୋଲି କୁହାଯାଇଛି । ଫଳରେ ସରକାରୀ କର୍ମଚାରୀ ଓ ନାଗରିକମାନେ ନୂଆବର୍ଷରେ ନିଜର ଯୋଜନା ଅନୁଯାୟୀ ଉତ୍ସବ ପାଳନ କରିପାରିବେ । ବାହରିନର ପରମ୍ପରା ସହିତ ଏହି ଛୁଟି ଘୋଷଣା ମେଳ ଖାଉଛି । ଛୁଟିଦିନ ସହ ନୂଆବର୍ଷ ଆରମ୍ଭ ହେବ ଓ ସମସ୍ତେ ନୂଆବର୍ଷକୁ ନୂତନ ଉଲ୍ଲାସ ଓ ଉତ୍ସାହର ସହ କାମ କରିବେ ।

## ଅସ୍ତ୍ରବିରତି ପାଇଁ ରାଜିହେଲେ ଥାଇଲାଣ୍ଡ- କାମ୍ବୋଡ଼ିଆ

ବ୍ୟାଙ୍କକ୍, ୨୭ ।୧୨(ଏଜେନ୍ସି): ଗତ କେତେ ସପ୍ତାହ ଧରି ସଂଘର୍ଷରେ ଲିପ୍ତ ଥିବା ଦୁଇ ଦକ୍ଷିଣପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଅବଶ୍ୟ ଦୁଇଦେଶ ମଧ୍ୟରେ ବର୍ଷ ବର୍ଷ ଧରି ଚାଲି ଆସୁଥିବା ଏହି ଯୁଦ୍ଧରେ ଲଢୁଆ ଜେଟ୍, ରକେଟ, ଗୁଳି ବିନିମୟ ଓ ତୋପ ମାଡ ଦେଖିବାକୁ ମିଳିଥିଲା । ଦୁଇ ଦେଶ ବର୍ତ୍ତମାନର ସୈନ୍ୟ ମୁତୟନକୁ ବଜାୟ ରଖିବାକୁ ଓ ଆଉ ଅଧିକ ଗତିବିଧି ନ କରିବାକୁ ରାଜି ହୋଇଛନ୍ତି । ଏ ନେଇ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ଯୁଦ୍ଧବିରତି ଉପରେ ଏକ ମିଳିତ ବିବୃତ୍ତି ଦେଇଛନ୍ତି । ଉଲ୍ଲେଖଥାଉ କି, ଚଳିତ ଡିସେମ୍ବର ଆରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ପୂର୍ବରୁ ହୋଇଥିବା ଯୁଦ୍ଧକୁ ବନ୍ଦ କରିବାକୁ ମଧ୍ୟସ୍ଥତା କରିଥିଲେ ଓ ଅସ୍ତ୍ରବିରତି ହୋଇଥିଲା । କିନ୍ତୁ ଏହାପରେ ପୁଣି ଯୁଦ୍ଧ ଆରମ୍ଭ ହୋଇଥିଲା । ପ୍ରାୟ ଏକ ଶତାବ୍ଦୀରୁ ଅଧିକ ସମୟ ହେବ ଏହି ଦୁଇ ଦେଶ ମଧ୍ୟରେ ୮୧୭ କିମି ବିଶିଷ୍ଟ ସ୍ଥଳ ସୀମା ନେଇ ଏକାଧିକ ସଂଘର୍ଷର ସୂତ୍ରପାତ ହୋଇଛି ।

## ୫ ବର୍ଷ ପରେ ମ୍ୟାଁମାରରେ ହେବ ସାଧାରଣ ନିର୍ବାଚନ

ନେପିଡ, ୨୭ ।୧୨(ଏଜେନ୍ସି): ଗୃହଯୁଦ୍ଧ ଜର୍ଜରିତ ମ୍ୟାଁମାରରେ ଡିସେମ୍ବର ୨୮ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ପାଖାପାଖି ୫ ବର୍ଷ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହାପରେ ଜାନୁଆରୀ ୧୧ ଓ ୨୫ରେ ବାକି ଆଗାମୀ ପର୍ଯ୍ୟାୟରେ ମତଦାନ ହେବ । ୨୮ ଓ ୧୧ ତାରିଖ ନିର୍ବାଚନରେ ୨୦୨ ଆସନରେ ମତଦାନ ହେବ । ସେହିପରି ୨୫ ତାରିଖରେ ହେବାକୁ ଥିବା ଚୂଡାନ୍ତ ପର୍ଯ୍ୟାୟରେ ୬୩ ଟାଉନସିପ୍‌ରେ ମତଦାନ ହେବ ବୋଲି ସାମରିକ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । ମୋଟ୍ ଉପରେ ୫୭ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କୁ ଛିଡ଼ା କରିବେ । କିନ୍ତୁ ଅଧିକାଂଶ ଦଳ ନିଜର ଘରୋଇ ରାଜ୍ୟରେ ହିଁ ପ୍ରାର୍ଥୀ ଦେବେ । ତେବେ ୬ଟି ଦଳ ଦେଶ ବ୍ୟାପୀ ନିର୍ବାଚନରେ ଅବତୀର୍ଣ୍ଣ ହେବେ । ଭୋଟ ଗଣନା ଓ ନିର୍ବଚନ ଫଳାଫଳର ତାରିଖ ଘୋଷଣା କରାଯାଇନାହିଁ । ଏଥର ସେନା ସମର୍ଥକ ୟୁଏସ୍‌ଡିପି ପାର୍ଟି ହିଁ ସରକାର ଗଠନ କରବାର ସମ୍ଭାବନା ଅଧିକ ରହିଛି । ୧, ୧୦୦ ଆସନ ପାଇଁ ୫, ୦୦୦ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହେବେ । କିନ୍ତୁ ଦେଶର ପ୍ରମୁଖ ରାଜେନୈତିକ ନେତା ଆଙ୍ଗ ସା ସୁକି ଓ ତାଙ୍କ ଦଳ ନିର୍ବାଚନରେ ଭାଗ ନେବେ ନାହିଁ । ସୁକି ଏବେ ୨୭ ବର୍ଷର ଜେଲଦଣ୍ଡ ଭୋଗୁଛନ୍ତି ।

## ଆମେରିକାରେ ତୁଷାରଝଡ଼

# ଡେଭିଲ୍ ସାଜିଲା 'ଡେଭିନ୍'





ନ୍ୟୁୟର୍କ, ୨୭ ।୧୨(ଏଜେନ୍ସି): ଆମେରିକାରେ ଶୀତକାଳୀନ ତୁଷାର ଝଡ଼ ଡେଭିନ୍ ନାହିଁ ନଥିବା ସ୍ଥିତି ସୃଷ୍ଟିକରିଛି । ଫଳରେ ଖ୍ରୀଷ୍ଟମାସ ଓ ନୂଆବର୍ଷର ଛୁଟିଦିନର ଯାତ୍ରାକୁ ଏହି ଝଡ଼ ସାଂଘାତିକ ଭାବେ ବାଧାପ୍ରାପ୍ତ କରିଛି । ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍ ଆୱେର ଅନୁସାରେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ୧, ୮୦୨ ବିମାନ ବାତିଲ କରାଯାଇଥିଲା ଓ ୨୨, ୩୪୯ଟି ବିମାନ ବିଳମ୍ବିତ ହୋଇଥିଲା । କେବଳ ନ୍ୟୁୟର୍କ ବିମାନ ବନ୍ଦରରେ ୭୮୫ ବିମାନ ବାତିଲ ହୋଇଛି । ଏହି ସମୟ ହେଉଛି ଛୁଟିଦିନର ସବୁଠାରୁ ବଡ଼ ଋତୁ । ପାର୍ବଣର ଏହି ଋତୁରେ ରେକର୍ଡ ସଂଖ୍ୟକ ଆମେରିକୀୟ ଘରକୁ ଓ ବିଦେଶ ମଧ୍ୟ ଯାତ୍ରା କରିଥାନ୍ତି । ଏଥିପାଇଁ ଏକାଧିକ

- ୧୮୦୨ ବିମାନ ବାତିଲ
- ୨୨ ହଜାର ବିଳମ୍ବିତ
- ବହୁ ଏୟାରଲାଇନ୍ସ ଠପ୍

ଏୟାର ଲାଇନ୍ସ ପ୍ରଭାବିତ ଯାତ୍ରୀଙ୍କ ପାଇଁ ପରିବର୍ତ୍ତନ ଶୁଳ୍କ ଛାଡ଼ କରିଛନ୍ତି ଓ ପୁନଃ ବୁକିଂ ସହାୟତା ପ୍ରଦାନ କରୁଛନ୍ତି । ଯାତ୍ରୀମାନଙ୍କୁ ବିମାନ ସ୍ଥିତି ଯାଞ୍ଚ୍ କରିବାକୁ ଓ ଅତିରିକ୍ତ ସମୟ ଦେବାକୁ କୁହାଯାଇଛି । ଏହି ଝଡ଼ ଡେଭିନ୍ ଯୋଗୁଁ ରାସ୍ତା ଓ ସଡ଼କ ଯାତ୍ରା ବିପଦପୂର୍ଣ୍ଣ ହୋଇଛି । ଅନେକ ଅଞ୍ଚଳରେ ବାଣିଜ୍ୟିକ ଓ ଯାନବାହାନ ଉପରେ କଟକଣା ଲାଗୁ କରାଯାଇଛି । ଝଡ଼ ଆହୁରି ତୀବ୍ର ହେବା ଆଶଙ୍କା କରାଯାଉଛି । ଜାତୀୟ ପାଣିପାଗ ସେବା ଶୀତକାଳୀନ ଝଡ଼ ଡେଭିନ୍ ନେଇ ଚେତାବନୀ ଜାରି କରିଛି । ଆଗକୁ ଗ୍ରେଟ ହ୍ରଦ, ଉତ୍ତର- ମଧ୍ୟ ଆଟଲାଣ୍ଟିକ ଓ ଦକ୍ଷିଣ ନ୍ୟୁ ଇଂଲଣ୍ଡରେ ଯାତ୍ରା ବିପଦପୂର୍ଣ୍ଣ ହେବ ବୋଲି କୁହାଯାଇଛି ।

**କୁହୁଡି ଯୋଗୁଁ ଜାପାନରେ ସିରିଜ୍ ଦୁର୍ଘଟଣା**

ଟୋକିଓ: ଜାପାନର ଗୁମ୍ମା ରାଜ୍ୟର ମିନାକାମୀ ସହରରେ କାନ୍-ଏତସୁ ଏକ୍ସପ୍ରେସ ୱେରେ ଶୁକ୍ରବାର ବିଳମ୍ବିତ ରାତିରେ ତୁଷାରପାତ ଓ ଘନ କୁହୁଡି ଯୋଗୁଁ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଦୃଶ୍ୟମାନ କମ୍ ହେବା କାରଣରୁ ଦୁଇଟି ଟ୍ରକ୍ ପରସ୍ପରକୁ ଧକ୍କା ଦେଇଥିଲେ । ଫଳରେ ଏକ୍ସପ୍ରେସ ୱେର ଏକ ଅଂଶକୁ ଏହି ଦୁର୍ଘଟଣା ଅବରୋଧ କରିଥିଲା । କିନ୍ତୁ ସଡ଼କରେ ବରଫ ପଡ଼ିଥିବା କାରଣରୁ ପଛରୁ ଆସୁଥିବା ଗାଡିଗୁଡିକ ଠିକ୍ ସମୟରେ ବ୍ରେକ୍ ଲଗାଇପାରି ନଥିଲେ । ଫଳରେ ୫୦ରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ ଓ ସିରିଜ ଦୁର୍ଘଟଣା ହୋଇଥିଲା । ଏହି କାରଣରୁ କେତୋଟି ଗାଡ଼ିରେ ନିଆଁ ଲାଗିଯାଇଥିଲା । ଏଥିରେ ଜଣେ ୭୭ ବର୍ଷୀୟା ମହିଳା ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୬ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ସମୟରେ ବର୍ଷ ଶେଷ ଓ ନୂଆବର୍ଷ ଛୁଟି କାରଣରୁ ପ୍ରବଳ ଟ୍ରାଫିକ ଜାମ୍ ଦେଖିବାକୁ ମିଳିଥିଲା । ଏଥିରେ ଡଜନେରୁ ଅଧିକ ସଂଖ୍ୟକ ଗାଡ଼ି ଜଳି ପାଉଁଶ ହୋଇଯାଇଛି ।

# ନୂଆବର୍ଷ ପୂର୍ବରୁ ଦିଲ୍ଲୀରେ ଚଢ଼ଉ

## ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ, ମଦ ଜବତ; ୬୦୦ ଗିରଫ



ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ପୁଲିସର ଦକ୍ଷିଣପୂର୍ବ ଜିଲ୍ଲା ଟିମ୍ 'ଅପରେସନ ଆଘାତ ୩.୦' ଆରମ୍ଭ କରି ଶୁକ୍ରବାର ବିଳମ୍ବିତ ରାତିରେ ୬୦୦ ଜଣ ଅପରାଧୀଙ୍କୁ ଗିରଫ କରିଛି । ଏକ୍ସାଇଜ୍ ଆଇନ୍, ଏନ୍‌ପିଏସ୍ ଆଇନ୍ ଓ ଜୁଆ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡେପୁଟି କମିଶନର ଅଫ ପୁଲିସ (ଡିସିପି) ହେମନ୍ତ ତିୱାରୀ କହିଛନ୍ତି । ଏହି ଗିରଫଦାରୀ ବ୍ୟତୀତ ୫୦୪ ଜଣଙ୍କ ବିରୋଧରେ ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଆଉ ୧୧୬ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୧୦ ଜଣ ପ୍ରପର୍ଟି ଅଫେଣ୍ଡର ଓ ୫ ଜଣ ଅଟୋ ଲିଫ୍ଟରଙ୍କୁ ମଧ୍ୟ ଗିରଫ କରାଯାଇଛି । ପୁଲିସ ଏହିକ୍ରମରେ ୨୧ଟି ଦେଶୀ ପିସ୍ତଲ, ୨୦ଟି ଜୀବନ୍ତ ଗୁଳି, ୨୭ଟି ଛୁରୀ ଜବତ କରିଛି । ସେହିପରି ୧୨,୨୮୫ ଲିଟର ବେଆଇନ୍ ମଦ, ୬.୦୧ ଗଞ୍ଜେଇ ଓ ୨,୩୦,୯୯୦ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି । ଏଥିସହ ୩୧୦ ମୋବାଇଲ ଫୋନ, ୨୩୧ ଦୁଇଚକିଆ ଯାନ, ଗୋଟିଏ ୪ ଚକିଆ ଯାନ ମଧ୍ୟ ଅପରେସନରେ ଜବତ ହୋଇଛି । ୧,୩୦୬ ଜଣଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ଉଲ୍ଲେଖଥାଉ କି, ଅପରେସନ ଆଘାତ ହେଉଛି ଦିଲ୍ଲୀ ପୁଲିସ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ । ଏହାର ମୂଳ ଲକ୍ଷ୍ୟ ହେଉଛି, ଦକ୍ଷିଣପୂର୍ବ ଦିଲ୍ଲୀରେ ସଂଗଠିତ ଅପରାଧ ଓ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଏହି ଅଭିଯାନ ନିଶା କାରବାର, ବେଆଇନ ମଦ ବ୍ୟବସାୟ, ଜୁଆ ନେଟୱର୍କ, ଅସ୍ତ୍ରଶସ୍ତ୍ର ବହନ କରୁଥିବା ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ।

# 'ମନରେଗା' ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ



ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ବା ମନରେଗା ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ । ଏହି ଯୋଜନାକୁ ଉଚ୍ଛେଦ କରି ଏହା ବଦଳରେ ଭିଜି ଜି-ରାମ-ଜି ଯୋଜନା ଆଣିଛନ୍ତି ମୋଦୀ ସରକାର । ପୁଣି ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଇଦେଇଛନ୍ତି । ଏହାକୁ ନେଇ କଂଗ୍ରେସ ଉଦବେଗ ପ୍ରକାଶ କରିବା ସହିତ ଆସନ୍ତା ଜାନୁଆରୀ ୫ ତାରିଖରୁ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଘୋଷଣା କରିଛି ।

ଆଜି ଏଠାରେ ଅନୁଷ୍ଠିତ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ସିଡବ୍ଲ୍ୟୁସି ବା କଂ।ଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଲେ ଯେ ମନରେଗା ଉଚ୍ଛେଦ କରି ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କୁ ଅପମାନ କରିଛନ୍ତି । ଏହା ବିରୋଧରେ ଦେଶବ୍ୟାପୀ ଆସନ୍ତା ୫ ତାରିଖରୁ ଆନ୍ଦୋଳନ କରିବାକୁ ବୈଠକରେ ଶପଥ ନିଆଯାଇଛି । ମନରେଗା ବଚାଓ ନାମରେ ଏହି ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି । ମନରେଗା ପାଇଁ ଆମେ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛୁ । ଏହା କେବଳ ଏକ ଯୋଜନା ନୁହେଁ, ବରଂ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଶ୍ରମ ଅଧିକାର । ମନରେଗାରୁ ଗାନ୍ଧୀଙ୍କ ନାମ ହଟାଇବା ଲାଗି ହୋଇଥିବା ଷଡ଼ଯନ୍ତ୍ରର ଗଣତାନ୍ତ୍ରିକ ରୂପେ ବିରୋଧ କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଲେ ଯେ ମନରେଗା ଉଚ୍ଛେଦ ପୂର୍ବରୁ କାହାରି ସହ କଥା ହୋଇ ନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏପରିକି ତାଙ୍କର ଅଫିସ ଏସଂପର୍କରେ କୌଣସି କେନ୍ଦ୍ର ମନ୍ତ୍ରୀ କିମ୍ବା ଦଳୀୟ ନେତାଙ୍କ ସହିତ ମଧ୍ୟ ବିଚାରବିମର୍ଶ ମଧ୍ୟ କରିନାହିଁ । ଦେଶରେ କିପରି ୱାନ ମ୍ୟାନ୍ ସୋ ଚାଲିଛି, ଏହା ହେଉଛି ତାହାର ଉଦାହରଣ । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଖଡ଼ଗେଙ୍କ ସମେତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅସନ୍ତୁଷ୍ଟ ନେତା ଶଶୀ ଥରୁର ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ଏସ୍‌ଆଇଆର ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

## ବାଂଲାଦେଶ ସ୍କୁଲ ସଙ୍ଗୀତ କାର୍ଯ୍ୟକ୍ରମରେ ଆକ୍ରମଣ

ଢାକା, ୨୭ ।୧୨(ଏଜେନ୍ସି): ବାଂଲାଦେଶର ଫରିଦପୁର ଜିଲ୍ଲାରେ ଶୁକ୍ରବାର ରାତିରେ ସ୍କୁଲର ୧୮୫ତମ ବାର୍ଷିକ ଉତ୍ସବ ପାଳନ କରାଯାଉଥିବା ବେଳେ ହିଂସାକାଣ୍ଡ ଘଟିଛି । ପ୍ରସିଦ୍ଧ ଗାୟକ ଜେମ୍ସ (ନାଗର ବାଉଲ)ଙ୍କ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କେତେକ ମୌଳବାଦୀ ଟେକାପଥର ମାଡ଼ କରିଥିଲେ । ରାତି ପ୍ରାୟ ୯.୩୦ରେ ଜେମ୍ସ ମଞ୍ଚ ଉପରକୁ ଯାଉଥିବା ସମୟରେ ହିଁ ଏହି ଆକ୍ରମଣ ହୋଇଥିଲା । ଆୟୋଜକଙ୍କ ଅନୁଯାୟୀ କିଛି ବାହାର ଲୋକ ଜୋରଜବରସ୍ତ ସଭା ସ୍ଥଳରେ ପଶିବାକୁ ଚେଷ୍ଟା କରିଥିଲେ । ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରାଯାଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଇଟା, ପଥର, ଚେୟାର ଫିଙ୍ଗିବା ସହ ମଞ୍ଚ ଆଡକୁ ମାଡିଯାଇଥିଲେ । ଏହାପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଏହି ଘଟଣାରେ ୨୦ଜଣ ଆହତ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଓ ସ୍ୱେଚ୍ଛାସେବୀମାନେ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆକ୍ରମଣକାରୀ ପଛକୁ ହଟି ନଥିଲେ । ବ୍ରିଟିଶ ଶାସନ ବେଳେ ଏହି ସ୍କୁଲର ସ୍ଥାପନ ହୋଇଥିଲା ।


## ବ୍ରହ୍ମୋସର ନୂଆ ସଂସ୍କରଣ ବିକଶିତ କରୁଛି ଭାରତ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରେସନ ସିନ୍ଦୂରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଅନ୍ତର୍ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିଥିବା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ଆହୁରି ବିକଶିତ ହେବାକୁ ଯାଉଛି । ସେତେବେଳେ ଏହା ପାକିସ୍ତାନର ୬ଟି ବାୟୁସେନା ଆଡ୍ଡା ଓ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଏହି ସୁପରସୋନିକ କ୍ଷେପଣାସ୍ତ୍ର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି । ଭାରତ ପ୍ରତିରକ୍ଷା ବିଭାଗ ବ୍ରହ୍ମୋସର ରେଞ୍ଜ, ଗତି, ଧ୍ୱଂସକରୀ କ୍ଷମତାକୁ ବଢ଼ାଇବା ପାଇଁ ପ୍ରସ୍ତୁତି କରୁଛି । ଏବେ ଏହାର ରେଞ୍ଜ ୩୦୦କିମି ପର୍ଯ୍ୟନ୍ତ ରହିଛି । କିନ୍ତୁ ବିକଶିତ ସଂସ୍କରଣର ରେଞ୍ଜ ୪୫୦ରୁ ୮୦୦ କିମି କରିବାକୁ କାର୍ଯ୍ୟ କରାଯାଉଛି । ନୂଆ ବ୍ରହ୍ମୋସ ଆସିବା ପରେ ଦିଲ୍ଲୀରୁ ଇସଲାମାବାଦ୍‌କୁ ସିଧା ଟାର୍ଗେଟ କରିହେବ । ଦିଲ୍ଲୀ ଓ ଇସଲାମାବାଦ ମଧ୍ୟରେ ବାୟୁରେ ଦୂରତା ୭୦୦ କିମି । ସେହିପରି ବ୍ରହ୍ମୋସର ହାଲକା ସଂସ୍କରଣ ମଧ୍ୟ ପ୍ରସ୍ତୁତ କରାଯିବ । ଏହି ଅଢେଇ ଟନ୍ ଓଜନ ବିଶିଷ୍ଟ ସ୍ୱତନ୍ତ୍ର ସଂସ୍କରଣ ସୁଖୋଇ ଏମ୍‌କେଆଇ-୩୦ ଲଢୁଆ ବିମାନର ଅଣ୍ଡରବେଲି ଅର୍ଥାତ ନିମ୍ନଭାଗରେ ଲଗାଯିବା ପାଇଁ ପ୍ରସ୍ତୁତ କରାଯାଇଛି ।

## ଇଣ୍ଡିଗୋ ସଙ୍କଟ ପଛରେ ରୋଷ୍ଟର ସମସ୍ୟା ହିଁ କାରଣ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): କିଛି ଦିନ ଇଣ୍ଡିଗୋ ଏୟାର ଲାଇନ୍ସର ବିମାନ ଉଡାଣ ବାତିଲ ଓ ବ୍ୟାପକ ସମସ୍ୟା ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲ । ଏଥିପାଇଁ ସରକାରଙ୍କ ସମେତ ଏୟାର ଲାଇନ୍ସ ବେଶ୍ ସମାଲୋଚିତ ହୋଇଥିଲା । ଏବେ ଏହି ଘଟଣାର ଯାଞ୍ଚ୍ କରୁଥିବା ପ୍ୟାନେଲ ତଥା କମିଟି ତା'ର ରିପୋର୍ଟ ବେସାମରିକ ବିମାନ ଚଳାଚଳ ନର୍ଦ୍ଦେଶାଳୟ (ଡିଜିସିଏ)କୁ ପ୍ରଦାନ କରିଛି । ଏହି ଯାଞ୍ଚ୍ କମିଟି ୨୨ ଦିନ ପୂର୍ବରୁ ଡିସେମ୍ବର ୫ରେ ଗଠନ କରାଯାଇଥିଲା । ଅବଶ୍ୟ ରିପୋର୍ଟରେ କ'ଣ ଉଲ୍ଲେଖ କରାଯାଇଛି ତାହା ସାର୍ବଜନୀନ ହୋଇନାହିଁ । ଏବେ ସରକାର ଇଣ୍ଡିଗୋ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କୁହାଯାଉଛି । ଇଂରାଜୀ ଖବରକାଗଜ ଦେଇଥିବା ରିପୋର୍ଟ ଅନୁସାରେ ଡିଜିସିଏର ଏକ ପୃଥକ ସମୀକ୍ଷାର କୁହାଯାଇଛି ଯେ, ନଭେମ୍ବର ମାସରେ ଇଣ୍ଡିଗୋ ଏହାର ୩୦୭ ବିମାନ ପରିଚାଳନା ପାଇଁ ୪, ୫୭୫ ପାଇଲଟ ନିଯୁକ୍ତି କରିଥିଲା । ଏହା ବିଶ୍ୱସ୍ତରୀୟ ସର୍ବୋତ୍ତମ ସେବା ପାଇଁ ଆବଶ୍ୟକ ୩, ୬୮୪ ପାଇଲଟଙ୍କ ଅପେକ୍ଷା ୮୯୧ ଅଧିକ ଥିଲା । ଫଳରେ କ୍ରୁ ମେମ୍ବରଙ୍କ ଅଭାବ ପାଇଁ ଏହି ସଙ୍କଟ ସୃଷ୍ଟି ହୋଇନାହିଁ । କିନ୍ତୁ ରୋଷ୍ଟର ତଥା ସିଡ୍ୟୁଲିଂ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା । ସେପଟେ ଇଣ୍ଡିଗୋ ଉଡାଣ ବାତିଲ କାରଣରୁ ପ୍ରଭାବିତ ଯାତ୍ରୀଙ୍କୁ ୧୦,୦୦୦ ଟଙ୍କାର ଭାଉଚର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଭାଉଚରଗୁଡିକ ୧୨ ମାସ ପାଇଁ ବୈଧ ରହିବ ଓ ଯେକୌଣସି ଇଣ୍ଡିଗୋ ବିମାନରେ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି ।

**ଯାଞ୍ଚ କମିଟି ରିପୋର୍ଟ**




## ବିବାହର ୨୪ ଘଣ୍ଟା ଭିତରେ ଛାଡ଼ପତ୍ର

ପୁ।।ଣେ, ୨୭ ।୧୨(ଏଜେନ୍ସି): ମହାରାଷ୍ଟ୍ର ପୁଣେର ଏକ ନବବିବାହିତ ଦଂପତିଙ୍କ ଛାଡ଼ପତ୍ର ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିବହାର ୨୪ ଘଣ୍ଟା ମଧ୍ୟରେ ସେମାନେ ଛାଡ଼ପତ୍ର ଦେଇଛନ୍ତି । ଉଭୟ ପତି ଓ ପତ୍ନୀ ଏକାଠି ରହିବାକୁ ନେଇ ବିବାଦ ହେବାରୁ ସେମାନେ ସହମତି ଭିତ୍ତିରେ ଛାଡ଼ପତ୍ର ଦେବାକୁ ସ୍ଥିର କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ପତ୍ନୀ ଜଣେ ଡାକ୍ତର ଥିବା ବେଳେ ପତି ହେଉଛନ୍ତି ଇଞ୍ଜିନିୟର । ସେମାନେ ପରସ୍ପରକୁ ତିନି ବର୍ଷ ହେଲା ଜାଣିଛନ୍ତି । ପରସ୍ପରକୁ ଭଲ ମଧ୍ୟ ପାଉଥିଲେ । ଏପରିକି ଏହି ସମୟରେ ସେମାନେ ସଂପର୍କରେ ମଧ୍ୟ ରହିଆସିଥିଲେ । କିନ୍ତୁ ବାହାଘର ଉତ୍ସବ ସରିବା ପରେ ସେମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମତଭେଦ । ପତି ଜଣକ ପାଣି ଜାହାଜରେ ଇଞ୍ଜିନିୟର ଭାବେ କାମ କରନ୍ତି । ସେମାନେ କେଉଁଠି ରହିବେ? ଏହାକୁ ନେଇ ଆରମ୍ଭ ହୋଇଥିଲା ଯୁକ୍ତିତର୍କ । ତାଙ୍କର କେଉଁଠି ପୋଷ୍ଟିଂ ହେବ ଏବଂ କେତେଦିନ ତାଙ୍କୁ ଘରୁ ବାହାରେ ରହିବାକୁ ପଡ଼ିବ ତାହା ସେ କହିପାରିବେ ନାହିଁ ବୋଲି ପତି କହିଥିଲେ । ଏଥିରେ ପତ୍ନୀ ଭୀଷଣ ଅସନ୍ତୋଷ ପ୍ରକାଶ କରିଥିଲେ । ବିବାଦ ବଢ଼ିବା ପୂର୍ବରୁ ସେମାନେ ଛାଡ଼ପତ୍ର ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ କୋର୍ଟଙ୍କ ଗାଇଡଲାଇନ୍ସ ଅନୁଯାୟୀ କୋର୍ଟ ସେମାନଙ୍କ ଛାଡ଼ପତ୍ର ଆବେଦନକୁ ମଞ୍ଜୁର କରିଥିଲେ ।

## ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ବୈଠକ

# ୩ଟି ପର୍ଯ୍ୟାୟରେ ହେବ ଗଣତିମଣତି

ପୁରୀ, ୨୭।୧୨(ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି ୩ଟି ପର୍ଯ୍ୟାୟରେ ହେବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର, ପରେ ବାହାର ଓ ଶେଷ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାର ଗଣତିମଣତି ହେବ। ଭିତର ରତ୍ନଭଣ୍ଡାର ଗଣତିମଣତି ସମୟରେ ପରିଚାଳନା କମିଟିର ସେବକ ପ୍ରତିନିଧି ରହିବେ। ଆର୍‌ବିଆଇର ଜଣେ ପ୍ରତିନିଧି, ଜଣେ ବଣିଆ ସେବକ ଓ ଏସ୍‌ବିଆଇ ଅଧିକୃତ ବଣିଆ ବା ସ୍ୱର୍ଣ୍ଣକାର ସାମିଲ ରହିବେ। ୧୯୭୮ ମସିହା ଗଣତିମଣତି ତାଲିକା ରିପୋର୍ଟ ସହ ମେଳକ କରାଯିବ। ଭିତର ରତ୍ନଭଣ୍ଡାରର ଗଣତିମଣତି ଶେଷ ପରେ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ। ସମସ୍ତ ଗଣତିମଣତି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଏହି ସମୟରେ ଅଧିକୃତ ବ୍ୟକ୍ତିମାନଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବ। ଏହାସହ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସବୁର ଡିଜିଟାଇଜେସନ୍ କରାଯିବ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି।



- ଚୂଡ଼ାନ୍ତ ହୋଇନାହିଁ ଗଣତିମଣତିର ମାର୍ଗଦର୍ଶିକା
- ଗଣତିମଣତି ଦିନ ବାହାର କାଠରୁ ଦର୍ଶନ କରିବେ ଭକ୍ତ
- ୧୯୭୮ ତାଲିକା ରିପୋର୍ଟ ସହ ମେଳ କରାଯିବ
- ଗଣତିମଣତି ପ୍ରକ୍ରିୟାର ହେବ ଭିଡିଓଗ୍ରାଫି

ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରତ୍ନଅଳଙ୍କାର ଗଣତିମଣତି ଲାଗି ୧୧ ପୃଷ୍ଠାର ମାର୍ଗଦର୍ଶିକା ବା ଏସ୍‌ଓପି ପ୍ରସ୍ତୁତ କରାଯାଇଛି। କିନ୍ତୁ ଏହା ଚୂଡ଼ାନ୍ତ ହୋଇନାହିଁ।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଗତ ଶୁକ୍ରବାର ବିଧି ସବ୍-କମିଟି ବୈଠକରେ ରତ୍ନ ଅଳଙ୍କାର ଗଣତି ମଣତି ଲାଗି ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲା। ଶନିବାର ଉଚ୍ଚସ୍ତରୀୟ କମିଟି ବୈଠକରେ ସେହି ଚିଠା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହି ମାର୍ଗଦର୍ଶିକା ଉପରେ ଆଲୋଚନା ହୋଇ ସରକାରଙ୍କ ପାଖକୁ ପଠାଯିବ। ସରକାରଙ୍କ ଅନୁମତି ପାଇବା ପରେ ପ୍ରକ୍ରିୟା ଆରମ୍ଭ କରାଯିବ। ଗଣତିମଣତି ଦିନ ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ହେବ ନାହିଁ। ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ଭାବେ ଚାଲିବ। ବାହାର କାଠରୁ ଭକ୍ତ ଦର୍ଶନ କରିବେ। ଅଧିକୃତ ସେବକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ସୂଚନାଥାଉ କି, ଗତବର୍ଷ ଜୁଲାଇ ୧୮ରେ ଭିତର ଭଣ୍ଡାରର ସମସ୍ତ ସ୍ୱର୍ଣ୍ଣାଳଙ୍କାର ଖଟଶେଯ ଘର (ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍)କୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ରେ ଭଣ୍ଡାର ଘରେ ଯେତେ ବି ଖାଲି ସିନ୍ଦୁକ ଥିଲା, ତାହା ନୀଳାଦ୍ରି ମ୍ୟୁଜିୟମ୍ ପାଖ ଘରକୁ ସ୍ଥାନାନ୍ତର କରାଯାଇଥିଲା। ସେପ୍ଟେମ୍ବର ୨୪ରେ ଏଏସ୍‌ଆଇ ଅଧିକାରୀଙ୍କ ସ୍ୱତନ୍ତ୍ର ଟିମ୍ ରତ୍ନଭଣ୍ଡାର ଯାଞ୍ଚ କରିଥିଲା। ରିପୋର୍ଟ ଆଧାରରେ ଗତବର୍ଷ ଡିସେମ୍ବର ୧୭ ତାରିଖରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ କରିଥିଲା ଏଏସ୍‌ଆଇ। ପ୍ରାୟ ୬ମାସ ଧରି କାମ କରାଯାଇଥିଲା। ଗତ ଜୁଲାଇ ୭ ତାରିଖରେ ରତ୍ନଭଣ୍ଡାର ମରାମତି କାମ ସମ୍ପୂର୍ଣ୍ଣ କରିଥିଲା ଏଏସ୍‌ଆଇ। ଏହାପରେ ଅସ୍ଥାୟୀ ଭଣ୍ଡାରରୁ ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ସୁରକ୍ଷିତ ଭାବେ ନିଆଯାଇଛି।

## ଅଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଉତ୍ସବ

# ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଅସ୍ମିତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୭।୧୨ (ସମିସ): ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଜଣେ ବ୍ୟକ୍ତି ନୁହେଁ; ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ସେ ଏମିତି ଜଣେ ଯୁଗପୁରୁଷ ଥିଲେ, ଯିଏ ଅନ୍ଧାର ଭିତରେ ଆଲୋକର ଜାଗରଣ କରିଥିଲେ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇନଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ। ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏପରି କହିଛନ୍ତି।



ଶନିବାର ସିଲିସୁଆଁଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି ଏବଂ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି। ପ୍ରକୃତରେ ଅଲଚିକି ଲିପି ଏବଂ ଗୁରୁ ଗୋମକେ ହେଉଛନ୍ତି ପରସ୍ପର ପରିପୂରକ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ସେ ତାଙ୍କ ଶିକ୍ଷା ଓ ଚେତନା ଦ୍ୱାରା ସମାଜରେ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ଜାଗରଣ ସୃଷ୍ଟି କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକିର ପ୍ରସାର ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସଂପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ 'ସାଗେନ୍ ସାକାମ୍' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ୍ୟ ପ୍ରତିଷ୍ଠା ହୋଇଥିଲା।

୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଆଜି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ଆଦିବାସୀବହୁଳ ଅଞ୍ଚଳରେ ସାନ୍ତାଳୀ ଭାଷାରେ ସ୍କୁଲ ଶିକ୍ଷା ଦିଆଯାଉଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ସାହିତ୍ୟ ପଢ଼ାଯାଉଛି। ରାଜ୍ୟ ସରକାର ହୋ, ମୁଣ୍ଡାରୀ, ଗାଦବା, କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଆଉଟ୍‌ସୋର୍ସିଂଙ୍କ କର୍ମଚାରୀଙ୍କ ବଦଳି କେବେ

ଭୁବନେଶ୍ୱର, ୨୭ ।୧୨(ସମିସ): ସରକାରୀ ଚାକିରି କରୁଥିବା ବ୍ୟକ୍ତି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଦୁର୍ନୀତିକୁ ରୋକିବା ଓ ସ୍ୱଚ୍ଛ ଶାସନ ପାଇଁ ସରକାର ଏହି ନିୟମ ପ୍ରଣୟନ କରିଛନ୍ତି। ଅନେକ ସମୟରେ ଏହାର ଉଲଙ୍ଘନ ହେଲେ ବଦଳି କରିବାକୁ ଦାଗିଦ୍ ମଧ୍ୟ କରୁଛନ୍ତି। ମାତ୍ର ସେହି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ବଦଳି ପାଇଁ କୌଣସି ନିୟମ ନାହିଁ। ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏପରିକି ସେମାନଙ୍କ ବିଭାଗ ବଦଳ ମଧ୍ୟ କରାଯାଉ ନ ଥିବାରୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରଦର୍ଶିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘକାଳ ଅବସ୍ଥାପନ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ**

ବ୍ଲକ୍ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଅନେକ ଯୋଜନାରେ ଦୀର୍ଘ ବର୍ଷ ଧରି ନିୟୋଜିତ ହୋଇଛନ୍ତି। ହେଲେ ସେମାନଙ୍କ ଅନ୍ୟତ୍ର ବଦଳି କିମ୍ବା ସେହି କାର୍ଯ୍ୟାଳୟରେ ବିଭାଗ ଅଦଳବଦଳ କରିବାର କୌଣସି ପ୍ରାବଧାନ ନାହିଁ। ଦୀର୍ଘବର୍ଷରୁ ଗୋଟିଏ ଦାୟିତ୍ୱରେ ଥିବାରୁ ଅନେକ ସମୟରେ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ଅଧିକାରୀ ହୋଇ ନ ଥିବାରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅପରପକ୍ଷରେ ସରକାରୀ କର୍ମଚାରୀଙ୍କୁ ପ୍ରତି ୩ ବର୍ଷରେ ବାଧ୍ୟତାମୂଳକ ଭାବେ ବଦଳି କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ଦୁର୍ନୀତିକୁ ରୋକିବା ସହ ସ୍ୱଚ୍ଛତା ରଖିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ସରକାରୀ ଅଧିକାରୀ ଯଦି ୩ ବର୍ଷରେ ଦୁର୍ନୀତି ଯୁକ୍ତ ହୋଇ ଯାଉଛନ୍ତି, ତା'ହେଲେ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀମାନେ କିପରି ଦୁର୍ନୀତିମୁକ୍ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଦ୍ଧିଜୀବୀଙ୍କ ମତରେ, ଆଉଟସୋର୍ସିଂ କର୍ମଚାରୀଙ୍କ ବଦଳି ହେଉ ନ ଥିବାରୁ ଦୁର୍ନୀତିକୁ ପରୋକ୍ଷରେ ପ୍ରୋତ୍ସାହନ ମିଳୁଛି। ଗୋଟିଏ ପଦରେ ରହି ବ୍ୟାପକ ହେରଫେର୍ କରିବାକୁ ସମସ୍ତ ଗଳାବାଟ ବାହାର କରିବାରେ ସଫଳ ହେଉଛନ୍ତି। ସରକାରୀ କର୍ମଚାରୀଙ୍କ ପରି ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟ ନିୟମିତ ବଦଳି କରାନଗଲେ ଦୁର୍ନୀତିର ମାତ୍ରା ବହୁ ଜୋରରେ ବ୍ୟାପିବାର ଆଶଙ୍କା ରହିଛି। ଏହାସହ ସରକାର ଦୁର୍ନୀତି ରୋକିବାକୁ ଲକ୍ଷ୍ୟ ରଖି ଯେଉଁ ବଦଳି ନିୟମ ପ୍ରଣୟନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅନେକ ଜିଲ୍ଲାରେ ଆଉଟସୋର୍ସିଂ କର୍ମଚାରୀମାନେ ନିୟମିତ ଦରମା ପାଉ ନ ଥିବା ଅଭିଯୋଗ ହେଉଛି। ସଂଘବଦ୍ଧ ଭାବେ ନିୟମିତ ଦରମା ଦେବାପାଇଁ ନିଯୁକ୍ତି ଦେଇଥିବା ସଂସ୍ଥା ସମେତ ସରକାରଙ୍କ ପାଖରେ ଦାବି କରୁଛନ୍ତି। ଏପରିକି ଅନୁଗୋଳ, ବଲାଙ୍ଗିର ଜିଲ୍ଲା ସମେତ ବହୁ ଜିଲ୍ଲାରେ ମନରେଗା ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ୧୧ ମାସ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାୟ ୭ ମାସ ହେଲା ଦରମା ପାଇ ନ ଥିବା ଜଣାପଡ଼ିଛି। ନିୟମିତ ଦରମା ପାଉ ନ ଥିବା କର୍ମଚାରୀମାନେ କିପରି ପରିବାର ପ୍ରତିପୋଷଣ କରୁଥିବେ ବୋଲି ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ସ୍ଥିତିରେ ସେମାନେ ମଧ୍ୟ ଦୁର୍ନୀତି କରିବାକୁ ଏକପ୍ରକାର ବାଧ୍ୟ ହେଉଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେଣୁ ଆଉଟସୋର୍ସିଂ କର୍ମଚାରୀଙ୍କୁ ବଦଳି ସହ ନିୟମିତ ଦରମା ପ୍ରଦାନ କରା ନ ଗଲେ ଦୁର୍ନୀତିକୁ ପରୋକ୍ଷ ପ୍ରୋତ୍ସାହନ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଶ୍ରୀମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କୁ ଅସଦାଚରଣ

**ଥାନାରେ ଏତଲା ଦେବାକୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ**

ପୁରୀ, ୨୭।୧୨(ସମିସ): ଧାର୍ମିକସ୍ଥଳୀରେ ବି ଅନେକ ସମୟରେ ଲଜ୍ଜାଜନକ ଘଟଣା ଘଟୁଛି। ଭକ୍ତି ଓ ବିଶ୍ୱାସକୁ ନେଇ ଭକ୍ତମାନେ ଆସୁଥିବା ବେଳେ କିଛି ଲୋକ ଯେଉଁମାନେ ଭିଡ଼ର ସୁଯୋଗ ନେଇ ଘୃଣ୍ୟ କାମ କରିବାକୁ ପଛାନ୍ତି ନାହିଁ। ଏମିତି ଘଟଣା ଘଟିଛି ଶ୍ରୀମନ୍ଦିର ବେଢ଼ା ପରିସର ନିଶା ନୃସିଂହ ମନ୍ଦିରରେ। ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏହି ଘଟଣା ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି ଯେ ନିଶା ନୃସିଂହ ମନ୍ଦିରରେ ସେବକଙ୍କ ଦ୍ୱାରା ନିୟୋଜିତ ଜଣେ କିଶୋର ଗତ ୨୪ ତାରିଖ ସନ୍ଧ୍ୟା ବେଳେ ଜଣେ ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ କରିଥିବା ସମ୍ପର୍କରେ ରିପୋର୍ଟ ପାଇଛନ୍ତି। ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ସୁପରଭାଇଜରଙ୍କୁ ସ୍ଥାନୀୟ ଥାନାରେ ଏତଲା ଦାଖଲ କରିବା ଲାଗି ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ନିଜେ ସେବାପୂଜା କରିବା ପରିବର୍ତ୍ତେ ଅନ୍ୟ ଜଣଙ୍କୁ ନିୟୋଜିତ କରିଥିବା ସମ୍ପୃକ୍ତ ସେବକଙ୍କ ବିରୁଦ୍ଧରେ ସମ୍ପର୍କିତ ସେବକ ନିଯୋଗ ମାଧ୍ୟମରେ ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନାନୁଯାୟୀ ଦଣ୍ଡ ଦିଆଯିବ। ନିଶା ନୃସିଂହ ମନ୍ଦିରରେ ସେବା ପୂଜାରେ ନିୟୋଜିତ ସେବକମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିରର ଗରିମା ଓ ପବିତ୍ରତା ଉପରେ ଆଞ୍ଚ ଆଣୁଥିବା କୌଣସି ବ୍ୟକ୍ତିଙ୍କୁ କ୍ଷମା କରାଯିବ ନାହିଁ। ମହାପ୍ରଭୁ ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ନକଲି ନୋଟ୍ କାରବାର: ଆଉ ଦୁଇ ଗିରଫ

ବିନିକା,୨୭ ।୧୨(ସମିସ): ଦୁଇ ମାସ ତଳେ ନକଲି ନୋଟ କାରବାରରେ ଧରାପଡ଼ି ୩ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିବା ବେଳେ ପୁଣି ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବିନିକା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲ୍ଲା ବରପାଲି ମହତାପଡ଼ାର ବଳରାମ ମେହେର ଓ ଗାଇସିଲେଟ କେନ୍ଦୁଭଟା



ଗ୍ରାମର ବଶ୍ୱପତି ସାହୁ। ସୂଚନାନୁସାରେ, ଗତ ଅକ୍ଟୋବର ୨୫ ତାରିଖରେ ଏହି ନକଲି ନୋଟ କାରବାରରେ ଜେଲରେ ଥିବା ବ୍ୟକ୍ତିମାନଙ୍କଠାରୁ ପୁଲିସ ୪ଲକ୍ଷ ୧୫ସହ ଟଙ୍କା ଜବତ କରିଥିବା ବେଳେ ବଜାରକୁ ୧ଲକ୍ଷ ୯ ୯ହଜାର ଟଙ୍କା ନକଟି ନୋଟ୍ ଛଡ଼ା ଯାଇଥିଲା। ତେବେ ଏହି କାରବାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଜାଣିବା ପାଇଁ ସେହିଦିନ ଠାରୁ ପୁଲିସ ତଦନ୍ତ ଜାରି ରଖିଥିଲା। ଏଥିରେ ସମ୍ପୃକ୍ତ ଥିବା ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି।

# କ୍ୱାଇଁର ଟାଙ୍ଗିଆ ଚୋଟରେ ଶାଶୂ ମୃତ

ବାଲିଗୁଡ଼ା,୨୭।୧୨(ସମିସ): ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅଞ୍ଚଳରେ। ନିଶାସକ୍ତ କ୍ୱାଇଁର ଟାଙ୍ଗିଆ ମାଡ଼ରେ ଶାଶୂର ମୃତ୍ୟୁ ଘଟିଛି। ମୃତକ ହେଲେ କ.ନୂଆଗାଁ ଥାନା ଅନ୍ତର୍ଗତ ସିର୍ତ୍ତିଗୁଡ଼ା ଗାଁର ପେଟି ମଳିକ। ହତ୍ୟାକାରୀ କ୍ୱାଇଁ ସୁରତ ପ୍ରଧାନ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

ସିର୍ତ୍ତିଗୁଡ଼ା ଗ୍ରାମର ପେଟି ମଳିକଙ୍କ କ୍ୱାଇଁ ସୁରତ ପ୍ରଧାନ ସବୁବେଳେ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ଶନିବାର ସକାଳେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ସ୍ତ୍ରୀ ସହ ସାମାନ୍ୟ ବଚସାରୁ ସୁରତ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଆଣି ହାଣିବାକୁ ଆସିଥିଲେ। ଝିଅଙ୍କୁ କ୍ୱାଇଁ ହାଣିବାକୁ ଯାଉଥିବା ଦେଖି ପେଟି ଛଡ଼ାଇବାକୁ ଯାଇଥିବା ବେଳେ ତାଙ୍କ ମୁଣ୍ଡକୁ ଚୋଟ ପକାଇଥିଲା କ୍ୱାଇଁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ବୃଦ୍ଧାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ପେଟିଙ୍କୁ ମୃତ ଘୋଷଣା କରିଥିଲେ।

# ସପରିବାର ସିଇସିଙ୍କ ପୁରୀ ଓ କୋଣାର୍କ ପରିଦର୍ଶନ

ପୁରୀ/କୋଣାର୍କ,୨୭।୧୨(ସମିସ): ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସପରିବାର ମହାପ୍ରଭୁଙ୍କ ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ସିଇସି ପତ୍ନୀ ଓ ପରିବାର ସଦସ୍ୟଙ୍କ ସହ

**ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ, ସୂର୍ଯ୍ୟ ମନ୍ଦିର ଦେଖିଲେ**

**ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ**

ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିବା ପରେ ସେମାନଙ୍କୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଭିତରକାଠ ନିକଟରୁ ସେମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଯାଇଥିଲେ। ପରେ ଆଦି ନୃସିଂହ, ମା' ବିମଳା, କାନପତା ହନୁମାନ, ମା' ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ



ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଓ ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱତନ୍ତ୍ରତା, ନିଆରା ନୀତିକାନ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ମନ୍ଦିରର କାରୁକାର୍ଯ୍ୟ ଓ ଭାବଭକ୍ତି ସମ୍ପର୍କରେ ଅବଗତ କରାଇଥିଲେ।

ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ନିର୍ବାଚନ କମିଶନର କହିଥିଲେ, 'ମୁଁ ମୋ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଲି। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏହା ଆଜି ମୋ ପାଇଁ ଶୁଭ ଅବସର ହୋଇପାରିଛି। ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ ଓ ଅନନ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସାମ୍ବିଧାନିକ ଦାୟିତ୍ୱକୁ ଅଧିକ ଭଲ ଭାବେ କରିବା ପାଇଁ ପ୍ରୋତ୍ସାହିତ କରିବ।

ପରେ ମୁଖ୍ୟ ନିର୍ବାଚନ କମିଶନର ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଥିଲେ। କୋଣାର୍କରେ ନିର୍ବାଚନ କମିଶନର ଶ୍ରୀ କୁମାର କହିଥିଲେ ଯେ କୋଣାର୍କ ସୂର୍ଯ୍ୟମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ, ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେଯେ ସମୃଦ୍ଧ ଥିଲା। ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୂରିଉଠୁଛି। ପୁରୀ ଓ କୋଣାର୍କ ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଡଙ୍ଗା ଓଲଟି ଶ୍ରମିକ ମୃତ

ନନ୍ଦପୁର, ୨୭।୧୨(ସମିସ): କୋରାପୁଟ ଜିଲ୍ଲାର ଜଲାପୁଟ ଜଳଭଣ୍ଡାରରେ ଆଜି ଏକ ଅଘଟଣ ଘଟିଛି। ଡଙ୍ଗା ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରାମ ପାଙ୍ଗି(୩୦)। ତାଙ୍କ ଘର ନନ୍ଦପୁର ବ୍ଲକ୍ ବିଲାପୁଟ ଗ୍ରାମ ପଞ୍ଚାୟତର ଲାମଡୁର ଗ୍ରାମରେ। ରାମ ଶୁକ୍ରବାର ଦିନ ଏକ ଦେଶୀ ଡଙ୍ଗାରେ ଜଳବନ୍ଦୀ ସାବୁନ ଗ୍ରାମକୁ କାମ ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଯିବାରୁ ସେଠାରେ ରାତ୍ରିଯାପନ କରି ଆଜି ସକାଳୁ ଘରକୁ ଫେରୁଥିଲେ। ଜଳଭଣ୍ଡାର ମଧ୍ୟରେ ଦେଶୀ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ରାମ ବୁଡ଼ି ଯାଇଥିଲେ। ଖବର ପାଇ ବିଲାପୁଟ ସରପଞ୍ଚ ରାଜୁ ଲେନ୍ଦୁ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ରାମଙ୍କ ଶବକୁ ଉଦ୍ଧାର କରିଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

## ବିନା ଯାଞ୍ଚରେ ପ୍ରଦୂଷଣ ପ୍ରମାଣପତ୍ର

# ୪୨ଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତି ରଦ୍ଦ

କଟକ, ୨୭ ।୧୨ (ସମିସ): ବିନା ଯାଞ୍ଚରେ ଗାଡ଼ିଗୁଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ ଅଭିଯୋଗରେ ରାଜ୍ୟର ୪୨ଗୋଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତିକୁ ରଦ୍ଦ କରିଛି ପରିବହନ ବିଭାଗ। ଅତିରିକ୍ତ ରାଜ୍ୟ ପରିବହନ କମିସନର୍ ଦୀପ୍ତିରଂଜନ ପାତ୍ର ଏହି ସୂଚନା ଦେଇଛନ୍ତି। ଏହି କେଳେଙ୍କାରୀର ଚେର ରାଜ୍ୟ ବାହାରକୁ ଲମ୍ବିଥିବାରୁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ମଧ୍ୟ ଏତଲା ଦିଆଯାଇଛି।

ସୂଚନାନୁସାରେ, ସାରା ରାଜ୍ୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ନାହିଁ। ନିକଟ ଅତୀତରେ ପିୟୁସିସିକୁ ସରକାର ବାଧ୍ୟତାମୂଳକ ଓ କଡ଼ାକଡ଼ି କରିବା ପରେ ଏବେ ରାଜ୍ୟର ପ୍ରଦୂଷଣ ଯାଞ୍ଚ କେନ୍ଦ୍ରଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ଯାଞ୍ଚ କେନ୍ଦ୍ର ଖୋଲିବା ପୂର୍ବରୁ ଲୋକଙ୍କ ଲମ୍ବା ଧାଡ଼ି ଲାଗି ଯାଉଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ

- ରାଜ୍ୟ ବାହାରକୁ ଲମ୍ବିଛି କେଳେଙ୍କାରୀର ଚେର
- ପରିବହନ କମିସନରଙ୍କ ପକ୍ଷରୁ ସାଇବର ଥାନାରେ ଏତଲା

ଆରମ୍ଭ କରି ରାଜ୍ୟର ସବୁ ଜିଲ୍ଲାରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ମାତ୍ର ୬୦୦ଟି ଯାଞ୍ଚ କେନ୍ଦ୍ରରେ ଏଗୁଡ଼ିକର ଯାଞ୍ଚ କରାଯାଇ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଯାଞ୍ଚ କେନ୍ଦ୍ରଗୁଡ଼ିକ ଗାଡ଼ିରୁ ନିର୍ଗମନ ହେଉଥିବା ଧୂଆଁରେ ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନର ମାତ୍ରା ଯାଞ୍ଚ କରି ପ୍ରମାଣପତ୍ର ପ୍ରଦାନ କରାଯିବା କଥା। ହେଲେ କେତେକ କେନ୍ଦ୍ର ଅଧିକ ଅର୍ଥ ରୋଜଗାର ଆଶାରେ ଗାଡ଼ିର ଯାଞ୍ଚ ନକରି ବେଆଇନ ଭାବେ ପ୍ରମାଣପତ୍ର ଦେଇଦେଉଛନ୍ତି। ଏପରିକି, ଗାଡ଼ି ମାଲିକଙ୍କୁ କେବଳ ସେମାନଙ୍କ ଗାଡ଼ି ନମ୍ବରପ୍ଲେଟ୍‌ର ଫଟୋ ଉଠାଇ ପଠାଇବାକୁ କୁହାଯାଉଛି। ଫଳରେ ଗାଡ଼ିମାଲିକ ଘରେ ବସି ପ୍ରମାଣପତ୍ର ହାସଲ କରୁଛନ୍ତି। ଏଥିପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ତିନିଗୁଣା ଅଧିକ ଟଙ୍କା ମଧ୍ୟ ନେଉଛନ୍ତି ଯାଞ୍ଚ କେନ୍ଦ୍ର। ଏପରି ଏକାଧିକ ଘଟଣା ପଦାକୁ ଆସିବା ପରେ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏପରି ବେଆଇନ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପ୍ରଦାନ କରୁଥିବା ଯାଞ୍ଚ କେନ୍ଦ୍ରଗୁଡ଼ିକର ସ୍ୱୀକୃତି ରଦ୍ଦ କରୁଛି। କିନ୍ତୁ, ଏହି କେଳେଙ୍କାରୀ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ନୂଆଦିଲ୍ଲୀକୁ ଲମ୍ବିଥିବାରୁ ପରିବହନ ବିଭାଗର ଚିନ୍ତା ବଢ଼ିଯାଇଛି। ଏହାକୁ ରୋକିବା ପାଇଁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏତଲା ଦିଆଯାଇଛି।

ଅପରପକ୍ଷେ, ଓଡ଼ିଶା ପରିବହନ ବିଭାଗରେ ଏବେ ବିପୁଳ ପରିମାଣରେ ଚାଲାଣ ପଇଠ ଚାଲିଥିବା ବେଳେ ସାଇବର ଅପରାଧୀମାନେ ବି ଲୋକଙ୍କୁ ଟାର୍ଗେଟ୍ କଲେଣି। ଚାଲାଣ ପୈଠ ନାଁରେ ମୋବାଇଲ୍‌କୁ ଫେକ୍ ମେସେଜ ଓ ଲିଙ୍କ୍ ପଠାଉଥିବା ଜଣାପଡ଼ିଛି। ତେଣୁ ଇ-ଚାଲାଣ ଅର୍ଥ ପୈଠ ବେଳେ ସାଇବର୍ ଅପରାଧୀଙ୍କଠାରୁ ସତର୍କ ରହିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଏଣିକି ଅଫଲାଇନ୍‌ରେ ବି ପୈଠ କରିହେବ ଇ-ଚାଲାଣ

କଟକ, ୨୭ ।୧୨(ସମିସ): ଗାଡ଼ିର ଇ-ଚାଲାଣ ପଇଠ ହୋଇନଥିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳୁନାହିଁ। ବକେୟା ଚାଲାଣ ରାଶି ପଇଠ କରିବା ପାଇଁ ପୂର୍ବରୁ କେବଳ ଅନଲାଇନ୍ ମାଧ୍ୟମ ଥିବା ବେଳେ ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଙ୍ଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଗ୍ରହଣ କରାଯିବ। ଏନେଇ ସମସ୍ତ ଆରଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ ହେଉଥିଲା।

ମୋବାଇଲ ନମ୍ବର ଲିଙ୍କ ନଥିବା ଚାଲାଣ ଦେବାକୁ ଇଚ୍ଛୁକ ଗାଡ଼ି ମାଲିକ ଚାଲାଣ ପଇଠ କରିପାରୁନଥିଲେ। ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଫଲାଇନ୍‌ରେ ନଗଦ ଜରିମାନା ରାଶି ଗ୍ରହଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ, ପୂର୍ବଭଳି ଅନଲାଇନ୍‌ରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ୍ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନ୍‌ରେ ମଧ୍ୟ ଅପଡେଟ୍ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ।

**ମୋବାଇଲ ନମ୍ବର ଲିଙ୍କ୍ ନଥିବା ଗାଡି ମାଲିକଙ୍କୁ ଆଶ୍ୱସ୍ତି**

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

ପାଲଲହଡ଼ା,୨୭ ।୧୨(ସମିସ):




ପାଲଲହଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଲଲହଡ଼ାସଦରମହକୁମାବସଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥିଭାବେ ପାଲଲହଡ଼ା ବ୍ଲକ ଅଧକ୍ଷା ରୀନାରାଣୀ ନାଏକ, ପରିଷଦ ସଭ୍ୟା ଇନ୍ଦ୍ରାଣୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ବରିଷ୍ଠ ବିଜେଡି ନେତା ହେମନ୍ତ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଖମାରଠାରେ ମଧ୍ୟ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପୂର୍ବ ସରକାର ସମୟରେ ଯାହା ମଞ୍ଜୁର ହୋଇ କାର୍ଯ୍ୟ ହୋଇଥିଲା ତାହା ଏବେର ବିଜେପି ସରକାର ଫଳକ ଲଗାଇ ଉଦଘାଟନ କରିବାରେ ବ୍ୟସ୍ତ। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ପାରି ମିଛ ବୟାନବାଜି କରିବା, ସୁଭଦ୍ରା ଯୋଜନାରେ ଲୋକଙ୍କୁ ଭକୁଆ ବନାଇବା ଆଦି ବିଭିନ୍ନ ଯୋଜନା ଉପରେ କଡ଼ା ସମାଲୋଚନା କରିଥିଲେ ପୂର୍ବତନ ବିଧାୟକ ପାଲ। ବିଜେଡି ସାମାଜିକ ଗଣମାଧ୍ୟମ କର୍ମକର୍ତ୍ତା ପ୍ରୀତମ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଜେଡି ବ୍ଲକ ସଭାପତି ରଞ୍ଜିତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ଦିଲୀପ ଉଦାବଳ ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ମଶାଲ ଶୋଭାଯାତ୍ରା



କିଶୋରନଗର/ଛେଣ୍ଡିପଦା, ୨୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ବାମୁରରେରେ ରବିବାର ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ଶୁକବାର କୋଶଳାର ମା' ରାମଚଣ୍ଡୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଆୟୋଜକ ତଥା କର୍ମକର୍ତ୍ତାମାନେ ସମାଜର ଆରାଧ୍ୟ ଦେବୀ ମା'ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିବା ପରେ କୋଶଳା ଗ୍ରାମବାସୀଙ୍କ ପକ୍ଷରୁ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମହାସମ୍ମିଳନୀରୁ ଆସିଥିବା ପୂଜା ସାମଗ୍ରୀରେ ମା'ରାମଚଣ୍ଡୀଙ୍କ ଦେହୁରୀ ଠାକୁରାଣୀ ଏବଂ ଖୁମ୍ବେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ଅଜ୍ଞାମାଳ ସହ ବିଭିନ୍ନ ପୂଜାଉପକରଣ ପ୍ରଦାନ କରି ଠାକୁରାଣୀଙ୍କ ପୀଠ ସ୍ଥଳରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କୋଶଳା ଗ୍ରାମ ସଭାପତି କତାର୍ଥ ଦେହୁରୀଙ୍କ ତତ୍ତ୍ୱାବଧାନରେ ମଶାଲ ଏକ ବିରାଟ ପାଟପଟୁଆରରେ ବଜାର ପରିକ୍ରମା କରିବା ପରେ ବାମୁର ଅଭିମୁଖେ ଯିବା ପାଇଁ ବିଦାୟ ଦିଆଯାଇଥିଲା। ବିଭିନ୍ନ ଗ୍ରାମରେ ମଶାଲକୁ ଗ୍ରାମବାସୀ ଦର୍ଶନ କରି ପୂଜା କରିଥିଲେ। କୋଶଳା ମା'ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ସଭାପତି ତଥା କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ



ପାଲଲହଡ଼ା,୨୭ ।୧୨(ସମିସ): ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଜାତୀୟ ରାଜପଥ ଡାକ ବଙ୍ଗଳାରେ ବିଜେପି ମଣ୍ଡଳ ସଭାପତି ଆଶିଷ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଛି। ବିଧାୟକଙ୍କ ପ୍ରତିନିଧି ତଥା ବିଜେପି ନେତା ଆଇନଜୀବୀ ତନ୍ମୟ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ନହରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ନାୟକ, ମାମିନା ଦେବଙ୍କ ସମେତ ଯୁବମୋର୍ଚ୍ଚାର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଖେମଲା ମଣ୍ଡଳ ପକ୍ଷରୁ ତିରିବି ଶିବମନ୍ଦିରରେ ମଣ୍ଡଳ ସଭାପତି ଛନ୍ଦାଚରଣ ସାହୁଙ୍କ ଅଧ୍ୟକ୍ଷତାରେ ବାଜପାୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ବରିଷ୍ଠ ସଦସ୍ୟ ନୀଳାମ୍ବର ପ୍ରଧାନ, ବଡିସୁଆ ସମିତି ସଭ୍ୟ ମଧୁସୂଦନ ସାହୁ, ଉମାକାନ୍ତ ମହାନ୍ତ, ବସନ୍ତ ମହାପାତ୍ର, ଯୁବନେତା ଧର୍ମେନ୍ଦ୍ର ମହାନ୍ତ, ଲିପୁନ ବେହେରା ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ।

# ରାସ୍ତା ଖୋଳି ୩୦ ହଜାର ତଣ୍ଡ ଗଣିଲେ

ଅନୁଗୋଳ,୨୭ ।୧୨(ସମିସ): ଅନୁଗୋଳ ପୌରପାଳିକା ସହରକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ବିବିଧ ପଦକ୍ଷେପ ନେଉଥିଲେ ମଧ୍ୟ କିଛି ଅମାନିଆ ବାସିନ୍ଦା ଆଇନ ମାନୁ ନ ଥିବାରୁ ପୌର ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନେଉଛି। ଅନୁଗୋଳ ମସଜିଦ ପଛପଟ କଂକ୍ରିଟ୍ ରାସ୍ତାକୁ ଲକ୍ଷ୍ମୀକାନ୍ତ ନାୟକ ନାମକ ଜଣେ ବ୍ୟକ୍ତି ମନଇଚ୍ଛା ଖୋଳି ଦେଇଥିଲେ। ପୌରପାଳିକାର ଧାରା ୨୫୪ ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ୩୦ ହଜାର ଟଙ୍କା ଜରିମାନା କରାଯାଇଛି।



# ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟବନ୍ଦ



ପାଲଲହଡ଼ା,୨୭ ।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ପଦବୀ ଖାଲି। ଏହି ପଦବୀ ପୂରଣ କରିବା ସହ ଅନ୍ୟ କିଛି ପଦବୀ ପାଇଁ ସରକାରଙ୍କୁ ଯେତେ ଅନୁରୋଧ କଲେ ମଧ୍ୟ ବାରମ୍ବାର ଅଣଦେଖା ଓ ପ୍ରତାରଣା କରାଯାଉଛି। ଏହାର ପ୍ରତିବାଦରେ ଓମସା ଡାକରାରେ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଡାକ୍ତର ଏକ ଘଣ୍ଟା ପାଇଁ ବହିର୍ବିଭାଗ ବନ୍ଦ କରି ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ବର୍ଜନ କରି ଧାରଣାରେ ବସିଥିଲେ। ଯେ ପର୍ଯ୍ୟନ୍ତ ସରକାର ସମସ୍ତ ଦାବି ମାନିନାହାନ୍ତି ସେପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏକ ଘଣ୍ଟା ପାଇଁ ବହିର୍ବିଭାଗ ବନ୍ଦ ରଖାଯିବ ବୋଲି ଡାକ୍ତରଖାନା ଅଧିକାରୀ ବିଶ୍ୱନାଥ ମୁର୍ମୁ ପ୍ରକାଶ କରିଛନ୍ତି। ଡା. ବିଶ୍ୱନାଥ ମୁର୍ମୁଙ୍କ ନେତୃତ୍ୱରେ ଡା. ଦିଲୀପ କୁମାର ଭୋଇ, ଡା. ବିମଳେଶ ଓଝା, ଡା. ତରୁଣ କୁମାର ଭୁତିଆ, ଡା. ଶାନ୍ତନୁ ନାୟକ, ଡା. ନନିତା ଚୌଧୁରୀ, ଡା. ସ୍ୱାତି ସାହୁ ପ୍ରମୁଖ ଧାରଣାରେ ବସିଥିଲେ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ଗସ୍ତ ଆଜି

କିଶୋରନଗର,୨୭ ।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କିଶୋରନଗର ଗସ୍ତରେ ଆସି ପୂର୍ବାହ୍ନରେ ବାମୁର ଚଷା ସମାଜ ମହା ସମ୍ମିଳନୀରେ ଯୋଗଦେବେ। ପରେ ମଧ୍ୟାହ୍ନ ଭୋଜନ କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଭୂମିପୂଜା କରିବେ। ପରେ କିଶୋରନଗର ଡିଗ୍ରୀ କଲେଜରେ ନିର୍ମାଣ ହୋଇଥିବା ନୂତନ ଛାତ୍ରୀନିବାସର ଉଦଘାଟନ କରିବେ। ବରପଡ଼ିଆରେ ଅନୁଷ୍ଠିତ ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ଯୋଗଦେବେ। ଏଥିସହ ସେଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଓ ଉଦଘାଟନ କରିବେ ବୋଲି ଜଣାପଡ଼ିଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବଇଣ୍ଡା,୨୭ ।୧୨(ସମିସ): ବଇଣ୍ଡା ଅଞ୍ଚଳ ଧର୍ମପ୍ରାଣ ମହିଳା ଉଦିଆ ସାହୁ (୭୮ ) ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଛି। ସେ ଖାଇବା ପରେ ତାଙ୍କ ବାସଭବନରେ ଶୋଇବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଜେଡିର ଅନୁଗୋଳ ଜିଲ୍ଲା କମିଟି ଗଠିତ

ଅନୁଗୋଳ,୨୭ ।୧୨(ସମିସ): ବିଜୁ ଜନତା ଦଳର ଅନୁଗୋଳ ସାଂଗଠନିକ ଜିଲ୍ଲା କମିଟି ଘୋଷଣା କରାଯାଇଛି। ୧୦ ଉପସଭାପତି, ୧୨ ସାଧାରଣ ସମ୍ପାଦକ, ୧୬ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ସମେତ ୩୯ ପଦବୀରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ନିଯୁକ୍ତ କରାଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକ ତଥା ସମୁଦାୟ ୫ ନିର୍ବାଚନ ମଣ୍ଡଳୀର ନେତା ସାମିଲ ହୋଇଛନ୍ତି। ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଶଙ୍ଖ ଭବନରୁ ଏହି ତାଲିକା ପ୍ରକାଶ ପାଇଛି।

ଜିଲ୍ଲା ଉପସଭାପତି ଭାବେ ବାଉରୀବନ୍ଧୁ ସାହୁ, ସନ୍ତୋଷ କୁମାର ଦାସ, ଇନ୍ଦ୍ରମଣି ଗଡ଼ନାୟକ, ଗଙ୍ଗାଧର ଜିତ, ସୁନୀଲ କୁମାର ପ୍ରଧାନ, ଧରଣୀଧର ସାହୁ, ସଦାନନ୍ଦ ପଣ୍ଡା, ସନ୍ତୋଷ ପ୍ରଧାନ, ଦିଲୀପ କୁମାର ସାହୁ, ଅମରେଶ ନାଥଙ୍କୁ ନିଯୁକ୍ତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ପଟ୍ଟନାୟକ, ତପନ ସାହୁ, ବୀରେନ୍ଦ୍ର ବଡ଼ମାଳୀ, ଗଦାଧର ସ୍ୱାଇଁ, ବାବୁଲା ପ୍ରଧାନ, ଦୁଷ୍ମନ୍ତ ସେନାପତି, ଲକ୍ଷ୍ମୀଧର ବିଶ୍ୱାଳ, ଦିଲୀପ କୁମାର ପ୍ରଧାନ, ବିରଜା ଶଙ୍କର ମିଶ୍ର, ରାମଚନ୍ଦ୍ର ବେହେରା, ରଞ୍ଜିତ ମାଣ୍ଡୋଠିଆ, ଭାଗୀରଥି ମାଝୀ ମନୋନୀତ ହୋଇଛନ୍ତି। ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ବାବୁଲି ପ୍ରଧାନ, ରାକେଶ ପ୍ରଧାନ, ପର୍ଶୁରାମ ବିଶ୍ୱାଳ, ଅଜିତ ପ୍ରସାଦ ଦ୍ୱିବେଦୀ, ବିଷ୍ଣୁ କୁମାର ଦାଶ, ଚିତ୍ତରଞ୍ଜନ ମିଶ୍ର, ଈଶ୍ୱର ସାହୁ, ସଂଗ୍ରାମ ମିଶ୍ର, ନକୁଳ ସାହୁ, ମୋହନ ସାହୁ, ଉତ୍ସବ ଦେହୁରୀ, ଅର୍ଜୁନ ମହାନ୍ତି, ବିଭୂତି ଭୂଷଣ ସାହୁ, ଜଗନ୍ନାଥ ଗଡ଼ନାୟକ ନେଲସନ ଭାର୍ଗୀସ୍, ମୁରଲୀଧର ସାହୁଙ୍କୁ ନିଯୁକ୍ତି ମିଳିଛି।



ବଦଳୁଛି ରାଜାଙ୍କ ରଙ୍ଗ (ଫଟୋ ଟିକୁ, ଅନୁଗୋଳ)

● ମଣ୍ଟୁ ମେମୋରିଆଲ କ୍ରିକେଟ

# ଆଜି କଟକ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍

କିଶୋରନଗର,୨୭ ।୧୨(ସମିସ): କିଶୋରନଗର ବରପଡ଼ିଆରେ ଚାଲିଥିବା ଜିଲ୍ଲସ୍ତରୀୟ ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ପୂର୍ବରୁ କଟକ ବିଶ୍ୱଭାରତୀ ଦଳ ଫାଇନାଲରେ ପ୍ରବେଶ କରିଥିଲା। ରବିବାର ରାମେଶ୍ୱର ସ୍ପୋର୍ଟିଂ ଓ ବିଶ୍ୱଭାରତୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ମ୍ୟାଚରେ ଅମ୍ପାୟର ଭାବେ ଟୁକୁ ବାହାଦୁର ଓ ଅମରେଶ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସରୋଜ ରଞ୍ଜନ ସେନାପତି ଧାରାବିବରଣୀ ପ୍ରଦାନ କରିଥିଲେ। ଅମ୍ଲାନ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରବିବାର ଉଦଯାପନୀ ମ୍ୟାଚରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ଦମ୍ପତିଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,୨୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ସୌଦାମିନୀ ବାରିକ ଓ ତାଙ୍କ ସ୍ୱାମୀ ବିଶ୍ୱନାଥ ବାରିକଙ୍କୁ ଟିଙ୍କୁ ନାୟକ, ତୋଫାନ ନାୟକ ହତ୍ୟା ଧମକ ଦେଇଥିବା ସୌଦାମିନୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୌଦାମିନୀ ଓ ବିଶ୍ୱନାଥ ଘରେ ଥିବା ବେଳେ ଟିଙ୍କୁ ଓ ତୋଫାନ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ସିମେଣ୍ଟ କାରଖାନାକୁ ଗଲା ୧୬ ଟନ୍ ପ୍ଲାଷ୍ଟିକ ଆବର୍ଜନା




ଅନୁଗୋଳ,୨୭ ।୧୨(ସମିସ): ଆଜି ଅନୁଗୋଳ ପୌରପାଳିକାର ୧୬ ଟନ୍ ପ୍ଲାଷ୍ଟିକ ଆବର୍ଜନା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀକୁ ପଠାଯାଇଛି। ଅନୁଗୋଳ ପୌରପାଳିକାର ବିଭିନ୍ନ ଏମସିସି ସେଣ୍ଟରରେ ପ୍ଲାଷ୍ଟିକ ଆବର୍ଜନାକୁ ଅଲଗା କରିବା ପରେ ଏହି ଆବର୍ଜନାକୁ ସିମେଣ୍ଟ କାରଖାନାରେ ପୁନଃ ବ୍ୟବହାର ନିମନ୍ତେ ପଠାଯାଇଛି। ଏହାଦ୍ୱାରା ଆବର୍ଜନାକୁ କେତେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଏ ପ୍ରସଙ୍ଗରେ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଅନୁଗୋଳ ଜନସାଧାରଣଙ୍କୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଦୁଇ ପରିବାରର ଘର ପୋଡ଼ିଗଲା



ଅନୁଗୋଳ/ବଅଁରପାଳ, ୨୭ ।୧୨(ସମିସ): ବଅଁରପାଳ ବ୍ଲକ ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ବୈଦନାଥପୁର ସାହିରେ ଅଗ୍ନିକାଣ୍ଡ ଘଟି ଚମ୍ପା ପ୍ରଧାନ ଓ ନରେଶ ଭୋଇଙ୍କ ଘର ଜଳିଯାଇଛି। ଶୁକ୍ରବାର ରାତିରେ ଚମ୍ପା ଓ ତାଙ୍କ ସ୍ୱାମୀ ଖାଇ ସାରି ଘରେ ଶୋଇଥିବା ବେଳେ ହଠାତ ଘରେ ନିଆଁ ଲାଗିଥିଲା। ନିଆଁ ତାଙ୍କ ପଡ଼ୋଶୀ ନରେଶ ଭୋଇଙ୍କ ଘରକୁ ମଧ୍ୟ ବ୍ୟାପିଯାଇଥିଲା। ଚମ୍ପାଙ୍କ ଘରେ ଥିବା ସୁନା ଅଳଙ୍କାର, ନଗଦ ୨୭ ହଜାର ଟଙ୍କା, ଧାନ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ିଯାଇଛି। ଖବର ପାଇ ବଅଁରପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚମ୍ପାଙ୍କ ସ୍ୱାମୀ ଏକ ଘରୋଇ କମ୍ପାନୀରେ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ନରେଶଙ୍କ ପରିବାର ମଧ୍ୟ ଅତ୍ୟନ୍ତ ଗରିବ ହୋଇଥିବାରୁ ଉଭୟଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି। ସକାଳେ ଗ୍ରାମର ପ୍ରେମାନନ୍ଦ ସେବାସଂଘ ତରଫରୁ ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

# ଷଣ୍ଢକୁ ଟାଙ୍ଗିଆରେ ହାଣି ଯୁବକ ଗିରଫ

ଛେଣ୍ଡିପଦା,୨୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା କଣଲୋଇ ଗାଁରେ ଷଣ୍ଢକୁ ଟାଙ୍ଗିଆରେ ହାଣି ଯୁବକ ଗିରଫ ହୋଇଛନ୍ତି। ଗିରଫ ଯୁବକ ହେଲେ କଣଲୋଇ ଗ୍ରାମର ପଦ୍ମଲୋଚନ ପଲେଇ। ଦୀର୍ଘଦିନ ହେବ କଣଲୋଇ ଗାଁରେ ଏକ ଷଣ୍ଢ ବୁଲୁଥିବା ବେଳେ ବାଡ଼ିରେ ଫସଲ ଖାଉଥିବା ନେଇ ରାଗରେ ପଦ୍ମଲୋଚନ ଏକ ଟାଙ୍ଗିଆରେ ଷଣ୍ଢର ପିଠିକୁ ହାଣି ଦେଇଥିଲେ। ଷଣ୍ଢଟି ଗୁରୁତର ଆହତ ହୋଇ ଗାଁ ଛକରେ ପଡ଼ି ରହିଥିବା ବେଳେ ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବାଗଡିଆ ଥାନାକୁ ଖବର ଦେଇଥିଲେ। ପୁଲିସ ପଦ୍ମଲୋଚନଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଛି।







# ସ୍ୱୟଂ ସହାୟକ ଗୋଷ୍ଠୀକୁ ହାତ ଯନ୍ତ୍ର ଓ ବୈଦ୍ୟୁତିକ ଯନ୍ତ୍ରାଂଶ ବିତରଣ

ଅନୁଗୋଳ,୨୭ ।୧୨(ସମିସ):

ଜରପଡ଼ା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ କରିବା ନିମନ୍ତେ ହାତ ଯନ୍ତ୍ର ଓ ବୈଦ୍ୟୁତିକ ଯନ୍ତ୍ରାଂଶ ବିତରଣ କରାଯାଇଛି। ଏଥିସହ ଧନ୍ଦାମୂଳକ ଶିକ୍ଷା ଓ ବୃତ୍ତିଗତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ଅନୁଗୋଳ ବନଖଣ୍ଡ ଅଧିକାରୀ ଆୟୋଜନ କରିଥିବା ବେଳେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ସହଯୋଗ କରିଥିଲେ। ନୂତନ ଭାବରେ ଗଢ଼ା ହୋଇଥିବା ଜରପଡ଼ା ରେଞ୍ଜସ୍ଥିତ ଶିକାର ନିରୋଧ ଗୃହକୁ ଅତିଥି ମାନଙ୍କ କରକମଳରେ ଉଦ୍‌ଘାଟନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଛଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନୀତ ଅତିଥି ଭାବରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନିତିଶ କୁମାର, ପରିକ୍ଷଣାମ୍ଳକ ସରକାରୀ ବନ ସଂରକ୍ଷକ ସିଦ୍ଧିର୍ଥ ଜୈନ (ଅନୁଗୋଳ ବନଖଣ୍ଡ), କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୋମିନି ସୁଦିପ୍ତ ଗଡ଼ନାୟକ, ଜରପଡ଼ା ଜୋନର ବିଜେପି ମଣ୍ଡଳ ସଭାପତି ଜୀବନାନନ୍ଦ ସାହୁ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ, ଫରେଷ୍ଟର ବସନ୍ତ ଗଡ଼ନାୟକ, ଉପସ୍ଥିତ ଥିଲେ। ଏଥିରେ ଭିଏସ୍ ଏସ୍ ର ୨୬ଟି ଏସ୍ ଏଚ୍ ଜି ଗ୍ରୁପକୁ ଯନ୍ତ୍ରଚାଳିତ ଖଲି ଚଉପତି ମେସିନ, ଡାଲି ମେସିନ, ଧୂପକାଠି ମେସିନ, ବିରି ଗ୍ରାଇଣ୍ଡିଂ ମେସିନ, ପାମ୍ପଡ଼ ମେସିନ, ଟେଲର ମେସିନ ଇତ୍ୟାଦି ପ୍ରଦାନ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏସ୍ ଏଚ୍ ଜି ତରଫରୁ ଶିକ୍ଷାଦାନ କରିଥିବା ବିୟୁଟି ପାର୍ଲର, ଟେଲରିଙ୍ଗ ଏବଂ ଏସ୍ ଏଚ୍ ଜି ମାନେ ନିଜସ୍ୱ ତିଆରି କରିଥିବା ଧୂପକାଠି, ଝୁଣା, ମହୁ,ଖଲି ଚଉପତି, ଖାଦ୍ୟଜିନିଷ ଇତ୍ୟାଦି ଷ୍ଟଲ ମାଧମରେ ବିକ୍ରୟ କରିଥିଲେ। ଏହାକୁ ଜରପଡ଼ା ବନାଞ୍ଚଳର ସମସ୍ତ କର୍ମଚାରୀଙ୍କ ସମେତ କହ୍ଲେଇ ସାହୁ, ଜିତେନ୍ଦ୍ର ପ୍ରଧାନ, ସୁଜିତ କୁମାର, ବାଙ୍କନିଧି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ● ପୁଲିକୁ ଆକ୍ରମଣ ମାମଲା

# ମାନବାଧିକାର କର୍ମୀ ନିର୍ଦ୍ଦୋଷରେ ଖଲାସ

କାମାକ୍ଷାନଗର,୨୭ ।୧୨(ସମିସ): ପୁଲିସକୁ ଆକ୍ରମଣ ଓ ପୁଲିସ କାମରେ ଅନଧିକାର ହସ୍ତକ୍ଷେପ ମାମଲାର ବିଚାର କରି କାମାକ୍ଷାନଗର ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଭଜମନ ପୁଲିସକୁ ଆକ୍ରମଣ ତଥା ପୁଲିସ କାମରେ ଅନଧିକାର ହସ୍ତକ୍ଷେପ କରିଥିବା ତତ୍କାଳୀନ ଢେଙ୍କାନାଳ ଏସ୍‌ପି (ବର୍ତ୍ତମାନର ପୁଲିସ ଆଇଜି, ସ୍ପେଶିଆଲ ଆର୍ମଡ ଫୋର୍ସ) ସତୀଶ ଗଜଭିଏ କାମାକ୍ଷାନଗର ଥାନାରେ ୨୦୦୯ ରେ ମାର୍ଚ୍ଚ ୩୦ରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ପରେ ପୁଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଭଜମନ ଓଡ଼ିଶା ଉଚ୍ଚ ନ୍ୟାୟାଳୟରୁ ଜାମିନ ପାଇଥିଲେ। ଏହି ମାମଲା କାମାକ୍ଷାନଗର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ଏହି ମାମଲାରେ ବହୁ ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ସାକ୍ଷ୍ୟ ପ୍ରଦାନ ମଧ୍ୟ କରିଥିଲେ। ସେମାନଙ୍କ ମଧ୍ୟରେ ତତ୍କାଳୀନ ଏସ୍‌ପି ସତୀଶ ଗଜଭିଏ ଓ ଏଆଇଜି ବିମଳେନ୍ଦୁ ଶତପଥୀ ମଧ୍ୟ ଥିଲେ। ତେବେ ଏହି ମାମଲାର ବିଚାର କରି ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର ଭଜମନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଭଜମନଙ୍କ ପକ୍ଷରୁ ଆଇନଜୀବୀ ସର୍ବଜିତ ଜୀ ମାମଲା ପରିଚାଳନା କରୁଥିଲେ। ଆଇନଜୀବୀ ଆଶୁତୋଷ ସାହୁ, ଶର୍ମିଷ୍ଠା ପ୍ରିୟଦର୍ଶିନୀ ଓ ସୁବ୍ରତ ନାୟକ ସହାୟତା କରିଥିଲେ।

# ବହିର୍ବିଭାଗ ସେବା ଘଣ୍ଟାଏ ବନ୍ଦ

ଢେଙ୍କାନାଳ,୨୭ ।୧୨(ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓଏମ୍‌ଏସ୍‌ଏ)ର ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମସ୍ତ ବହିର୍ବିଭାଗ ବନ୍ଦ ରହିଥିଲା। ମାତ୍ର



ଜରୁରୀ କାଳୀନ ସେବା ଯୋଗାଇ ଦିଆଯାଇଥିଲା। ଯେ ପର୍ଯ୍ୟନ୍ତ ସରକାର ଡାକ୍ତରମାନଙ୍କ ୧୩ଦଫା ଦାବି ପୂରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ଚାଲୁ ରହିବ ବୋଲି ଡା. ନୀଳମଣି ଦିଲୀପ ଚାନ୍ଦ ବେହେରା, ଡା. ରଞ୍ଜନ କୁମାର ସାମଲ, ଡା. ସତ୍ୟନାରାୟଣ ମହାପାତ୍ର, ଡା. ପ୍ରଦୋତ ବେହେରା, ଡା. ଅଭିମନ୍ୟୁ ଆଚାର୍ଯ୍ୟ, ଡା. ନମିତା ପଟ୍ଟନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଏଥିରେ ଢେଙ୍କାନାଳ ଜିଲ୍ଲାର ସମସ୍ତ ଡାକ୍ତର ଅଂଶଗ୍ରହଣ କରିଥିଲେ।

## ● ୧୫ ବର୍ଷ ହେଲା ନିର୍ମାଣ ଚାଲିଛି କ୍ୱାର୍ଟର୍ସ

# ୧୫ ଦିନରେ ସାରିବାକୁ ବିଧାୟକଙ୍କ ନିର୍ଦ୍ଦେଶ



ଭୁବନ,୨୭ ।୧୨(ସମିସ): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ୨୦୧୦ରୁ ଆରମ୍ଭ ହୋଇଥିବା ୮ଟି କ୍ୱାର୍ଟର୍ସ କାମ ଶେଷ ହେବାର ନାଁଗନ୍ଧ ଧରୁନି। ଦୀର୍ଘ ୧୫ ବର୍ଷ ହେଲା ଚାଲିଛି ନିର୍ମାଣ। ଫଳରେ ଡାକ୍ତରଙ୍କ ନିମନ୍ତେ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ଅନ୍ୟ କର୍ମଚାରୀ ରହୁଛନ୍ତି। ଗତ ୧୫ ଦିନ ପୂର୍ବେ ୩ ଜଣ ଡାକ୍ତର କାର୍ଯ୍ୟରେ ଯୋଗଦେଇଛନ୍ତି। ରହିବା ପାଇଁ କ୍ୱାର୍ଟର୍ସ ଅଭାବ ଦେଖାଦେଇଛି। ଖବର ପାଇ ବିଧାୟକ ଶତ୍ରୁଘ୍ନ ଜେନା ଡାକ୍ତରଖାନାରେ ପହଞ୍ଚି ରୋଗୀ କଲ୍ୟାଣ ସମିତି ସହ ଆଲୋଚନା କରି ୧୫ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗଁଦିଆରେ ଉପ କୋଷାଗାର ଖୋଲିବାକୁ ଦାବି

ଗଁଦିଆ,୨୭ ।୧୨(ସମିସ): ଗଁଦିଆ ପଞ୍ଚାୟତ ସମିତି ବୈଠକକୁ ଯୋଗଦାନ କରିବା ପାଇଁ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗସ୍ତ ସମୟରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ଗଁଦିଆ ବ୍ଲକ ସଦର ମହକୁମାରେ ଉପ କୋଷାଗାର ଖୋଲିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ହରିହର ସାହୁ, ଉପଦେଷ୍ଟା ଦଣ୍ଡଧର ସାହୁ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହ ସମ୍ପାଦକ ଅନନ୍ତ ନାରାୟଣ ଶତପଥୀ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ଗଁଦିଆ ବ୍ଲକ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ମଧ୍ୟ ମନ୍ତ୍ରୀଙ୍କୁ ଏହି ବିଷୟରେ ଅବଗତ କରାଇଥିଲେ। ଗଁଦିଆ ବ୍ଲକରେ ଉପ କୋଷାଗାର ଖୋଲାଗଲେ ବରିଷ୍ଠ ନାଗରିକଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପକୃତ ହେବେ ବୋଲି ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ସାହୁ କହିଛନ୍ତି।

# ଆନ୍ତର୍ଜାତିକ ତାଏକ୍ୱୋଣ୍ଡୋରେ ଢେଙ୍କାନାଳକୁ ରୌପ୍ୟ ପଦକ



ଢେଙ୍କାନାଳ,୨୭ ।୧୨(ସମିସ)

ଢେଙ୍କାନାଳ ଗୁରୁଦେବଜୀ ଗୁରୁକୁଳର ବିଶ୍ୱଜିତ ମହାପାତ୍ର ଆନ୍ତର୍ଜାତିକ ତାଏକ୍ୱୋଣ୍ଡୋରେ ଢେଙ୍କାନାଳ ପାଇଁ ରୌପ୍ୟ ପଦକ ହାସଲ କରିଥିବାର ଜଣାପଡିଛି। ସ୍ପୋର୍ଟ କମ୍ପ୍ଲେକ୍ସ ଗୁରୁ ଦେବଜୀ ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ର ବିଶ୍ୱଜିତ ମହାପାତ୍ର କୋଲକାତାର ବିଶ୍ୱ ବଙ୍ଗଳା କନଭେନସନ ସେଣ୍ଟରରେ ୯ମ ଓପନ ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ ବର୍ଷ କମ ବିଭାଗରେ ବିଶ୍ୱଜିତ ମହାପାତ୍ର ଭାଗ ନେଇ ସଫଳତାର ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଆଜି ସେ ଢେଙ୍କାନାଳରେ ପହଞ୍ଚିଲା ପରେ ଗୁରୁକୁଳର ମୂଖ୍ୟ କୋଚ୍ ତଥା ଜାତୀୟ ସ୍ତରର କୋଚ୍ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ବିଶ୍ୱଜିତଙ୍କୁ ଢେଙ୍କାନାଳ ମଗଜି ମିଠା ଖୁଆଇ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା କରିଥିଲେ। ଏହି ପ୍ରତିଯୋଗିତା ଚଳିତ ମାସ ୨୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏଥିରେ ୭ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ସେଥି ମଧ୍ୟରୁ ଢେଙ୍କାନାଳର ବିଶ୍ୱଜିତ ପୁମସେ ଖେଳରେ ଦ୍ୱିତୀୟ ସ୍ଥାନ ହାସଲ କରି ଦେଶ, ରାଜ୍ୟ, ଜିଲ୍ଲା, ବିଦ୍ୟାଳୟ ଓ ଗୁରୁକୁଳ ପାଇଁ ଗର୍ବ ଗୌରବ ଆଣିପାରିଛନ୍ତି। ଏହି ସଫଳତା ପାଇଁ ଗୁରୁଦେବଜୀ ଗୁରକୁଳର ଅଧ୍ୟକ୍ଷ, ପ୍ରଶିକ୍ଷକଙ୍କ ସମେତ ଉଭୟ ସ୍କୁଲର ମ୍ୟାନେଜିଙ୍ଗ କମିଟି, ଅଧ୍ୟକ୍ଷ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ଓ ବୁଦ୍ଧିଜୀବୀ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଯୋରନ୍ଦା,୨୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଡ଼ବିଂଶ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଚରିତ୍ର ଗଠନକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମଧ୍ୟ ସମ୍ବାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଉପେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ପାତ୍ର ବିଦ୍ୟାଳୟର ଉନ୍ନତୀକରଣ ପାଇଁ ସହାୟତା ଘୋଷଣା କରିଥିଲେ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ସଭାପତି ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଦିଗମ୍ବର ସାହୁ, କୋଷାଧ୍ୟକ୍ଷ ଅମ୍ବୁଜ ବଲ୍ଲଭ ସାହୁ, ସଭ୍ୟ ସମରେନ୍ଦ୍ର ମହାନ୍ତି, ସଭ୍ୟା ନୟନୀ ବେହେରା, ନର୍ମଦା ବିଶ୍ୱାଳ, ପୁରାତନ କମିଟି ସଭ୍ୟ ଅମ୍ବିକା ପ୍ରସାଦ ମିଶ୍ର, ଧର୍ମାନନ୍ଦ ରାଉତ, ପ୍ରସନ୍ନ କୁମାର ରାଉତ, ଶରତ କୁମାର ପ୍ରଧାନ, ଯଦୁନନ୍ଦନ ଦାସ, ପ୍ରତ୍ୟୁଷହରି ପ୍ରଧାନ, ମହାଦୀପ ଯଶୋବନ୍ତ ମହିମା ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟଗୁରୁ ଦେବଯାନୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୂର୍ବ ଆଚାର୍ଯ୍ୟ ଆଚାର୍ଯ୍ୟା ଏକତ୍ରୀକରଣ

ଢେଙ୍କାନାଳ,୨୭ ।୧୨(ସମିସ): ଓଡ଼ାପଢ଼ା ବ୍ଲକ ଇନ୍ଦିପୁର ପରିସରରେ ବିଦ୍ୟାଳୟର ପୂର୍ବ



ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ନେଇଏକ ପୂର୍ବ ଆଚାର୍ଯ୍ୟ ଆଚାର୍ଯ୍ୟା ଏକତ୍ରୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ମଧ୍ୟ ସମ୍ବାଗର ସଂଭାଗ ସଂପାଦକ ସନ୍ତୋଷ ପୃଷ୍ଟି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବରେ ଓଡ଼ାପଢ଼ା ସଙ୍କୁଳର ସଙ୍କୁଳ ପ୍ରମୁଖ ଅଶୋକ ମହାରଣା ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶେଷଦେବ ସାହୁ,ସମ୍ପାଦକ ମହେଶ୍ୱର ନାୟକ,ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟି ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସମାଜ ଜାଗରଣରେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଭୂମିକା ପ୍ରସଙ୍ଗରେ ବକ୍ତବ୍ୟ.ପ୍ରଦାନ କରିଥିଲେ। ପୂର୍ବ ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟା ନିଜ ନିଜର ବର୍ତ୍ତମାନର ସ୍ଥିତି ଏବଂ ବିଦ୍ୟାଳୟର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କିରଥିଲେ।

# ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଶୋକ



ଢେଙ୍କାନାଳ,୨୭ ।୧୨(ସମିସ): ଓଡ଼ିଶା ବିଜେପିର ବରିଷ୍ଠ ନେତ୍ରୀ ତଥା କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଢେଙ୍କାନାଳ ବିଜେପି ଗଭୀର ଶୋକ ପ୍ରକାଶ କରିଛି।

ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ଜିଲ୍ଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ ପ୍ରମୁଖ ଗଭୀର ଶୋକ ପ୍ରକଟ କରିବା ସହ ଶ୍ରୀମତୀ ମହାନ୍ତିଙ୍କ ବିୟୋଗ ଓଡ଼ିଶା ବିଜେପି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବ୍ୟକ୍ତ କରିଛନ୍ତି। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଅଧ୍ୟାପକଙ୍କୁ ବେଷ୍ଟ ଏଡିଟର ସମ୍ମାନ

ଖଜୁରିଆକଟା,୨୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡକ୍ଟର ମହେନ୍ଦ୍ର କୁମାର ସ୍ୱାଇଁଙ୍କୁ ଆଇଏସ୍‌ଡିଆର୍ ପକ୍ଷରୁ ୨୦୨୫ ମସିହା ପାଇଁ "ବେଷ୍ଟ ଏଡିଟର୍ ଆୱାର୍ଡ଼' ପ୍ରଦାନ କରାଯାଇଛି।



ଜାତୀୟସ୍ତରୀୟ ଜର୍ଣ୍ଣାଲ "ଜର୍ଣ୍ଣାଲ ଫର ସୋସିଆଲ ରିଅଲିଟି'ରେ ଉଚ୍ଚକୋଟୀର ସମ୍ପାଦନା ନିମିତ୍ତ ତାଙ୍କୁ ସମ୍ମାନିତ କରାଯାଇଛି। ଡକ୍ଟର ସ୍ୱାଇଁ କ୍ରମାଗତ ଭାବେ ୨୦୨୩ ମସିହା ଠାରୁ ୩ ବର୍ଷ ଧରି ଏହି ବିରଳ କୃତିତ୍ୱ ହାସଲ କରିବାରେ ସଫଳ ହୋଇଛନ୍ତି। ପ୍ରଚଣ୍ଡ ଧିଃଶକ୍ତି, ଅଦମ୍ୟ କର୍ତ୍ତବ୍ୟ ନିଷ୍ଠା ଓ ପ୍ରତିକୂଳ ସମୟ ମଧ୍ୟରେ ଡକ୍ଟର ସ୍ୱାଇଁ ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ଜଣେ ସଫଳ ଗବେଷକ, ଯୁବ ଐତିହାସିକ ସହ ଜଣେ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଭାବେ ପାରଦର୍ଶିତା ଲାଭ କରିଛନ୍ତି। ନିଜ କର୍ମମୟ ଜୀବନ ମଧ୍ୟରେ ସେ ୨୦ରୁ ଉର୍ଦ୍ଧ ପୁସ୍ତକ ରଚନା ଓ ସମ୍ପାଦନା କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେନିଜକୁ ପ୍ରତିପାଦନ କରିଛନ୍ତି। "ଜାତୀୟ ଶିକ୍ଷାନୀତି ୨୦୨୦" ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନା ହେଉ କିମ୍ବା ଭାରତର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଗୁରୁ ଦକ୍ଷତା କାର୍ଯକ୍ରମ ହେଉ, ସବୁଥିରେ ନିଜର ପାରଦର୍ଶିତା ଲାଭ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସେ ହିନ୍ଦୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳ, ସମସ୍ତ ଅଧ୍ୟାପକ ମଣ୍ଡଳୀ ସମେତ ସମସ୍ତ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସ୍ଥାନୀୟ ଓକେସିଏଲ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କହିଛନ୍ତି।


# ମହାବିଦ୍ୟାଳୟ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ




ଭୁବନ,୨୭ ।୧୨(ସମିସ): ସ୍ଥାନୀୟ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଯାତ୍ରା ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ବଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ଭୂୟାଁ, ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟସଂସଦ ଉପସଭାପତି ଅଧ୍ୟାପକ ପାର୍ଥ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟସଂସଦ ସଦସ୍ୟ ନନ୍ଦକିଶୋର ଧୀର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତତିନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ଓ ହାସ୍ୟାଭିନୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ତୁଳସୀ ପୂଜନ ଦିବସ ପାଳିତ

ଢେଙ୍କାନାଳ,୨୭ ।୧୨(ସମିସ): ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ସମିତି ଓ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ତରଫରୁ ତୁଳସୀପୂଜନ ଦିବସ ଦଧିବାମନ ଜୀୟୁ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତିରେ ତୁଳସୀଙ୍କ ମହାତ୍ମ୍ୟ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆର୍ଯ୍ୟରତ୍ନ ଚକ୍ରଧରଙ୍କ ସଭାପତିତ୍ୱରେ ସମସ୍ତ ସଦସ୍ୟ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ତୁଳସୀଙ୍କ ମହାତ୍ମ୍ୟ କିପରି ରହିଛି ତାହା ଆଲୋଚନାକରିଥିଲେ। ଶ୍ରୀ ଜଗନ୍ନାଥଙ୍କ ପ୍ରାଣ ବଲ୍ଲଭୀ ଭାବେ ତୁଳସୀ ସର୍ବଦା ବନ୍ଦନୀୟ। ଘରେ ଘରେ ତୁଳସୀ ବୃନ୍ଦାବତୀଭାବରେ ପୂଜା ପାଉଛନ୍ତି। ପ୍ରାରମ୍ଭରେ କବି ନର୍ମଳା ମହାପାତ୍ରଙ୍କ ରଚିତ ତୁଳସୀପାଠ କରିଥିଲେ। ପରେ କଣ୍ଠଶିଳ୍ପୀ ଅକ୍ଷୟ ନାୟକ, ସୌଦାମିନୀ ସାହୁ, ଅଞ୍ଜଳି ଶତପଥୀ, ନର୍ମଳା ସାହୁ, ଅବନୀ ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଭାବଗ୍ରାହୀ ପଣ୍ଡା, ମନୋରମା ସିଂହ, ନିର୍ମଳ ସାହୁ, କିଶୋରଚନ୍ଦ୍ର ମିଶ୍ର, ସଞ୍ଜିତ ସାହୁ, ରାଜକିଶୋର ବେହେରା, ପୁରୁଷୋତ୍ତମ ନନ୍ଦ, ପ୍ରେମାନନ୍ଦ ଶତପଥୀ, ଅଥୟ ସାହୁ, ଅଶ୍ୱିନୀ ସାହୁ, ରୂପଶ୍ରୀ ମିଶ୍ର, ସଙ୍ଗୀତା ହୋତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ତୃତୀୟ ଅଲ୍ ଇଣ୍ଡିଆ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବିଡ଼ାନାସୀକୁ ହରାଇ ଫାଇନାଲରେ କେନ୍ଦୁଝର

କାମାକ୍ଷାନଗର,୨୭ ।୧୨(ସମିସ): ବିରାଶାଳ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଅଲ ଇଣ୍ଡିଆ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବିରାଶାଳ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ବିଡ଼ାନାସୀ କ୍ଲବକୁ ୬୩ ରନରେ ହରାଇ କେନ୍ଦୁଝର ଫେମସ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଫେମସ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨୧୧ ସଂଗ୍ରହ କରିଥିଲା। ଦଳ ତରଫରୁ ସୋମାଂଶୁ



ପଟ୍ଟନାୟକ ୪୫ ରନ ସଂଗ୍ରହ କରିଥିଲେ। ଜବାବରେ ବିଡ଼ାନାସୀ ଦଳ ୧୮.୧ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଯାଇଥିଲା। ବିଡ଼ାନାସୀ ଦଳ ତରଫରୁ ଜୀବନଜ୍ୟୋତି ଜେନା ୭୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଫେମସ କ୍ଲବର ମୋହିତ ମହାନ୍ତଙ୍କୁ ବିରାଶାଳ ଏୟାରଷ୍ଟ୍ରିପର ପାଇଲଟ ସନତ କୁମାର ଡିଗା ଓ ବିଜେପି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ମିଶ୍ର ପୁରସ୍କୃତ କରିଥିଲେ। ଅମ୍ପାୟର ସୁରେନ୍ଦ୍ର ସାହୁ, ଦିବ୍ୟଜ୍ୟୋତି ସାହୁ, ସ୍କୋରର ଭାବେ ସନ୍ତୋଷ ବାରିକ, କାହ୍ନୁ ଦାସ, ଆଶୁତୋଷ ବେହେରା ଖେଳ ପରିଚାଳନା କରିଥିଲେ। ବିପିନ ବିହାରୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।



# ଦାନର ସ୍ୱରୂପ



ମୂଳ ଇଂରାଜୀ : ସୁଧା ମୂର୍ତ୍ତି

ଅନୁସୃଜନ : ବଙ୍ଗାଳୀ ନନ୍ଦ

ପ୍ରତିବର୍ଷ ଆମଦେଶକୁ ପ୍ରାକୃତିକ ବିପତ୍ତିର ସାମନା କରିବାକୁ ପଡ଼ିଥାଏ । ସେ ହୋଇପାରେ ଗୁଜୁରାଟର ଭୂମିକମ୍ପ, ଓଡ଼ିଶାର ବନ୍ୟା କିମ୍ବା କର୍ଣ୍ଣାଟକର ମରୁଡ଼ି । ଆମ ଦେଶ ଭଳି ଏକ ଗରିବ ଦେଶକୁ ଏପରି ଦୁର୍ଗତିମାନଙ୍କର ସାମନା କରି ଅନେକ କ୍ଷୟକ୍ଷତି ସହିବାକୁ ପଡ଼ିଥାଏ ।

ମୁଁ କାମ କରୁଥିବା ସମୟରେ ଦେଖିଛି - ଏପରି ବିପତ୍ତି ସମୟରେ ଅନେକ ବଦାନ୍ୟ ବ୍ୟକ୍ତି ଟଙ୍କା ପଇସା ଆକାରରେ କିମ୍ବା ଜିନିଷ ପତ୍ର ଇତ୍ୟାଦି ସାହାଯ୍ୟକାରୀ ସଂଗଠନଗୁଡ଼ିକକୁ ଦାନ କରିଥାନ୍ତି । ଆମେ ଧରି ନେଇଥାଉ ଯେ ସେମାନଙ୍କ ମଧ୍ୟରେ ଅଧିକାଂଶ ଧନୀ ସମ୍ପ୍ରଦାୟର ଲୋକ ଥିବେ । କିନ୍ତୁ ତାହା ସତ୍ୟ ନୁହେଁ । ଅପରପକ୍ଷେ ମଧ୍ୟବିତ୍ତ ପରିବାରର ଲୋକ ଓ ନିମ୍ନ ମଧ୍ୟବିତ୍ତ ପରିବାରର ଲୋକ ବେଶୀ ସାହାଯ୍ୟ କରିଥାନ୍ତି । ଖୁବ୍ କମ୍ ଧନୀ ପରିବାର ଲୋକ ଆନ୍ତରିକ ସହଯୋଗ କରିଥାନ୍ତି ।

କିଛି ବର୍ଷ ତଳେ, ବେଙ୍ଗାଲୁରୁର ଏକ ସୁଖ୍ୟାତ କମ୍ପାନୀ 'ବ୍ୟବସାୟ କ୍ଷେତ୍ରର ସାମାଜିକ ଦାୟିତ୍ୱ' ଉପରେ ଏକ ଭାଷଣ ପ୍ରଦାନ କରିବାକୁ ମୋତେ ନିମନ୍ତ୍ରଣ କରିଥିଲେ । ଭାଷଣ ଦେବା ସହଜ, କିନ୍ତୁ ମୋ ଭାଷଣ ଶୁଣି କେତେଜଣ ପ୍ରଭାବିତ ହେବେ ସେଥିପ୍ରତି ମୋର ସନ୍ଦେହ ଥିଲା ।

ଭାଷଣ ସରିଲାପରେ, ମୁଁ ଅନେକ ଯୁବକ ଓ ଯୁବତୀଙ୍କ ସହିତ ବାର୍ତ୍ତାଳାପ କଲି । ତାହା ଏକ ସମୃଦ୍ଧଶାଳୀ କମ୍ପାନୀ ଥିଲା ଓ କର୍ମଚାରୀମାନେ ବେଶ୍ ସ୍ୱଚ୍ଛଳ ଏବଂ ଭଲ ପୋଷାକ ସବୁ ପିନ୍ଧିଥିଲେ । ଭାଷଣ ଶୁଣି ସେମାନେ ଭାବପ୍ରବଣ ହୋଇପଡ଼ିଥିଲେ ।

ସେମାନେ କହିଲେ,-"ମାଡାମ୍! ଆମେ ପ୍ରତିମାସରେ ଅନେକ ପୋଷାକ କିଣିଥାଉ, ସେ ଭିତରୁ କିଛି ଭୂମିକମ୍ପ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଦେବୁ । ଆପଣ ସହଯୋଗ କରି ସେମାନଙ୍କ ନିକଟରେ ପହଞ୍ଚାଇ ଦେଇପାରିବେ ?

ଆଉ କେତେଲୋକ ଅନ୍ୟ ଜିନିଷ ପତ୍ର ଦେବାକୁ କହିଲେ ।

"ଆମ ପିଲାମାନେ ବଡ଼ ହୋଇଗଲେଣି । ଆମେ ସେମାନଙ୍କର ପୁରୁଣା, ଖେଳନା ଓ ଗିନା , କଂସା କିଛି ଦେବାକୁ ଚାହୁଁଛୁ ।"

ସେମାନଙ୍କର ପ୍ରତିକ୍ରିୟା ଶୁଣି ମୋତେ ଖୁସି ଲାଗିଲା । ମନେ ପଡ଼ିଗଲା ରାମାୟଣ କଥା । ସେତୁବନ୍ଧ ବାନ୍ଧିବା ସମୟରେ ଗୁଣ୍ଡୁଚି ମୂଷା ମଧ୍ୟ ରାମଙ୍କୁ ସାହାଯ୍ୟ କରିବାକୁ ମୁଠେ ବାଲିଆଣି ବନ୍ଧ ବାନ୍ଧିବାରେ ସହଯୋଗ କରିଥିଲା ।

"ତୁମେ ଯାହା ଦେବା କଥା ସେସବୁ ମୋ ଅଫିସ୍‌କୁ ପଠାଇ ଦିଅ । ଠିକ୍ ଲୋକଙ୍କ ପାଖରେ ସେସବୁ ପହଞ୍ଚାଇ ଦେବି ।" ବୋଲି କହିଲି ।

ସପ୍ତାହକ ଭିତରେ ଶହ ଶହ ବ୍ୟାଗ୍ ଓ ଗଣ୍ଠିଲି ମୋ ଅଫିସ୍‌ରେ ଆସି ଗଦା ହୋଇଗଲା । ମୁଁ ଗର୍ବ ଅନୁଭବ କଲି ଯେ, ମୋ' ଭାଷଣ ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି ।

ଦିନେ ରବିବାର ଦେଖି ମୋ ସହଯୋଗୀଙ୍କୁ ନେଇ ବ୍ୟାଗ୍ ସବୁ ଖୋଲି ଦେଖିଲୁ । ଯାହା ଦେଖି ଆମେ ତଟସ୍ଥ ହୋଇଗଲୁ । ବ୍ୟାଗ୍‌ଗୁଡ଼ିକ ପରିତ୍ୟକ୍ତ ଜିନିଷ, ଛିଣ୍ଡା କପଡ଼ା ଓ ଭଙ୍ଗା ଫଟା ରସ ବାସନରେ ଭର୍ତ୍ତି ହୋଇଥିଲା । ଛିଣ୍ଡା ହାଇହିଲ୍, ଚପଲ (ସେଥିରୁ କେବଳ ଗୋଟିଏ) ମଇଳା ଲୁଗାପଟା, ଚିରା ଅଣ୍ଡର୍ ଗାର୍‌ମେଣ୍ଟ, ଭଙ୍ଗା କ୍ୟାସେଟ୍ ଇତ୍ୟାଦି ପର୍ବତ ଆକାରରେ ଆମ ଆଗରେ ପଡ଼ିଥିଲା । ତା' ଭିତରେ ଅଳ୍ପ କେତୋଟି, ଭଲ ସାର୍ଟ, ଶାଢ଼ି ବ୍ୟବହାର ଯୋଗ୍ୟ ଜିନିଷ ପାଇଲୁ । ଏଥିରୁ ପ୍ରତୀୟମାନ ହେଲା ଯେ, ଅଳିଆଗଦାରେ ଫିଙ୍ଗି ନ ଦେଇ କିମ୍ବା କବାଡ଼ିବାଲାକୁ ନ ଦେଇ ସେଗୁଡ଼ିକକୁ ମୋ ଅଫିସ୍‌କୁ ପଠେଇ ଦେଇଛନ୍ତି, ଅଭାବୀ ଲୋକଙ୍କୁ ଦାନ କରିବା ସକାଶେ । ସେଦିନ ମୁଁ ସାକ୍ଷାତ କରିଥିବା ପୁରୁଷ ଓ ନାରୀ ସମସ୍ତେ ଖୁବ୍ ସମ୍ଭ୍ରାନ୍ତ ଦେଖାଯାଉଥିଲେ । ଭଲ ପୋଷାକ ପିନ୍ଧିଥିଲେ । ଅନେକ ଜାଗା ବୁଲିଆସିଥିବେ ମଧ୍ୟ । ଯଦି ଶିକ୍ଷିତ ଲୋକମାନେ ଏଭଳି ବ୍ୟବହାର କରନ୍ତି, ତା' ହେଲେ ଅଶିକ୍ଷିତ ଲୋକଙ୍କ କଥା କାହିଁକି ଚିନ୍ତା କରିବା?

ସେତେବେଳେ ମୋର ପିଲାବେଳର କଥା ମନେପଡ଼ିଲା । ମୁଁ କର୍ଣ୍ଣାଟକରେ ହୋଭେରି ଜିଲ୍ଲାର ସିଗ୍‌ଗାଓଁ ନାମକ ଏକ ପଲ୍ଲୀ ଗାଁରେ ଜନ୍ମ ହୋଇ ବଢ଼ିଥିଲି । ମୋ ଜେଜେ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ଥିଲେ । ମୋ ଜେଜି ମା' - ନାଁ ତା'ର 'କ୍ରିଷ୍ଟାକ୍କା' ଜୀବନରେ କେବେ ସ୍କୁଲ ପିଣ୍ଡା ମାଡ଼ି ନଥିଲା । ସେମାନେ କର୍ଣ୍ଣାଟକ ଛାଡ଼ି ବାହାରକୁ କେବେ ଯାଇନାହାନ୍ତି । କିନ୍ତୁ ସେମାନେ କଠିନ ପରିଶ୍ରମ କରୁଥିଲେ । ସେମାନେ ଯାହା କରୁଥିଲେ ଆନ୍ତରିକତାର ସହ କରୁଥିଲେ । କେବେହେଲେ କାହାର ସାହାଯ୍ୟ ଚାହୁଁନଥିଲେ । ସେମାନଙ୍କ ଫଟୋ କେବେ କୌଣସି ଖବର କାଗଜରେ ଛପା ହୋଇନଥିଲା । ସେମାନେ ପୁରସ୍କାର କିମ୍ବା ସମ୍ବର୍ଦ୍ଧନା ପାଇବାକୁ କେବେ କୌଣସି ମଞ୍ଚରେ ଚଢ଼ି ନଥିଲେ । ସେମାନେ ଜଙ୍ଗଲର ଫୁଲ ପରି ସୁବାସ ବିତରଣ କରୁଥିଲେ । ସେମାନଙ୍କ କଥାରେ ଅନ୍ୟମାନଙ୍କୁ ମୁଗ୍ଧ କରୁଥିଲେ । ହେଲେ ବାହାର ଦୁନିଆ ସେମାନଙ୍କୁ ଆଦୌ ଜାଣି ନଥିଲା ।

ଗାଁରେ ଆମର ଧାନଜମି ଥିଲା । ଧାନ ଆସି ଆମ ଅମାରରେ ବୋଝେଇ ହେଉଥିଲା । ଆମଘରେ ଦୁଇଟି ଅମାର ଥିଲା । ଗୋଟିଏ ଦାଣ୍ଡଘରେ, ଆଉଟି ବାରିପଟେ । ଭଲ ଚାଉଳ ଯାହା ଧଳା ଓ ସରୁ, ସେସବୁ ଦାଣ୍ଡ ଅମାରରେ ରହେ । ଅପେକ୍ଷାକୃତ ନିମ୍ନମାନର ଚାଉଳ, ଯେଉଁଗୁଡ଼ିକ ଟିକେ ମୋଟା ଓ ନାଲିରଙ୍ଗର ସେଗୁଡ଼ିକ ପଛପଟ ଅମାରରେ ରହେ ।

ସେ ଦିନଗୁଡ଼ିକରେ ସାମ୍ପ୍ରଦାୟିକ ବିଭାଜନ ଆଦୌ ନ ଥିଲା । ଭିନ୍ନ ଭିନ୍ନ ବର୍ଗର ଲୋକ ମିଳିମିଶି ଶାନ୍ତିରେ ଗାଁରେ ଚଳୁଥିଲେ । କେତେଜଣ ଭିକ୍ଷା ମାଗିବାକୁ ଆମ ଘରକୁ ଆସୁଥିଲେ । ସେମାନଙ୍କ ଭିତରେ ଥାଆନ୍ତି ମୁସ୍‌ଲିମ୍ ଫକୀର, ହିନ୍ଦୁ ଦାସିଆ ଇତ୍ୟାଦି । ସେମାନେ ଭକ୍ତି ଗୀତ ଗାଇ ଗାଇ ଗାଁରେ ବୁଲନ୍ତି । ଏଲ୍ଲାମା ଯୋଗୀମାନେ ମୁଣ୍ଡରେ ଏଲ୍ଲାମ୍ମା ଠାକୁରାଣୀଙ୍କୁ ଧରି ଓ ଠାକୁର ଫଟୋମାନ ଧରି ସାହିରେ ଭିକ୍ଷାଟନ କରନ୍ତି । ଗରିବ ଛାତ୍ରମାନେ ଓ ଅକର୍ମଣ୍ୟ ଲୋକମାନେ ମଧ୍ୟ ଭିକ୍ଷା ମାଗନ୍ତି ।

ଆମ ଘରମାନଙ୍କରେ ସେ ସମୟରେ ଟଙ୍କା-ପଇସା ବେଶି ନ ଥାଏ । ଆମ ଜେଜେ ସେମାନଙ୍କୁ ତେଣୁ ପଇସା ନ ଦେଇ ଚାଉଳ ଦେଇ ସନ୍ତୋଷ କରୁଥିଲେ । ସାହାଯ୍ୟ ପାଉଥିବା ଲୋକମାନେ ବେଶି କଥାବାର୍ତ୍ତା କରୁନଥିଲେ । ସେମାନେ ଚାଉଳ ପାଇ ହସି ଦେଉଥିଲେ ଓ ଡାହାଣ ହାତ ଉଠେଇ ଆମକୁ ଆଶୀର୍ବାଦ କରୁଥିଲେ । ଜାତି, ଧର୍ମ ନିର୍ବିଶେଷରେ ଆଶୀର୍ବାଦ କେବଳ ଥିଲା "ଭଗବାନ ତୁମର ମଙ୍ଗଳ କରନ୍ତୁ ।" ମୋ ଜେଜେ ସେମାନଙ୍କୁ ଦାନ ଦେଇସାରିବା ପରେ ଖୁବ୍ ଖୁସି ଜଣାପଡୁଥାନ୍ତି ।

ସେତେବେଳେ ମୁଁ ଛୋଟିଆ ଝିଅଟିଏ । ବେଶୀ ଉଚ୍ଚ ନଥାଏ । ଯେହେତୁ ଆଗଘର ଅମାରଟିର ପ୍ରବେଶ ପଥଟି ଛୋଟ ଥିଲା, ତେଣୁ ବଡ଼ ଲୋକମାନେ ସେ ଭିତରକୁ ଯିବା ସହଜ ନଥିଲା । ତେଣୁ ମୋତେ ଗୋଟିଏ ଛୋଟ ବାଲଟି ଦେଇ ଭିତରକୁ ପଠାଯାଉଥିଲା । ସେଥିରେ ଚାଉଳ ଭରି ମୁଁ ବାହାର ଲୋକଙ୍କୁ ଦେଉଥିଲି । କେତେ ଚାଉଳ ଦରକାର ସେମାନେ ମୋତେ କହୁଥିଲେ ।

ସଞ୍ଜବେଳେ ଆମ ଜେଜି ମା' ସମସ୍ତଙ୍କ ପାଇଁ ରୋଷେଇ କରେ । ସେତିକି ବେଳେ ସେ ମୋତେ ବାରିପଟରେ ଥିବା ଅମାର ଭିତରକୁ ଯିବାକୁ କହେ ଯେଉଁଥିରେ ନାଲି ରଙ୍ଗର ମୋଟା ଚାଉଳ ରହେ । ଯେତିକି ଚାଉଳ ଦରକାର ମୋତେ କହିଲେ, ମୁଁ ସେଥିରୁ କାଢ଼ି ଦିଏ ଓ ରାତ୍ରି ଭୋଜନପାଇଁ ସେ ଚାଉଳ ରନ୍ଧାଯାଏ ।

ଏମିତି ବର୍ଷ ବର୍ଷ ଧରି ଚାଲିଥାଏ । ମୁଁ ଟିକିଏ ବଡ଼ ହେଲାପରେ ଜେଜେବାପା ଓ ଜେଜିମା'ଙ୍କୁ ଅନେକ ଦିନଧରି ମୋ ମନଭିତରେ ଥିବା ସନ୍ଦେହ ଦୂର କରିବା ପାଇଁ ଦିନେ ପଚାରିଲି- "ଆମେ ସବୁବେଳେ ନାଲି ଚାଉଳ କାହିଁକି ଖାଉଛେ ଯେଉଁଗୁଡ଼ିକ ଭଲ ନୁହେଁ, ଆଉ ଭଲ ଚାଉଳ ଗରିବ ଲୋକଙ୍କୁ ଭିକ୍ଷା ଦେଉଛେ କାହିଁକି?"

ମୋ ଜେଜିମା' ହସିଲା ଓ ଯାହା କହିଲା, ସାରା ଜୀବନ କେବେ ମୁଁ ସେ କଥା ଭୁଲି ପାରିବି ନାହିଁ ।

"ଝିଅ ! ଯଦି ତୁ କାହାକୁ କିଛି ଦେବାକୁ ଚାହୁଁଛୁ, ତେବେ ତୋ' ନିକଟରେ ଥିବା ଭଲ ଜିନିଷଟି ସେମାନଙ୍କୁ ଦେବା ଉଚିତ । ଖରାପ ଜିନିଷ କେବେ କାହାକୁ ଦେବା ଉଚିତ୍ ନୁହେଁ । ଜୀବନରେ ମୁଁ ସେ କଥାଟି ଶିଖିଛି । ଭଗବାନ ମନ୍ଦିର, ଚର୍ଚ୍ଚ କିମ୍ବା ମସ୍‌ଜିଦ୍‌ରେ ନ ଥାନ୍ତି । ସେ ଗରିବ ଓ ଅସହାୟ ରୂପେ ଆମ ନିକଟକୁ ଆସିଥାନ୍ତି । ତୁ ଯଦି ସେମାନଙ୍କୁ ଭଲ ଜିନିଷ ଦେବୁ, ତେବେ ତାହା ଭଗବାନ ପାଇବେ ।"

ମୋ ଜେଜେବାପା ମୋ ପ୍ରଶ୍ନର ଆଉ ଏକ ପ୍ରକାର ଉତ୍ତର ଦେଇଥିଲେ । କହିଥିଲେ- ଆମ ପୂର୍ବପୁରୁଷମାନେ ବେଦରେ ଆମ ପାଇଁ କହିଯାଇଛନ୍ତି, - "ଦାନ ଦେଲା ବେଳେ,ବିନୟ ସହକାରେ ଦାନ ଦିଅ । ଦାନ ଆନନ୍ଦରେ ଦିଅ । ଆନ୍ତରିକ ଭାବେ ଦାନ ଦିଅ । ଅଭାବୀ ଲୋକଙ୍କୁ ଦାନ ଦିଅ । ପ୍ରତ୍ୟାଶା ନ ରଖି ଦାନ ଦିଅ । କାରଣ ଦାନ ଉପହାର ନୁହେଁ, ଏହା ଏକ କର୍ତ୍ତବ୍ୟ । ତୁମ ଘର ଲୋକଙ୍କ ସମ୍ମତିରେ ଦାନ ଦିଅ । ତୁମକୁ ଆଶ୍ରା କରି ବଞ୍ଚିଥିବା ଲୋକଙ୍କୁ ଅଣଦେଖା କରି ଦାନ ଦିଅ ନାହିଁ । ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ଦାନ କର ନାହିଁ । ଏମିତି ଦାନ କର ଯାହା ଦ୍ୱାରା ଗ୍ରହୀତାର କିଛି ଉପକାର ହେବ ।"

ମୁଁ ଯେତେବେଳେ ଛୋଟ ଝିଅ ଟିଏ ଥିଲି, ସେତେବେଳେ ମୋର ଗୋସେଇଁ ବାପା ଓ ଗୋସେଇଁ ମା' - ଏକଥା ମତେ କହିଥିଲେ । ଯାହା ଏ ପର୍ଯ୍ୟନ୍ତ ମୋ ମନରେ ରହିଛି । ଯଦି କାହାକୁ ମୁଁ କିଛି ସାହାଯ୍ୟ କରିବାକୁ ଯାଏ । ସେହି ସରଳ ଓ ନିଷ୍ପାପ ଲୋକମାନଙ୍କର ଉପଦେଶ ମତେ ସାହାଯ୍ୟ କରେ । ଏସବୁ କଥା ମୁଁ କୌଣସି ସ୍କୁଲ କିମ୍ବା କଲେଜରୁ ଶିଖି ନଥିଲି । ■

ପ୍ଲଟ ନଂ- ୬୨୦୨-୧୧୬୦୪
ଲୋକନାଥ ବିହାର
ଭୋଟପଡ଼ା, ମଞ୍ଚେଶ୍ୱର ରେଳବାଇ କଲୋନୀ
ଭୁବନେଶ୍ୱର- ୭୫୧୦୧୭
ମୋ: ୯୪୩୮୦୩୬୦୩୭

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା: ସୁବାସିନୀ ଜେନା





ଓ.ଟି. ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ ୭୦ ଟଙ୍କା

ସୃଜନର କିଛି ନୂତନ ସମ୍ଭାର ନେଇ ପ୍ରକାଶ ପାଇଛି 'ରେବତୀ'ର ଡିସେମ୍ବର-୨୦୨୫ ସଂଖ୍ୟା । ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ ସଂପୂର୍ଣ୍ଣ ରଙ୍ଗିନ 'ରେବତୀ' ପତ୍ରିକା ବେଶ୍ ଆକର୍ଷଣୀୟ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମାଣବସାର ମହକ', ମନୋଜ ମେହେରଙ୍କ 'ଶବ୍ଦର ଇନ୍ଦ୍ର ରାଜେନ୍ଦ୍ର', ମମତା ଦାଶଙ୍କ 'ପୁଣି ଫେରିବେ ରାଜେନ୍ଦ୍ର', ଦାଶ ବେନହୁରଙ୍କ 'ଶରତ ସନ୍ଦେଶ', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ପୁଷ୍ପୁନିର ପୁଲକ' ଆଦି ଲେଖାଗୁଡ଼ିକ ତଥ୍ୟ ଭିତ୍ତିକ ଓ ହୃଦୟସ୍ପର୍ଶୀ ହୋଇଛି । ସେହିପରି ଅକ୍ଷୟ ସ୍ୱାଇଁଙ୍କ 'ପତ୍ର ଝଡ଼', ଗୌତମ ଜେନାଙ୍କ 'ସମୟ ସରିଆସିବା ବେଳକୁ', ଡକ୍ଟର ସିନ୍ଧୁ ସେନ୍‌ଙ୍କ 'କାନ୍ଥ', ନନ୍ଦ କିଶୋର ସିଂହଙ୍କ 'କେତୋଟି ଝିଅ କଥା' ପ୍ରଭୃତି କବିତାଗୁଡ଼ିକର ଭାବ ଓ ଭାଷା ମାର୍ମିକ ହୋଇଛି । ସେଭଳି 'କଥା-କାହାଣୀ'ରେ ଡକ୍ଟର ଉଷାରାଣୀ ଦାଶଙ୍କ 'ଉଖୁଡ଼ା', ବିଜୟ ପଟ୍ଟନାୟକଙ୍କ 'ଆଜି ନଈବଢ଼ି ପୁଣି ଆସିଛି', ବସନ୍ତ ମଞ୍ଜରୀ ମିଶ୍ରଙ୍କ 'ଆଲୋ ସଖି', ରଞ୍ଜନ କୁମାର ଦାସଙ୍କ 'ଶେଷଇଚ୍ଛା' ଗପ ମନଛୁଆଁ ହୋଇଛି । ସେହିପରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ଲୋକକଥା', 'ରୋଷେଇଶାଳ', 'ଶେଷପୃଷ୍ଠା' ଆଦି ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ





୨ଆର୍.ଏ.-୬୦, ରୋଡ୍-୭
ୟୁନିଟ୍-୯, ଭୁବନେଶ୍ୱର-୨୨
ମୂଲ୍ୟ ୪୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଡିସେମ୍ବର -୨୦୨୫ ସଂଖ୍ୟା ବରିଷ୍ଠ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ଲେଖାରେ ସମୃଦ୍ଧଶାଳୀ ହୋଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଚଳିତ ସଂଖ୍ୟାରେ ବୀରେଶ୍ୱର ମହାନ୍ତିଙ୍କ 'ଦ୍ୱନ୍ଦ୍ୱ', ସୁଶୀଳ କୁମାର ନନ୍ଦଙ୍କ 'ଜଣେ ରାଜନେତାଙ୍କ ଶେଷ କଥା', ସୁଷମା ଚୌଧୁରୀଙ୍କ 'ଗାନ୍ଧାରୀଙ୍କ ଅନାବୃତ ଚକ୍ଷୁ', ରୋଜାଲିନ୍ ମିଶ୍ରଙ୍କ 'ଜାନୁଘଣ୍ଟ', ବିଜୟ ପ୍ରଧାନଙ୍କ 'ଆଖି ଦିଶୁ ନଥିବା ଦୃଶ୍ୟ', ଶଶିଭୂଷଣ ମହାନ୍ତିଙ୍କ 'ପିପାସା', ବନସ୍ମିତା ପତିଙ୍କ 'ସବାରିର ବୋଝ' ଆଦି ଗଳ୍ପଗୁଡ଼ିକରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରତିଫଳିତ ହୋଇଛି । ସେହିପରି 'ଅନନ୍ୟ ପରମ୍ପରା'ରେ ଡକ୍ଟର ଭାସ୍କର ମିଶ୍ରଙ୍କ 'ଶ୍ରୀମନ୍ଦିରରେ ମାହାରୀ ପରମ୍ପରା'ରେ ଶ୍ରୀମନ୍ଦିରରେ ଦେବଦାସୀ ପରମ୍ପରାର ଇତିହାସ, ତାତ୍ପର୍ଯ୍ୟ ଆଦି ସଂପର୍କରେ ତଥ୍ୟଭିତ୍ତିକ ଆଲୋଚନା କରାଯାଇଛି । 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ନୋବେଲ ବିଜୟିନୀ ମାରିଆ'ରେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ମାରିଆ କୋରିନା ମାଚାଡ଼ୋଙ୍କ ସଂଘର୍ଷମୟ ଜୀବନ କଥା ବର୍ଣ୍ଣନା କରାଯାଇଛି । 'ସ୍ୱାସ୍ଥ୍ୟ ସନ୍ଦେଶ'ରେ ଡା. ମଦନ ମୋହନ ପାଢ଼ୀଙ୍କ 'ଅମ୍ଳପିତ୍ତ ରୋଗର ପ୍ରତିକାର'ରେ ଅମ୍ଳପିତ୍ତ ରୋଗର କାରଣ ଓ ନିରାକରଣ ସଂପର୍କରେ ଆଲୋଚନା କରାଯାଇଛି । 'ଶୋଭନା'ର ଡିସେମ୍ବର ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ଗୋଟେ କଣ୍ଢେଇ ପରି ପୃଥିବୀ





ମୂଳ ହିନ୍ଦୀ: ଅଶୋକ ବାଜପେୟୀ

ଅନୁସୃଜନ: ପ୍ରବାସିନୀ ମହାକୁଡ଼

ପୃଥିବୀର ଆଖପାଖରେ
ଘୂରି ବୁଲନ୍ତି ଦେବତା
ନକ୍ଷତ୍ର ଆଉ ଗନ୍ଧର୍ବ ।

ପୃଥିବୀକୁ ପରିକ୍ରମା କରନ୍ତି
ପ୍ରାଚୀନ ସନ୍ଥ, ରାକ୍ଷସ
ଆଉ ଇତିହାସଠୁ ଅଦୃଶ୍ୟ ସମୟ ।

ଯେଉଁ ପୃଥିବୀ ବସୁନ୍ଧରା ଥିଲା,
ଯେଉଁ ପୃଥିବୀ ଉଠିଥିଲା ସମୁଦ୍ରରୁ
ସେଇ ପୃଥିବୀକୁ
ଗୋଟେ କଣ୍ଢେଇ ପରି
ଗହଣାଗାଣ୍ଠି ପିନ୍ଧେଇ କରି
ନିଜ ପାଖ ବିଛଣାରେ ଶୁଆଏ
ନିଦରେ ନିମଗ୍ନ
ସ୍ୱପ୍ନ–ପରି ମୋ ଝିଅ । ■

# କେହି କବୀର ନୁହଁନ୍ତି

କେବେକେବେ କ୍ଳାନ୍ତ ହୋଇ ମୁଁ
ନିଜର ମଇଳା ଲୋଚୋକୋଚା ଚାଦର ବିଷୟରେ ଭାବେ
ମନେନାଇଁ କେବେ, କେଉଁଠି ଏଇ ଚାଦର ପାଇଥିଲି
କିନ୍ତୁ ପୂର୍ବଜ ଦେଇଥିଲେ ବିଲ୍‌କୁଲ୍ ଧଳା ତ
ପ୍ରଥମରୁ ହିଁ ନଥିଲା ।

ମୁଁ ପ୍ରତି ମୁହୂର୍ତ୍ତରେ ଚେଷ୍ଟା କଲି
ଯେ ତାକୁ ସଫା ରଖେ
ନା ଦାଗହୀନ ଥିଲା ନା ରହିପାରିଲା
ଦେହରେ ଗୁଡ଼ାଏ
ଉପରକୁ ଟାଣି
ଖୁଣ୍ଟିରେ ଟାଙ୍ଗି ଦିଏ
ନ ହେଲେ ଯତ୍ନରେ କେଉଁଠି ରଖିଦିଏ
ତା' ଦାଗ ବି ଚିହ୍ନ ଲାଗି ହିଁ ଯାଏ
ଗୁଡ଼ ପାଖକୁ ଆସୁଥିବା ପିମ୍ପୁଡ଼ିଙ୍କ ପରି
ଜାଣେନା କେଉଁଠୁ-କେଉଁଠୁ
ଦାଗ ଚାଦର ଆଡ଼କୁ ଟାଣି ହୋଇଯାଆନ୍ତି
ପୁଣି ସଫାସୁତୁରା ରହିଲାଣି ଜୀବନ
ପ୍ରେମ ଆଉ ଈର୍ଷାରେ
ଲୋଭ ଆଉ ଚାହିଁବାରେ
ଅନ୍ୟର ଉତ୍ତମ ଜୀବନରୁ ଜନ୍ମିଥିବା ଜ୍ୱଳନ
ଶବ୍ଦଠୁ ବାରମ୍ବାର ବାହାରି ଯିବାର ଭାଗ୍ୟ
ଜୀବନକୁ ଏତେ ଆଉ ଏତେଥର ମଇଳା କରି ଦେଇଛି
ଯେ ବିଚାରୀ ଏଇ ଚାଦରର କ'ଣ ସାଧ
ଯେ ସିଏ ସଫାସୁତୁରା ରହିପାରିଥାନ୍ତା
ପାଖ ପଡ଼ିଶାରେ କେହି କବୀର ନଜରକୁ ଆସନ୍ତିନି
ଯାହାକୁ ଏଇ ଚାଦର ଦେଇ ଆସନ୍ତି ଯେ
ସମୟ ପାଇଲେ ଯା'କୁ ରଫୁ କରି ଦିଅନ୍ତା
ନ ହେଲେ କୌଣସି ବିଶ୍ୱାସଯୋଗ୍ୟ ସାବୁନରେ ଧୋଇ
କିଛି ତ ଚକ୍ ଚକ୍ କରିବ । ■

ଷ୍ଟେସନ୍ ବଜାର, ଢେଙ୍କାନାଳ

# ଆଣ୍ଡରସନ୍‌ଙ୍କ ପରୀ କାହାଣୀରେ କାରୁଣ୍ୟ



ଡକ୍ଟର ବିଶ୍ୱନାଥ ସାହୁ

ହାନ୍‌ସ କ୍ରିଷ୍ଟିଆନ ଆଣ୍ଡରସନ୍ ହେଉଛନ୍ତି ଉନବିଂଶ ଶତାବ୍ଦୀର ଜଣେ ବିଖ୍ୟାତ କାହାଣୀକାର । ସେ ୧୮୦୫ ମସିହାରେ ଡେନମାର୍କରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ପିତାଙ୍କୁ ହରାଇଥିବାରୁ ଘୋର ଦାରିଦ୍ର୍ୟ ମଧ୍ୟରେ ତାଙ୍କର ଶୈଶବ ଓ କୈଶୋର ଜୀବନ ବିତିଥିଲା । ସ୍କୁଲ, କଲେଜରେ ପାଠ ପଢ଼ିବାର ସୁଯୋଗ ସେ ପାଇପାରିନାହାନ୍ତି । ଏକ ଥିଏଟର ଦଳ ସହ ମିଶି କିଛିଦିନ ନାଚ, ଗୀତ ଓ ଅଭିନୟ କରିଥିଲେ ହେଁ ତାଙ୍କୁ ଏହା ଭଲ ନ ଲାଗିବାରୁ ପରବର୍ତ୍ତୀ ସମୟରେ ସେ ଲେଖାଲେଖି ଆଡ଼କୁ ମନ ବଳାଇଥିଲେ ।

ସେ ଅନେକ ନାଟକ, ଉପନ୍ୟାସ, କବିତା, ଯାତ୍ରା ପୁସ୍ତକ ତଥା ଆତ୍ମକଥାର ଲେଖକ ହୋଇଥିଲେ ହେଁ କାହାଣୀ ଲେଖକ ଭାବରେ ତାଙ୍କର ସୁଖ୍ୟାତି ରହିଛି । ପରୀ କାହାଣୀର (Fairy Tales) ଲେଖକ ଭାବରେ ସେ ସମଗ୍ର ପୃଥିବୀରେ ସୁପରିଚିତ । ତାଙ୍କ ଲିଖିତ ପରୀ କାହାଣୀ ଶିଶୁମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥିବାରୁ ତାଙ୍କୁ 'ଶିଶୁର ବନ୍ଧୁ' ବୋଲି କୁହାଯାଉଥିଲା । କିନ୍ତୁ ଏହା କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା; ବରଂ କିଶୋର ଓ ଯୁବକମାନଙ୍କ ପାଇଁ ମଧ୍ୟ ଏହା ଏକ ପଠନୀୟ ସାହିତ୍ୟକୃତି ।

ଆଣ୍ଡରସନ୍ ଏହି କାହାଣୀଗୁଡ଼ିକକୁ ଡେନିଶ୍ ଭାଷାରେ ଲେଖିଛନ୍ତି । ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ସେ ସମୟରେ ଉକ୍ତ କାହାଣୀଗୁଡ଼ିକ ସ୍ୱତନ୍ତ୍ର ଥିଲା । ୧୮୩୦ ଦଶକର ଶେଷ ଆଡ଼କୁ ଆଣ୍ଡରସନ୍‌ଙ୍କୁ ସରକାରଙ୍କ ତରଫରୁ ଏକ ଷ୍ଟାଇପେଣ୍ଡ ମିଳିଥିଲା, ଯାହା ତାଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିଥିଲା । ଏହା ପରେ ପରେ ତାଙ୍କ କାହାଣୀ ସବୁ ୟୁରୋପ ଏବଂ ଜର୍ମାନୀରେ ବିଶେଷ ଲୋକପ୍ରିୟତା ହାସଲ କରିଥିଲା । ୧୮୩୧ରୁ ୧୮୭୩ ମସିହା ପର୍ଯ୍ୟନ୍ତ ସେ ସମଗ୍ର ୟୁରୋପ୍, ଏସିଆ ଓ ଆଫ୍ରିକା ଭ୍ରମଣରେ ବାହାରିଥିଲେ । ସେହି ଯାତ୍ରାକାଳୀନ ଅନୁଭୂତିକୁ ତାଙ୍କ ଯାତ୍ରା ପୁସ୍ତକଗୁଡ଼ିକରେ ଉଲ୍ଲେଖ କରିଥିଲେ । ବିଶେଷ କରି 'En digtens bazar', 'I sverrig' ଏବଂ 'I Sparian' ଆଦି ଲେଖାରେ ଏହା ଦୃଶ୍ୟମାନ । ଲେଖକ ନିଜର ଲେଖା ଓ ଜିନିଷଗୁଡ଼ିକକୁ ସାଇତି ରଖୁଥିଲେ । ତେଣୁ ଆଜି ମଧ୍ୟ ତାଙ୍କ ଡାଏରି ଓ ହଜାର ହଜାର ପତ୍ର ସଂରକ୍ଷିତ ରହିଛି ।

ଆଣ୍ଡରସନ୍ ମୋଟ ୧୫୬ଟି (କେତେକ ତଥ୍ୟାନୁସାରେ ୧୬୮ଟି) ପରୀ କାହାଣୀ ରଚନା କରିଥିଲେ । ଏହା ୯ଟି ଭାଗରେ ବିଭକ୍ତ ଏବଂ ୧୨୫ରୁ ଅଧିକ ଭାଷାରେ ଅନୂଦିତ । ୧୮୩୫ ମସିହାରେ ତାଙ୍କର ପ୍ରଥମ ପରୀ କାହାଣୀ ସଂଗ୍ରହ 'ଫେୟାରି ଟେଲ୍ସ ଟୋଲ୍ଡ ଫର୍ ଚିଲଡ୍ରେନ୍' ପ୍ରକାଶିତ ହୋଇଥିଲା । ଦାରିଦ୍ର୍ୟ, ପ୍ରେମ, ବିଶ୍ୱାସଘାତକତା, ଆତ୍ମ-ଆବିଷ୍କାର ଏବଂ ସାମାଜିକ ବ୍ୟଙ୍ଗ ହେଉଛି ତାଙ୍କ କାହାଣୀଗୁଡ଼ିକର ପ୍ରମୁଖ ଭାବବସ୍ତୁ । ତାଙ୍କର 'ଦ ଲିଟଲ୍ ମର୍ମେଡ୍' କାହାଣୀରେ ପ୍ରେମ ଓ ବଳିଦାନର ଚିତ୍ର, 'ଦ ଅଗ୍ଲି ଡକ୍ଲିଙ୍ଗ୍' କାହାଣୀରେ ଆତ୍ମ-ଆବିଷ୍କାର ତଥା ଆତ୍ମସମ୍ମାନର କଥା ଏବଂ 'ଦ ଏମ୍ପରର୍ସ ନ୍ୟୁ କ୍ଲୋଥ୍ସ'ରେ ଅହଂକାର ଏବଂ ସତ୍ୟତାର ବ୍ୟଙ୍ଗାତ୍ମକ ଚିତ୍ରଣ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ବର୍ଣ୍ଣିତ । ପୁଣି ସାତ ଭାଗରେ ବିଭକ୍ତ 'ଦ ସ୍ନୋ କ୍ୱିନ୍' କାହାଣୀ ପାଠକଙ୍କୁ ମିତ୍ରତା ଓ ସାହସର ଚିରନ୍ତନ ବାର୍ତ୍ତା ପ୍ରଦାନ କରେ ।

ସେ ଜଣେ ଦରଦୀ ଲେଖକ ଥିଲେ । ଜୀବନର କଠୋର ସତ୍ୟକୁ ଦର୍ଶାଉଥିବା ତାଙ୍କର କାହାଣୀଗୁଡ଼ିକ ସୁଖାନ୍ତକ ନୁହେଁ । କବିତ୍ୱପୂର୍ଣ୍ଣ ଶୈଳୀରେ ରଚିତ ଅଧିକାଂଶ କାହାଣୀ ଦୁଃଖଦ ଅନ୍ତରେ ପାଠକଙ୍କୁ ଆର୍ଦ୍ର କରେ । ଦେଖିବାକୁ ଗଲେ ଦାରିଦ୍ର୍ୟ ଓ ଅପମାନରେ ଭରା ନିଜ ଜୀବନର ଅନୁଭବ ତାଙ୍କ ରଚନାକୁ ଅଧିକ ପ୍ରାଣବନ୍ତ ଓ ବାସ୍ତବବାଦୀ କରିଅଛି ।

'ଦ ଲିଟିଲ୍ ମର୍ମେଡ୍' ହେଉଛି ତାଙ୍କର ଏକ ଲୋକପ୍ରିୟ କାହାଣୀ । କାହାଣୀ ଅନୁସାରେ ଛୋଟ ଜଳପରୀଟିଏ ଭଲପାଇ ବସେ ଏକ ମାନବ ରାଜକୁମାରକୁ । ଏଥିରେ ତା'ର ସ୍ୱର ନଷ୍ଟ ହୋଇଯାଏ, ତଥାପି ସେ ପ୍ରେମରେ ପଛଘୁଞ୍ଚା ଦିଏନି । ଏପଟେ ରାଜକୁମାର ତାକୁ ଆଦୌ ପସନ୍ଦ କରେ ନାହିଁ । ତେଣୁ ସେ ଆଉ ଜଣେ ରାଜକୁମାରୀ ସହ ବିବାହ ବନ୍ଧନରେ ବାନ୍ଧିହୁଏ । ଜଳପରୀ ପାଖରେ ରାଜକୁମାରକୁ ମାରି ନିଜର ପୂର୍ବ ଜୀବନ ଫେରି ପାଇବାର ସୁଯୋଗ ଥିବା ସତ୍ତ୍ୱେ ସେ ମାରିପାରେ ନାହିଁ । ମୃତ୍ୟୁକୁ ଆଦରି ନେଇ ସେ ସମୁଦ୍ର ଫେଣରେ ମିଳେଇ ଯାଏ । ଆଣ୍ଡରସନ୍ ବ୍ୟକ୍ତିଗତ ଜୀବନରେ ଯେଉଁ ଅପୂର୍ଣ୍ଣ ପ୍ରେମ, ତ୍ୟାଗ ତଥା ମରଣପ୍ରାୟ-ବିରହ ଭୋଗିଥିଲେ, ତାହା ଏହି ଗଳ୍ପରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ।

'ଦ ଲିଟିଲ୍ ମ୍ୟାଚ୍ ଗାର୍ଲ'ର କାହାଣୀ ଦାରିଦ୍ର୍ୟ ତଥା ଗରିବ ପ୍ରତି ସମାଜର ଉପେକ୍ଷାକୁ ଉଜାଗର କରେ । ନୂତନ ବର୍ଷର ଏକ ଶୀତରାତିରେ ଗରିବ ଝିଅଟିଏ ମାଚିସ୍ ବିକୁ ଥାଏ; କିନ୍ତୁ କେହି ବି ତା'ର ମାଚିସ୍ କିଣୁ ନଥାନ୍ତି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସେ ଗୋଟେ ପରେ ଗୋଟେ ମାଚିସ୍ ଜାଳିବା ଆରମ୍ଭ କରେ । ପ୍ରତ୍ୟେକ ଜଳନ୍ତା ଶିଖା ସହ ସେ ସ୍ୱପ୍ନ ଦେଖେ ଗରମ ଗରମ ଭୋଜନ, ସୁନ୍ଦର କ୍ରିସ୍‌ମାସ୍ ଟ୍ରି ଓ ତା'ର ମୃତ ଜେଜେମାଙ୍କ ସମ୍ପର୍କରେ । ଶେଷ ମାଚିସ୍ ବେଳକୁ ତା'ର ଜେଜେମା ଆସି ତାକୁ ସ୍ୱର୍ଗକୁ ନେଇଯାନ୍ତି । ପରଦିନ ଲୋକମାନେ ପାଆନ୍ତି ସେ ଝିଅଟିର ମୃତ ଶରୀର । ଥଣ୍ଡା ଓ ଭୋକରେ ଝିଅଟି ଆରପାରିକୁ ଚାଲିଯିବା ପରେ ବି ତା' ମୁହଁରେ ଲାଖିରହିଥାଏ ହସଟିଏ । ବାସ୍ତବରେ ନିରୀହ ଶିଶୁକନ୍ୟାର ମୃତ୍ୟୁ ସତେ ଯେମିତି ସମାଜର ଉଦାସୀନତା ଉପରେ ଏକ ତୀର୍ଯ୍ୟକ୍ ବ୍ୟଙ୍ଗ । ଏହାର କାରୁଣ୍ୟରେ ପାଠକ ବିମୋହିତ ହେବା ସ୍ୱାଭାବିକ ।

ସେହିପରି 'ଦ ଷ୍ଟେଡଫାଷ୍ଟ ଟିନ୍ ସୋଲଜର୍' କାହାଣୀରେ ଗୋଟିଏ ଗୋଡ଼ ଥିବା ସୈନିକଟିଏ ପ୍ରେମ କରେ ଏକ କାଗଜ-ନର୍ତ୍ତକୀ(ବେଲେରିନା)କୁ । ଘଟଣାକ୍ରମେ ଦୁର୍ଭାଗ୍ୟକୁ ସୈନିକଟି ଚିମିନି ନିଆଁରେ ପଡ଼ି ଜଳି ଯାଇ ମୃତ୍ୟୁବରଣ କରେ । ଏପଟେ ନର୍ତ୍ତକୀ ମଧ୍ୟ ପବନର ପ୍ରବାହରେ ଉଡ଼ିଯାଇ ସେହି ନିଆଁରେ ପଡ଼ି ଜଳିଯାଏ । ଶେଷରେ ରହିଯାଏ କେବଳ ଟିଣର ଏକ ଛୋଟ ହୃଦୟ ଓ ଜଳିସାରିଥିବା କଳା ଗୋଲାପର ଏକ ଆକୃତି । ପ୍ରେମ ଏଠି ଅସଫଳ । ତେଣୁ ଏକ କ୍ରୂର ବିୟୋଗାତ୍ମକ ପରିଣତିରେ ସରୁଛି ଏ କାହାଣୀ ।

'ଦ ଅଗ୍ଲି ଡକଲିଙ୍ଗ' କାହାଣୀ ସେତେ ଦୁଃଖାନ୍ତକ ନ ହେଲେ ବି ଅବହେଳା, ତିରସ୍କାର ଓ ଏକାକୀତ୍ୱର ଭାବ ଏଥିରେ ବିଦ୍ୟମାନ । ଏହା ମଧ୍ୟ ଊଣା ଅଧିକେ ବିରହାତ୍ମକ ଓ ଦୁଃଖପ୍ରଧାନ । ଏହିପରି ଆଣ୍ଡରସନ୍‌ଙ୍କ ଅଧିକାଂଶ କାହାଣୀ କେବଳ ମନୋରଞ୍ଜନ ପାଇଁ ଲେଖା ଯାଇନାହିଁ; ବରଂ ଜୀବନର କଠୋର ସତ୍ୟକୁ ସେ କଳ୍ପନାର ପୁଟ ଦେଇ ଅତି ଜୀବନ୍ତ ଭାବରେ ପାଠକ ପାଖରେ ପହଞ୍ଚାଇଛନ୍ତି । ଆଜି ମଧ୍ୟ ଏହି କାହାଣୀଗୁଡ଼ିକ ନୂଆ ପିଢ଼ିଙ୍କୁ ପ୍ରେରଣା ଦିଏ । ତେଣୁ ହାନ୍‌ସ କ୍ରିଷ୍ଟିଆନ୍ ଆଣ୍ଡରସନ୍ ବିଶ୍ୱ ସାହିତ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଚିରକାଳ ଜୀବନ୍ତ ହୋଇ ରହିବେ । ■

ବରପାଲି ମହାବିଦ୍ୟାଳୟ
ବରପାଲି, ବରଗଡ଼

## ଜାଡ଼ରେ ଥରୁଛି ଶିମିଳିପାଳ

### ପଦାକୁ ବାହାରୁନାହାନ୍ତି ବନ୍ୟଜନ୍ତୁ, ପର୍ଯ୍ୟଟକ ନିରାଶ

ବାରିପଦା, ୨୭।୧୨(ସମିସ): ଜାଡ଼ରେ ଥରୁଛି ଜାତୀୟ ଉଦ୍ୟାନ ଶିମିଳିପାଳ। କିଛି ଦିନ ଧରି ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀରୁ କମ୍ ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସି ଆସିଛି। ଫଳରେ ଶିମିଳିପାଳ ସମେତ ପୂରା ଜିଲ୍ଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପ୍ରବଳ ଶୀତ ସାଙ୍ଗକୁ କାଲୁଆ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଶୀତର ପ୍ରଭାବ ଶିମିଳିପାଳର ବନ୍ୟଜନ୍ତୁଙ୍କ ଉପରେ ପଡ଼ିଥିବା ଦେଖାଯାଉଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଜୀବଜନ୍ତୁମାନେ ସୁରକ୍ଷିତ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଏଥିଯୋଗୁଁ ଶିମିଳିପାଳ ବୁଲି ଆସୁଥିବା ପର୍ଯ୍ୟଟକମାନେ ମହାବଳ ବାଘ କିମ୍ବା କଲରାପତରିଆ ବାଘ ଦେଖିବାକୁ ସୁଯୋଗ ପାଇପାରୁନାହାନ୍ତି। ଅପରପକ୍ଷେ, ଦିନତମାମ ଜିଲ୍ଲାରେ ଘଣ୍ଟାକୁ ୧୩କିମି ବେଗରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଲୋକେ ଦିନରାତି ଶୀତବସ୍ତ୍ର ଘୋଡ଼ାଇ ହୋଇ ରହୁଛନ୍ତି।



ସୂଚନାଯୋଗ୍ୟ, ଶନିବାର ସକାଳ ପ୍ରାୟ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନଖଣ୍ଡର ଉପରବାରହାକାମୁଡା(ୟୁବିକେ) ରେଞ୍ଜରେ ୩ ଡିଗ୍ରୀ, ଚହଲା ରେଞ୍ଜରେ ୫ ଡିଗ୍ରୀ, ରାମତୀର୍ଥରେ ୧୦ ଡିଗ୍ରୀ, ଗୁଡୁଗୁଡିଆ ଓ ବରେହିପାଣିରେ ୬ ଡିଗ୍ରୀ, କିଆଝରୀରେ ୧୨ଡିଗ୍ରୀ ଓ ସାତକୋଶିଆରେ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ମାସକ ମଧ୍ୟରେ ପଞ୍ଚମଥର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରହିଥିବାରୁ ଏହାର ପ୍ରଭାବରେ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଛି।

## ଓମ୍‌ସାର ଚେତାବନୀ ମଙ୍ଗଳବାରଠାରୁ ସମ୍ପୂର୍ଣ୍ଣ ଅସହଯୋଗ

### ଦାବିଗୁଡ଼ିକର ଅନୁଧ୍ୟାନ ପାଇଁ ଅନ୍ତର୍ବିଭାଗୀୟ କମିଟି ଗଠନ

ଭୁବନେଶ୍ୱର, ୨୭।୧୨(ସମିସ): ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମସା) ଦ୍ୱାରା କରାଯାଇଥିବା ବିଭିନ୍ନ ଦାବିଗୁଡ଼ିକର ଅନୁଧ୍ୟାନ କରିବା ପାଇଁ ଏକ ଅନ୍ତର୍ବିଭାଗୀୟ କମିଟି ଗଠନ କରାଯାଇଛି। ଶନିବାର ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ସରକାରଙ୍କ ଏହି ପଦକ୍ଷେପ ସତ୍ତ୍ୱେ ଓମ୍‌ସା ସନ୍ତୁଷ୍ଟି ପ୍ରକାଶ କରିନାହିଁ। ପୂର୍ବରୁ ସରକାର ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ। କମିଟି ବି ଗଠନ କରିଥିଲେ। ହେଲେ ଏଯାଏଁ ଓମସାର ଦାବି ପୂରଣ ହୋଇନାହିଁ। ସରକାର ନ୍ୟାଯ୍ୟ ଦାବି ପୂରଣ ଦିଗରେ ଅବହେଳା କରୁଛନ୍ତି। ମଙ୍ଗଳବାର ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ନ ନେଲେ ରାଜ୍ୟବ୍ୟାପୀ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ ବୋଲି ଓମସା ଚେତାବନୀ ଦେଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ରାଜ୍ୟର ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଓ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟି ଗଠିତ ହୋଇଛି। କମିଟିର ସଦସ୍ୟ ଭାବେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ରହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ କମିଟିର ସଦସ୍ୟ-ଆବାହକ ଭାବେ କାର୍ଯ୍ୟ କରିବେ। ଏହି କମିଟି ଓମସାର ବିଭିନ୍ନ ଦାବି ଉପରେ ଆଲୋଚନା କରି, ସେଗୁଡ଼ିକର ବିଭିନ୍ନ ଦିଗ ଗୁଡିକ ବିଚାର କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ଜଣାପଡ଼ିଛି।

ଅପରପକ୍ଷେ ଓମସା ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଏକ ଘଣ୍ଟା ସ୍ୱାସ୍ଥ୍ୟକର୍ମୀମାନେ ଓପିଡି ସେବାରେ ସହଯୋଗ ନକରିବାରୁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଶନିବାର ଧାଡ଼ିରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଥିଲା। ଏପଟେ ଓମ୍‌ସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଓ ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି ଯେ ସରକାର ମଙ୍ଗଳବାର ସୁଦ୍ଧା ଦାବି ପୂରଣ କରନ୍ତୁ। ନଚେତ ରାଜ୍ୟବ୍ୟାପୀ ସମ୍ପୂର୍ଣ୍ଣ ଅହସଯୋଗ କରାଯିବ। ରୋଗୀମାନେ ଆମ ସହିତ ଅଛନ୍ତି। ତେଣୁ ଦାବି ପୂରଣ ନହେଲେ ମଙ୍ଗଳବାରଠାରୁ ସମ୍ପୂର୍ଣ୍ଣ ଅସହଯୋଗ କରିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ଛତ୍ରପୁର ଏନଏସି ହେବ ମ୍ୟୁନିସିପାଲିଟି

### ଚିଠା ବିଜ୍ଞପ୍ତି ପ୍ରକାଶ, ଆପତ୍ତି ଓ ପରାମର୍ଶ ଆହ୍ୱାନ

ଭୁବନେଶ୍ୱର,୨୭।୧୨(ସମିସ): ଗଞ୍ଜାମ ଜିଲ୍ଲାର ଛତ୍ରପୁର ଏନଏସିକୁ ପୌର ପରିଷଦ(ମ୍ୟୁନିସିପାଲିଟି) କରିବା ପାଇଁ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଚିଠା ବିଜ୍ଞପ୍ତିରେ ଏହି ଅଧିସୂଚନା ଓଡ଼ିଶା ଗ୍ୟାଜେଟରେ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଜରିଆରେ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯାଇଛି। ଆପତ୍ତି, ପରାମର୍ଶ ହସ୍ତଗତ ହେବା ପରେ ଏହାକୁ ରାଜ୍ୟ ସରକାର ବିଚାର କରିବେ। ଏହାପରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## କଂସରରେ ଟୁରିଷ୍ଟ ବସ୍ ଦୁର୍ଘଟଣା: ୧୮ ଆହତ

ସମ୍ବଲପୁର, ୨୭।୧୨(ସମିସ): ସମ୍ବଲପୁର ଜାତୀୟ ରାଜପଥ ନଂ. ୫୫ର ଯୁଯୋମୁରା ଥାନା କଂସର ନିକଟରେ ଶନିବାର ଭୋର୍‌ରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ସମସ୍ତ ୧୮ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ସାମାନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ୨ଜଣଙ୍କୁ ଭୁବନେଶ୍ୱର ନେଇଯିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଟୁରିଷ୍ଟ ବସ୍ ନମ୍ବର ଓଡି-୦୨ସିଏଲ୍-୦୮୫୦ ଗୋଟିଏ ପରିବାରର ୧୮ ଜଣ ସମ୍ପର୍କୀୟଙ୍କୁ ନେଇ ସମଲେଶ୍ୱରୀ ଦର୍ଶନ ସକାଶେ ଭୁବନେଶ୍ୱରରୁ ଶୁକ୍ରବାର ରାତି ସମ୍ବଲପୁର ଅଭିମୁଖେ ବାହାରିଥିଲା। ଶନିବାର ଭୋର ପ୍ରାୟ ସାଢ଼େ ୫ଟା ବେଳକୁ ବସ୍‌ଟି ରାସ୍ତାକଡ଼ରେ ଥିବା ଏକ ପୋଲ ଗାଡ୍‌ୱାଲ୍‌କୁ ଧକ୍କାଦେଇ ଗୋଟିଏ କଡ଼କୁ ଝୁଲି ରହିଥିଲା। ଦୁର୍ଘଟଣା ଯୋଗୁଁ ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ଯୁଯୋମୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାରକରି ପ୍ରଥମେ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପରାମର୍ଶକ୍ରମେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବାବେଳେ ଗୁରୁତର ୨ ଜଣଙ୍କୁ ଭୁବନେଶ୍ୱରକୁ ପଠାଯାଇଥିବା ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ବସ୍‌ର ଯାତ୍ରୀମାନେ ହେଲେ- ରୋଜାଲିନ ଭୋଇ, ବିଜୟ ଭୋଇ, ସଂମ୍ୟକ୍ତା ଭୋଇ, ସାଇଲିସ୍ମା ଭୋଇ, ସୌମ୍ୟଶ୍ରୀ ଭୋଇ, ଶାନ୍ତି ଦାସ, ରାଜୁ ଦାସ, ସୁଷମା ଦାସ, ମଞ୍ଜୁ ଦାସ, ବିପ୍ର ଦାସ, ଝୁମ୍‌କି ଦାସ, କୁମାରୀ ଦାସ, ରଶ୍ମି ଦାସ, ଶମ୍ଭୁ ଦାସ, ରଞ୍ଜୁ ଦାସ, ରାଧାରାଣୀ ଦାସ, ପୂଜା ଦାସ ଓ ସନ୍ତୋଷ ଦାସ। ସେମାନେ ସମସ୍ତେ ସମ୍ପର୍କୀୟ ହୋଇଥିବାବେଳେ ପୁରୀ, ଖୋର୍ଦ୍ଧା ଓ ଯାଜପୁରରେ ରହନ୍ତି। ସେମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଜଣେ ୩ ବର୍ଷର ଶିଶୁ କନ୍ୟା ରହିଛି।

## ଲୁଟେରା ଶଶୁର-ଜ୍ୱାଇଁ ଗିରଫ | ପିସ୍ତଲ ସହ ଡିକି ଭଙ୍ଗା ସାମଗ୍ରୀ ଜବତ

ବଲାଙ୍ଗିର,୨୭।୧୨(ସମିସ): ବଲାଙ୍ଗିର ପୁଲିସ ଲୁଟେରା ଶଶୂର, ଜ୍ୱାଇଁକୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ, ଛତିଶଗଡ଼ ରାୟଗଡ଼ ଜିଲ୍ଲା କପୁ ଥାନା ଅଧୀନ ପନ୍ଦରପାଟ ଗାଁର ପ୍ରମୋଦ ସିଂ(୪୬) ଓ ପ୍ରିତମ ସିଂ (୨୯)। ଉଭୟଙ୍କ ପାଖରୁ ପିସ୍ତଲ, ଡିକି ଭାଙ୍ଗିବା ସାମଗ୍ରୀ ଜବତ ହୋଇଛି। ସେମାନଙ୍କ ଜମା ଖାତାରେ ପ୍ରାୟ ୨୫ ଲକ୍ଷ ଟଙ୍କା ଥିବାବେଳେ ତାକୁ ଅଚଳ କରାଯାଇଥିବା ବଲାଙ୍ଗିର ଏସ୍‌ପି ଅଭିଳାଷ ଜି. ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏସପି କହିଛନ୍ତି ଯେ ଗତ ଅଗଷ୍ଟରେ ହୋଇଥିବା ଏକ ଲୁଟ୍ ଘଟଣାର ତଦନ୍ତ କରି ଲୁଟେରା ଶଶୂର ଜ୍ୱାଇଁ ଗ୍ୟାଙ୍ଗକୁ ପୁଲିସ ଧରିଛି। ସେମାନେ କିଭଳି ଲୁଟ୍ କରୁଥିଲେ, ସେନେଇ ସିସିଟିଭି ଫୁଟେଜ ସାମ୍ନାକୁ ଆଣି ଲୋକଙ୍କୁ ସଚେତନ କରିବାକୁ ପୁଲିସ ଉଦ୍ୟମ କରିଛି। ଏହି ଶଶୂର ଜ୍ୱାଇଁ ବଲାଙ୍ଗିର, ଟିଟିଲାଗଡ଼, କଳାହାଣ୍ଡି, ନୂଆପଡ଼ା ଜିଲ୍ଲା ସହ ରାଜ୍ୟ ବାହାରେ ମଧ୍ୟ ଲୁଟ୍ କରିଛନ୍ତି। ଗତ କିଛି ମାସ ହେଲା ବଲାଙ୍ଗିରରେ

**ବୁଲି ବୁଲି କରୁଥିଲେ ଲୁଟ୍**

**ଟାଉନ ଥାନାରେ ୪ ମାମଲା**

**ରାଜ୍ୟ ବାହାରେ ବି ରହିଛି ମାମଲା**

ଲୁଟେରା ଶଶୁର ଜ୍ୱାଇଁ ଗ୍ୟାଙ୍ଗ ମାତିଥିଲେ। ବ୍ୟାଙ୍କ, ଏଟିଏମ୍‌କୁ ଯାଇ ଛକି ବସୁଥିଲେ। ପରେ ଟାର୍ଗେଟ କରି ପିଛା କରୁଥିଲେ। ସୁଯୋଗ ଦେଖି ଡିକି ଭାଙ୍ଗି ଲୁଟ୍ କରୁଥିଲେ।

ବଲାଙ୍ଗିର ଟାଉନ୍ ଥାନାରେ ଅଗଷ୍ଟ ୪ ତାରିଖରେ ଏକ ଲୁଟ୍ ମାମଲା ରୁଜୁ ହୋଇଥିଲା। ସ୍ଥାନୀୟ ଗେଟ୍ ସରୋବରପଡ଼ାର ତରଣୀ ସେନ କୁମ୍ଭାର ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ସ୍କୁଟିରେ ବାହାରିଥିଲେ। ରାସ୍ତାରେ ଏକ ଦୋକାନକୁ ଯାଇଥିଲେ। ଏହି ସମୟରେ ଜଣେ ଯୁବକ ଡିକିରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ତଦନ୍ତ ଚାଲିଥିଲା। ମାମଲା ରୁଜୁ ହେବାର ପ୍ରାୟ ସାଢ଼େ ୪ମାସ ପରେ ୨ ଅଭିଯୁକ୍ତଙ୍କୁ ପୁଲିସ ଧରିଛି। ଉଭୟ ବାଇକ୍‌ରେ ବୁଲି ବୁଲି ଏହି ଲୁଟ୍ କରୁଥିଲେ। ଲୁଟ୍ ପରେ ଟଙ୍କାକୁ ବ୍ୟାଙ୍କ ଖାତାରେ ଜମା କରୁଥିଲେ। ଉଭୟ ଟାଉନ ଥାନା କେସ ନଂ ୪୫୪/୨୦୨୫ରେ ୧ଲକ୍ଷ ୨୦ ହଜାର ଟଙ୍କା, ୭୦୫/୨୦୨୫ରେ ୩ ଲକ୍ଷ ଟଙ୍କା ,୧୯୨/୨୦୨୪ରେ ଲକ୍ଷ ଟଙ୍କା, ଟିଟିଲାଗଡ ଥାନା କେସ ନଂ ୪୨୧/୨୦୨୫ରେ ୩ ଲକ୍ଷ ୮୩ ହଜାର ଟଙ୍କା, କଳାହାଣ୍ଡି ଟାଉନ ଥାନା କେସ ନଂ ୨୮୭/୨୦୨୫ରେ ୫ ଲକ୍ଷ ଟଙ୍କା, ଜୁନାଗଡ଼ ଥାନା କେସ ନଂ ୩୯୪/୨୦୨୫ରେ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ ମାମଲାରେ ସଂପୃକ୍ତ ଥିବା ଜଣାପଡିଛି।





## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱର ସବୁଠାରୁ ଧନୀ...

ଏବଂ ସୁନ୍ଦର ପିଚାଇଙ୍କୁ ଟପି ସେ ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ପାଲଟିଛନ୍ତି। ସତ୍ୟ ନାଡେଲାଙ୍କ ମୋଟ ସମ୍ପତ୍ତି ପ୍ରାୟ ୯,୭୭୦ କୋଟି ଏବଂ ସୁନ୍ଦର ପିଚାଇଙ୍କ ସମ୍ପତ୍ତି ପ୍ରାୟ ୫,୮୧୦ କୋଟି ଟଙ୍କା। ଉଲ୍ଲାଲ ୨୦୦୮ ରୁ କମ୍ପ୍ୟୁଟର ନେଟୱାର୍କିଂ କମ୍ପାନୀ ଆରିଷ୍ଟା ନେଟୱାର୍କସର ମୁଖିଆ ରହିଛନ୍ତି।। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ତାଙ୍କ ନେତୃତ୍ୱରେ କମ୍ପାନୀ ୨୦୨୪ରେ ୭ ବିଲିୟନ ଡଲାରର ରାଜସ୍ୱ ହାସଲ କରିଛି। ଏହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଧିକ।

### ୭ ନଦୀରୁ ମନଇଚ୍ଛା...

ତେବେ ଛଅ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରିକି ୨୦୨୧ ମସିହାରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର-ଭିତ୍ତିକ 'ଫ୍ଲୋ ମିଟର' ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା। ମାତ୍ର ତମାମ୍ ନିର୍ଦ୍ଦେଶ, ଶିଳ୍ପ ସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣ ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ଶୋଷି ଚାଲିଛନ୍ତି।

ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଉଠାଣର ଅନୁମତି ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା। ଏହି ନଦୀ ଅବବାହିକାରୁ କେତେ ପରିମାଣରେ ଜଳ ଉତ୍ତୋଳନ କରାଯିବ ତାହା ଜଳସମ୍ପଦ ବିଭାଗ ସ୍ଥିରୀକୃତ ହୋଇଛି। ତେବେ ପ୍ରାୟ ୧୨୨ଟି ଶିଳ୍ପ ସଂସ୍ଥା ଜଳଉଠାଇବାକୁ ସରକାରଙ୍କ ସହ ଚୁକ୍ତି କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି। ଯାହାଫଳରେ ବିଭାଗ ୩୧ଟି ଜଳସମ୍ପଦ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ସଂପୃକ୍ତ ସଂସ୍ଥାଗୁଡ଼ିକୁ ନୋଟିସ ଜାରି କରିବାକୁ କହିଛି। ଯଦି ସେମାନେ ୩ ମାସ ମଧ୍ୟରେ 'ଫ୍ଲୋ-ମିଟର' ଲଗାଇବାରେ ବିଫଳ ହୁଅନ୍ତି, ତାହେଲେ ସେମାନଙ୍କଠାରୁ ଚୁକ୍ତି ହୋଇଥିବା ଜଳ ବାବଦୀୟ ଅର୍ଥର ୬ ଗୁଣ ଆଦାୟ କରିବାକୁ ବିଭାଗ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଛି।

ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ। ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି। ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁ ନାହାନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରି ଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତାର ଭାବେ ହ୍ରାସ ପାଉଛି। ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ବାବେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ସମାନ ସମୟରେ ଶିଳ୍ପ ସଂସ୍ଥାଗୁଡ଼ିକ ମନଇଚ୍ଛା ଜଳଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ। ଏହାଦ୍ୱାରା କୃଷି, ମତ୍ସ୍ୟପାଳନ ସହ ପରିବେଶ ଉପରେ ସର୍ବାଧିକ କୁପ୍ରଭାବ ପଡ଼ିବାରେ ଆଶଙ୍କା ଥିବାରୁ ସରକାର ଏବେଠାରୁ ସମ୍ପୂର୍ଣ୍ଣ ସଜାଗ ହେବାକୁ ବିଶେଷଜ୍ଞ ମହଲ ଦାବି କରିଛନ୍ତି।

### ଆର୍ଥିକ ସଙ୍କଟରେ...

ଛୋଟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ ବନ୍ଦ ରହୁଥିବାରୁ ନୂତନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି।

ଅପରପକ୍ଷେ ବାଂଲାଦେଶର ବ୍ୟାଙ୍କିଂ କ୍ଷେତ୍ରର ଅବସ୍ଥା ମଧ୍ୟ ଚିନ୍ତାର ବିଷୟ। ବହୁ ସଂଖ୍ୟକ ଋଣ ପୁନରୁଦ୍ଧାର ବାହାରେ। ଏହି ସମସ୍ୟାଗୁଡ଼ିକୁ ଦୀର୍ଘ ସମୟ ଧରି ଲୁଚାଇ ରଖାଯାଇଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରୁଛି। ବର୍ତ୍ତମାନ, ବ୍ୟାଙ୍କଗୁଡ଼ିକ ନୂତନ ଋଣ ପ୍ରଦାନ କରିବାରେ ସତର୍କ ହୋଇପଡୁଛନ୍ତି, ଯାହା ବ୍ୟବସାୟକୁ ପ୍ରଭାବିତ କରିଛି। ବିକାଶର ମେରୁଦଣ୍ଡ ଭାବରେ ବିବେଚିତ ଦେଶରେ ଘରୋଇ କ୍ଷେତ୍ରର ନିବେଶ ଅତ୍ୟନ୍ତ ମନ୍ଥର ହୋଇଛି। ହେଲେ, ରାଜନୈତିକ ସଙ୍କଟ ସତ୍ତ୍ୱେ କିଛି ବିଦେଶୀ ନିବେଶ ବୃଦ୍ଧି ପାଇଛି। ବିଶେଷକରି ଶକ୍ତି କ୍ଷେତ୍ରରେ ଅନିଶ୍ଚିତତା ନିବେଶକୁ ପ୍ରଭାବିତ କରିଛି। ୨୦୨୬ ପ୍ରାରମ୍ଭରେ ହେବାକୁ ଥିବା ନିର୍ବାଚନ ଆଶା ସୃଷ୍ଟି କରିଛି ଯେ ଏକ ନିର୍ବାଚିତ ସରକାର ଗଠନ ହେବା ସହିତ ପରିସ୍ଥିତିରେ ଉନ୍ନତି ଆସିପାରେ। ବାଂଲାଦେଶର ଯୁବ ଜନସଂଖ୍ୟା ହେଉଛି ଦେଶର ସବୁଠାରୁ ବଡ଼ ଶକ୍ତି, ଏବଂ ସଠିକ୍ ନୀତି ସହିତ, ଏହା ଅର୍ଥନୀତିକୁ ପୁନର୍ଜୀବିତ କରିପାରିବ। ବାଂଲାଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ନ ଥିବାବେଳେ, ଏହା ଏକ ଦୀର୍ଘକାଳୀନ ସାରଞ୍ଜନିକ ସଙ୍କଟ ଦେଇ ଗତି କରୁଛି। ଏକ ଦୁର୍ବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ବର୍ଦ୍ଧିତ ବେକାରି ଏବଂ ମନ୍ଥର ଅଭିବୃଦ୍ଧି ହାର ଏହି ବାସ୍ତବତାକୁ ସ୍ୱଷ୍ଟ କରୁଛି।

### ନିତିନ ନବୀନ...

ମୁଖ୍ୟ ନିର୍ବାଚନ ଅଧିକାରୀ କେ ଲକ୍ଷ୍ମଣ ଔପଚାରିକ ଭାବେ ନିତିନଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରିବେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ନିତିନ ଡିସେମ୍ବର ୧୪।।ରେ ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ହୋଇଥିଲେ। ୪୫ ବର୍ଷୀୟ ନିତିନ ବିହାରର ବାଙ୍କିପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ୨୦୧୦ରୁ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଆସୁଛନ୍ତି। ଗତ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ସଂଗଠନିକ ଦକ୍ଷତା କେନ୍ଦ୍ରୀୟ ନେତୃତ୍ୱକୁ ବେଶ୍ ପ୍ରଭାବିତ କରିଥିଲା।

### କଂଗ୍ରେସର ଅଡୁଆ...

ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି। ବିଜେପି ମୁଖପାତ୍ର କେଶବନ କହିଛନ୍ତି ଯେ ଗାନ୍ଧୀ ପରିବାର କଂଗ୍ରେସରେ କିପରି 'ନୃଶଂସ' ରାଜୁତି ଚଳାଇଛନ୍ତି, ଏହା ହେଉଛି ତାର ପ୍ରମାଣ।

ଦିଗବିଜୟ ସିଂହଙ୍କ ଏହି ପୋଷ୍ଟକୁ ନେଇ କଂଗ୍ରେସ ନେତାମାନେ ମୁହଁ ଖୋଲୁ ନାହାନ୍ତି। ତେବେ ଆଜି ଚାଲିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଦିଗବିଜୟ ସଂଗଠନ ବିଷୟରେ କିଛି କହିବାକୁ ଚାହିଥିଲେ। କିନ୍ତୁ ପାଖରେ ବସିଥିବା ଅନ୍ୟ ନେତାମାନେ ତାଙ୍କୁ ଚୁପ ହୋଇ ବସିବାକୁ କହିଥିଲେ। ଏହାସତ୍ତ୍ୱେ ସେ ସାଂଗଠନିକ କଥା ଉଠାଇଥିଲେ। ସେ କହିଥିଲେ ଯେ ବିଜେପିକୁ ହରାଇବାକୁ ହେଲେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ହେବ। ତେବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କୁ ଏଥିରୁ ବାରଣ କରିଥିଲେ। ସେ କହିଥିଲେ ଯେ ମନରେଗା ଛଡ଼ା ଆଜିର ବୈଠକରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବନାହିଁ। ବୈଠକରେ ଅନ୍ୟ ନେତାମାନେ ଅଛନ୍ତି। ସେମାନେ ମନରେଗା ଉପରେ ମତାମତ ଦେବାକୁ ଚାହୁଁଛନ୍ତି। ତେଣୁ ଦିଗବିଜୟଙ୍କୁ ଆଉ କିଛି କହିବାକୁ ଦେଇନଥିଲେ। ଏହାସତ୍ତ୍ୱେ ସେ ବାରମ୍ବାର ସଂଗଠନ କଥା ଉଠାଇବାକୁ ଉଦ୍ୟମ କରୁଥିଲେ। କିନ୍ତୁ ଅନ୍ୟ ନେତାମାନେ ତାଙ୍କୁ ଚୁପ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ତାଙ୍କର ଏଭଳି ଆଚରଣ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ତେବେ ବୈଠକ ପରେ ସଫେଇ ଦେଇ ଦିଗବିଜୟ ସିଂହ କହିଥିଲେ ଯେ ସେ ଏବେ ବି ବିଜେପି ଏବଂ ଆରଏସଏସକୁ ଦୃଢ଼ ବିରୋଧ କରୁଛନ୍ତି। ଆରଏସଏସ ଆଦର୍ଶର ସେ ଘୋର ବିରୋଧୀ। ଏହି ସଂଗଠନ କେବେହେଲେ ସମ୍ବିଧାନକୁ ସମ୍ମାନ ଦିଏନାହିଁ। ସେ କେବଳ ଆରଏସଏସର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଛନ୍ତି। ଏହାକୁ ଭିନ୍ନ ଅର୍ଥରେ ନେବା ଉଚିତ ନୁହେଁ ବୋଲି ସେ କହିଥିଲେ।

### ସଶକ୍ତ ସଂଗଠନ ପାଇଁ...

ଆଣିବା ସହ ଆଗାମୀ ଦିନରେ ବିଜେଡିକୁ ପୁଣିଥରେ କ୍ଷମତାକୁ ଫେରାଇ ଆଣିବାକୁ ଦଳର କର୍ମକର୍ତ୍ତା ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ ନବୀନ। ଲକ୍ଷ ଲକ୍ଷ କର୍ମୀ ଭାଇଭଉଣୀମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି, ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ନବୀନ ପରାମର୍ଶ ଦେଇଥିଲେ। ଏଥିପାଇଁ ତୃଣମୂଳ ସ୍ତରରେ ଏକ ସଶକ୍ତ ସଂଗଠନର ଆବଶ୍ୟକତା ଥିବାବେଳେ ମାତ୍ର ୨୪ ଘଣ୍ଟାରେ ନବୀନ ତୃଣମୂଳ ସଂଗଠନକୁ ସଜାଡ଼ିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି।

ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ, ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ହାତରେ ଦେଢ଼ ବର୍ଷରୁ କମ୍ ସମୟ ରହିଛି। ରାଜ୍ୟ ସରାକାରଙ୍କ ଶାସନ ପ୍ରଣାଳୀ ତଥା ବିଭିନ୍ନ ନୀତିକୁ ନେଇ ଗାଁ ଗହଳିରେ ଜନଅସନ୍ତୋଷ ଦାନା ବାନ୍ଧିଲାଣି। ତେଣୁ ରାଜ୍ୟ ସରକାରଙ୍କ ବିରୋଧରେ ଏକ ମାହୋଲ ସୃଷ୍ଟି କରିବା ସହ ଏକ ଆଞ୍ଚଳିକ ଦଳ ଭାବେ କେବଳ ବିଜେଡି ଯେ ରାଜ୍ୟବାସୀଙ୍କୁ ପ୍ରକୃଷ୍ଟ ଶାସନ ଦେଇପାରିବ, ତାହା ପ୍ରମାଣିତ କରିବାକୁ ଦଳ ପାଖରେ ବଡ଼ ସୁଯୋଗ ରହିଛି। ଏହାକୁ ବାସ୍ତବରେ ପରିଣତ କରିବାକୁ ତୃଣମୂଳ ସ୍ତରରେ ଏକ ସଶକ୍ତ ଏବଂ ସଂଗଠିତ ସଂଗଠନର ଆବଶ୍ୟକତା ଥିବାବେଳେ ନବୀନ ଏଥିପାଇଁ ତ୍ୱରିତ୍ ଢଙ୍ଗରେ ଜିଲ୍ଲା କମିଟି ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଜିଲ୍ଲାରେ କମିଟି ଗଠନ ପରେ ଖୁବ୍‌ଶୀଘ୍ର ବ୍ଲକ ଏବଂ ପଞ୍ଚାୟତସ୍ତରୀୟ କମିଟି ମଧ୍ୟ ପୁନର୍ଗଠନ କରାଯିବ ବୋଲି ଜଣାପଡ଼ିଛି। କେବଳ କମିଟି ପୁନର୍ଗଠନ ନୁହେଁ; ଦଳକୁ କ୍ରିୟାଶୀଳ କରିବା ପାଇଁ ନିୟମିତ ବ୍ୟବଧାନରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ କରାଯିବବୋଲି ଦଳର ବିଶ୍ୱସ୍ତ ମହଲରୁ ଜଣାପଡ଼ିଛି।

### ଦୋକାନ ସହ...

ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ ଏହି ଘଟଣା ପଦାକୁ ଆସିବା ପରେ ବାରେଣୀ ବଜାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ହତ୍ୟାକାରୀକୁ ଗିରଫ ଦାବିରେ ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଲୋକେ ଟାୟାର୍ ଜାଳି ଦୀର୍ଘ ସମୟ ଧରି ଗରଦପୁର-କୋରୁଆ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ପରେ କୁଦାନଗରୀ ଥାନା ଘେରଉ ମଧ୍ୟ କରିଥିଲେ। ସେହିପରି, ପୁଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ କୁଦାନଗରୀ ଓ ପାଟକୁରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଅନ୍ୟପଟେ କର୍ତ୍ତବ୍ୟରେ ଅବହେଳା ପାଇଁ କୁଦାନଗରୀ ଥାନା ଅଧିକାରୀ ଶ୍ରୀ ମହାନ୍ତିଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି।


**AFFIDAVIT**

By virtue of an Affidavit before Notary Public, Malkangiri, **I, Madhab Dura**, aged about 32 years, S/o.: Laichan Dura resident of Village: Katameta, PO.: Bhejaguda, P.S./Dist.: Malkangiri, Odisha, declare by this Affidavit No.: 807/25, Dated: 03.07.2025 that I have changed my name & my father's name from Madhab Dora, S/o.: Laichan Dora to **Madhab Dura, S/o.: Laichan Dura.** Henceforth I shall be known as **Madhab Dura, S/o.: Laichan Dura** for all future purposes.

**AFFIDAVIT**

I, Jayantilal Somaji Patel, S/o- Somji Jivraj Patel, R/O - H No. 5-5-39/2/2, Patel Hardware Ajab Nagar, Jalna Road, Kranti Chowk, Aurangabad, Po-Aurangabad (MH), Ps-Mukundwadi, Dist-Aurangabad, Maharashtra, Pin- 431005, declare by this affidavit No- 2386, dtd-23/12/2025 that now onwards I shall be known as **JAYANTILAL SOMJI PATEL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh, vide no.1325 dated 21.11.2025, I Pushparaj Deheri, S/o- Barun Deheri resident of At-Badmal, Po.- Dunguri, Ps./ Tah.- Ambhabhona, Dist.-Bargarh, Pin- 768052 state that, I have changed my name from **Pushpak Deheri to Pushparaj Deheri**. Henceforth I shall be knoen as **Pushparaj Deheri** for all future purposes.

**AFFIDAVIT**

I, Vimla Jayantilal Patel, D/O- Manilal Khinji Patel, R/O - H No. 5-5-39/2/2, Patel Hardware, Ajab Nagar, Jalna Road, Kranti Chowk, Aurangabad, Po-Aurangabad (MH), Ps-Mukundwadi, Dist-Aurangabad, Maharashtra, Pin- 431005, declare by this affidavit No- 2385, dtd-23/12/2025 that now onwards I shall be known as **VIMALABEN JAYANTILAL PATEL** for all future purposes.

**AFFIDAVIT**

I SRINIVASU RAO, S/o JAMI SURYA RAO resident of At - Bhupathi Street, Po/Ps - Jeypore, DT- Koraput - 764001, Odisha declare by this Affidavit No.2961 Dated - 24/12/2025, that now onwards I shall be known as JAMI SRINUVASU RAO For all future purpose.

**AFFIDAVIT**

I, Gautami Jayantilal Patel, D/o- Jayantilal Somaji Patel, R/O - Flat No- 301, Royal Residency, Forest Park, Bhubaneswar, Po- Ashok Nagar, Ps-Capital, Dist-Khordha, Odisha, Pin-751009 declare by this affidavit No- 2387, dtd-23/12/2025 that now onwards I shall be known as **GAUTAMI PATEL** for all future purposes.

**AFFIDAVIT**

I MONORAMA PUJARI, W/o Mono Mohan Pujari, resident of At- Bikram Nagar, Po/Ps-Jeypore, Dist- Koraput - 764001, Odisha declare by this Affidavit No.5553 Dated - 25/12/2025, that now onwards I shall be known as MANORAMA PUJARI For all future purpose.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar dated 20-12-2025 (CF No-89). I PRAKASH KUMAR PATRA, S/o- Akuli Charan Patra on behalf of my (minor) son AURNOV ROSAN PATRA (old name) Resident of LC124/23, Sailashree Vihar, Ps.-Chandrasrkharpur, Bhubaneswar, Khordha, Pin-751024 declare that, I have changed my son's name from **AURNOV ROSAN PATRA** to **ARNAV ROSHAN PATRA.** Henceforth my son shall be known as **ARNAV ROSHAN PATRA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Dist: Khordha dated 21.11.2025, I, Ganga Biswas, W/o- Bhaba Ranjan Biswas, At- Gobardhan Colony, Bhusandpur Sasan, District - Khordha, Pin-752021, Odisha declare that I have changed my daughter's name from Sidhi Biswas to Shriti Biswas. Henceforth, she shall be known as **Shriti Biswas** for all purposes.
**Ganga Biswas**

**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. of India
(Affiliated to CBSE, Delhi, Affiliation No. 1520009 & School No. 17097)
At – Sakhatara, Po – Maulibhatta, Ps – Nuapada, Dist – Nuapada, 766105 (Odisha)
Email id: emrs.nuapada@gmail.com

**Letter No.: EMRS/NPD/OFF/523/2025-26** **Date: 27.12.2025**

**WALK-IN-INTERVIEW**

A Walk-in-Interview for the Guest Faculties will be conducted at 11.00 AM on 6th January 2026 for Eklavya Model Residential School, Nuapada, in the Office of the Principal, EMRS Nuapada. Eligible candidates having the requisite qualification as mentioned below may appear walk-in-interview with their Biodata along with a set of self-attested photo copies of mark sheet and experience certificate (if any) and one passport sized photograph at EMRS Nuapada. For further details visit Nuapada District Website-http://www.nuapada.odisha.gov.in. This engagement is purely need based, part time & temporary.

| SL NO | Discipline | Essential Qualification | Interview Date & Time | Remuneration |
|---|---|---|---|---|
| 1 | PGT Biology (Guest Faculty ) for EMRS Nuapada | 1. MSC in Biology /Zoology / Botany or any specialization in Biology/ zoology / Botany. Provided the candidates has studied Biology/ Zoology / Botany at graduation level with 50% marks in concerned subject and B.Ed from NCTE recognized institute / University<br>2. Proficiency in Hindi & English<br>3. Computer Knowledge | Date - 06.01.2026 from 11 AM onwards<br>Place - EMRS Nuapada | With Qualifications as per RR of NESTS Rs. 35,000/- & Without Qualification as per RR of NESTS Rs. 31,000/-) |
| 2 | TGT Hindi (Guest Faculty ) for EMRS Nuapada | 1. Bachelor / Honours degree from a recognized university with at least 50 % marks in concerned subject , combination of subjects and in aggregate with B.Ed degree from NCTE recognized institute / University with at least 50% marks<br>2. Qualified in CTET - (Paper- II)<br>3. Computer Knowledge | Date - 06.01.2026 from 11 AM onwards<br>Place - EMRS Nuapada | With Qualifications as per RR of NESTS Rs. 33,000/- & Without Qualification as per RR of NESTS Rs. 29,000/-) |

1. No TA / DA will be paid for attending the interview.
2. Authorities reserve the right to cancel / modify / postpone the Walk-in-Interview without assigning any reason thereof.

SD/- Principal, EMRS, Nuapada

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ



ମହାକାଳପଡ଼ା,୨୭ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କେଆରବାଙ୍କସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଦଳର ମହାକାଳପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବରିଷ୍ଠ ନେତା ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମହାକାଳପଡ଼ା ବ୍ଲକ ବିଜେଡି ସଭାପତି ଶ୍ରୀଧର ସାମଲ, ମାର୍ଶାଘାଇ ବ୍ଲକ୍ ମହିଳା ବିଜେଡି ସଭାପତି ଶର୍ମିଷ୍ଠା ନାୟକ, ମହାକାଳପଡ଼ା ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଜିଲ୍ଲା ପରିଷଦ ସଭ୍ୟା ଅନୁରାଧା ସ୍ୱାଇଁ, ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ମାଧବ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କବିତା ମଲ୍ଲିକ, ନଳିନୀପ୍ରଭା ଚୌଧୁରୀ, ପ୍ରଶାନ୍ତ ସାମନ୍ତରାୟ, ସୁରଭି ଜେନା, ସରପଞ୍ଚ ଅରବିନ୍ଦ ଜେନା, ବିକ୍ରମ କେଶରୀ ଦାସ, ପ୍ରତାପ ରାଉତ, ବାବାଜୀ ସ୍ୱାଇଁ, ପ୍ରଭାତ ରଞ୍ଜନ ଦାସ, ଜ୍ୟୋତିରଞ୍ଜନ ଖଟୁଆ, ରାଜ ମିଶ୍ର, ଭାଗବତ ବେହେରା, ମହାକାଳପଡ଼ା ଆମ୍ବ ଅଧ୍ୟକ୍ଷ ବିଜୟ କୁମାର ଜେନା, ପ୍ରଶାନ୍ତ ପ୍ରଧାନ, ମନୋଜ ପାତ୍ର, ରବୀନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ କର୍ମୀ ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ରରେ ସଂକଳ୍ପବଦ୍ଧ ହୋଇ ଆଗକୁ ବଢ଼ିବାକୁ ପୂର୍ବତନ ମନ୍ତ୍ରୀ ନାୟକ ଆହ୍ୱାନ ଦେଇଥିଲେ ।

**ଏକମାତ୍ର ରୋଜଗାରିଆ ପୁଅକୁ ଜାଳି ମାରିଦେଲେ !**

# ଭାଙ୍ଗିଗଲା ବୃଦ୍ଧ ବାପାଙ୍କ ଆଶାବାଡ଼ି

କେନ୍ଦ୍ରାପଡ଼ା,୨୭ ।୧୨(ସମିସ): ବାରେଣୀ ବଜାରର ନିର୍ମମ ଓ ବୀଭତ୍ସ ଘଟଣା କେବଳ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ନୁହେଁ, ଏହା ଏକ ପରିବାରର ସମସ୍ତ ସ୍ୱପ୍ନକୁ ଭସ୍ମୀଭୂତ କରିଦେଇଛି । ସୁବାସ

## ରାସ୍ତାରେ ମୁଣ୍ଡ ବାଡ଼େଇ କାନ୍ଦିଲେ ସମ୍ପର୍କୀୟ

ମଲିକ ଥିଲେ ପରିବାରର ଏକମାତ୍ର ରୋଜଗାରିଆ ପୁଅ । ବୃଦ୍ଧ ବାପା, ମା', ସ୍ତ୍ରୀ, ଦୁଇ ପିଲା ଓ ପରିବାରର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ସୁବାସଙ୍କ ଉପରେ ନିର୍ଭର କରୁଥିଲା । ନିଆଁରେ ସୁବାସଙ୍କ ସହିତ ତାଙ୍କ ଦୋକାନର ଲକ୍ଷାଧିକ ଟଙ୍କାର ସାମଗ୍ରୀ ମଧ୍ୟ ଜଳିଗଲା । ଗୋଟିଏ ରାତିରେ ପରିଶ୍ରମର ଫଳ ଓ ପରିବାରର ଆର୍ଥିକ ଆଧାର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା । ସୁବାସଙ୍କ ପୋଡ଼ା



ମୃତଦେହ ଦେଖି ବୃଦ୍ଧ ବାପା ଅରକ୍ଷିତ ମଲ୍ଲିକ ଓ ପତ୍ନୀ ଘଟଣାସ୍ଥଳରେ ବେହୋସ ହୋଇପଡ଼ିଥିଲେ । ସମ୍ପର୍କୀୟମାନେ ରାସ୍ତାରେ ମୁଣ୍ଡ ବାଡ଼େଇ କାନ୍ଦୁଥିବା ଦୃଶ୍ୟ ଦେଖି ସମଗ୍ର ଅଞ୍ଚଳ ଶୋକାକୁଳ ହୋଇଯାଇଥିଲା ।

ଅନ୍ୟପକ୍ଷରେ, ଦୋକାନ ବାହାର ପଟୁ ବନ୍ଦ ଥିବା ଓ ଭିତରେ ନିଆଁ ଲାଗିବା ଘଟଣାକୁ ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସ୍ପଷ୍ଟ କରୁଛି । ସୁବାସ ବଞ୍ଚିବାକୁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିବା ଅନୁମାନ କରାଯାଉଛି ।

ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବାରେଣୀ ବଜାରରେ ଗରଦପୁର-କୋରୁଆ ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ । ବ୍ୟବସାୟୀମାନେ ଥାନା ଘେରଉ କରି ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହି ହତ୍ୟା ପଛରେ ବେଆଇନ ବାଲିଚାଲାଣ ସହ ସମ୍ପୃକ୍ତ ଶକ୍ତିଶାଳୀ ରାଜନୈତିକ ଚକ୍ରର ହାତ ଥିବା ସନ୍ଦେହ ମଧ୍ୟ ଜୋର ଧରିଛି । ଯାହା ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି । କୁଦାନଗରୀ ଓ ପାଟକୁରା ଥାନା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାର ତନାଘନା ଚାଲାଇଥିବା ବେଳେ ପୁଲିସ ୪ ଘଣ୍ଟା ବିଳମ୍ବରେ ପହଞ୍ଚିବାକୁ ନେଇ ଲୋକଙ୍କ ମଧ୍ୟରେ ଭୟଙ୍କର ଉତ୍ତେଜନା ପ୍ରକାଶ ପାଇଛି । ସୁବାସଙ୍କ ଏହି ନିର୍ମମ ହତ୍ୟା ଏବେ ପ୍ରଶ୍ନ ଉଠାଉଛି ଗରିବ ବ୍ୟବସାୟୀଙ୍କ ପାଇଁ ନ୍ୟାୟ କେବେ? ଦୋଷୀ କେବେ ଧରାପଡ଼ିବେ?

> ନିଆଁର ଶିଖାରେ କେବଳ ଗୋଟିଏ ଦୋକାନ ଜଳିନି, ଜଳିଯାଇଛି ଏକ ପରିବାରର ସମସ୍ତ ଆଶା, ସ୍ୱପ୍ନ ଓ ଭବିଷ୍ୟତ । ବାରେଣୀ ବଜାରରେ ଶୁକ୍ରବାର ବିଳମ୍ବିତ ରାତିର ସେହି ନିର୍ମମ ଘଟଣାରେ ସୁବାସ ମଲିକଙ୍କ ଜୀବନ ସହ ଭସ୍ମୀଭୂତ ହୋଇଯାଇଛି ତାଙ୍କ ବୃଦ୍ଧ ବାପାଙ୍କ ଆଶାବାଡ଼ି ଓ ପରିବାରର ଏକମାତ୍ର ରୋଜଗାରର ଆଧାର । ଏହା କେବଳ ଏକ ମୃତ୍ୟୁ ନୁହେଁ, ବରଂ ସମାଜକୁ ଛନ୍ଦି ଦେଇଥିବା ଏକ ଜଳନ୍ତା ପ୍ରଶ୍ନ ।

## ଗହୀରମଥାରୁ ଗିଲନେଟର ଜବତ; ୧୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୭ ।୧୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗିଲନେଟର ଜବତ କରିବା ସହ ଏଥିରେ ଥିବା ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଏକକୂଳା ନିକଟରୁ କିଛି ଦୂରରେ ମା' ଶିବାନୀ-୨ ନାମକ ଏହି ଗିଲନେଟର ଜବତ କରିଛନ୍ତି । ସେଥିରୁ ଗୋଟିଏ



ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସ ଫାଇଣ୍ଡର, ତିନିଟି ଗିଲନେଟ (ଜାଲ) ଓ ୧୩ କୁଇଣ୍ଟାଲ ୫୦ କେଜି ମାଛ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ଭୀମସେନ ମାଇତି, ପ୍ରତାପ ସିଂ, ଶିବୁ ମାନ୍ନା, ଚନ୍ଦନ ଦାସ, ଶମ୍ଭୁ ଭୂୟାଁ, ରାମ ଖିଲାର, ତପନ ବିଶ୍ୱାସ, ତୁଷାର ସରକାର, ବଳରାମ ମାଇତି, ବରୁଣ ସର୍ଦ୍ଦାର, ଅଶୋକ ମଣ୍ଡଳ, ସୁଶାନ୍ତ ମଲିକ, ଅମ୍ବାଇ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଛୋଟରାଏ ସୋରେନ, ସୁଶାନ୍ତ ଦାସ ଓ ବାପି ଗିରି । ଏମାନେ ସମସ୍ତେ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଓ ଉତ୍ତର ଚବିଶପ୍ରଗଣା ଅଞ୍ଚଳର । ସମସ୍ତଙ୍କୁ କେନ୍ଦ୍ରାପଡ଼ା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି ।

**● ଯୁବତୀମାନଙ୍କୁ ଅସଦାଚରଣ ମାମଲା**

## ୪ ଗିରଫ, ସୁଧାରଗୃହକୁ ଗଲେ ୩ ନାବାଳକ

ରାଜନଗର,୨୭ ।୧୨(ସମିସ): ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତର ୬ ଯୁବତୀ ସମ୍ପର୍କୀୟ ଯୁବକଙ୍କ ସହ ଭିତରକନିକା ଜାତୀୟ ଉଦ୍ୟାନରୁ ବୁଲି ଫେରୁଥିବାବେଳେ ହାତିନା ପଞ୍ଚାୟତ କୁଣପଙ୍ଗରା ଛକ ନିକଟ ଭାଟସାହି ରାସ୍ତାରେ ୭ ଜଣ ସେମାନଙ୍କୁ ଅଟକାଇ ଅସଦାଚରଣ କରିବା ସହ ସମ୍ପର୍କୀୟ ଯୁବକଙ୍କୁ ମାଡ଼ ମାରିଥିବା ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏଥିରେ ସମ୍ପୃକ୍ତ ଥିବା ସାତଜଣଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରୁଥିଲା । ଶନିବାର ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ତିନି ନାବାଳକଙ୍କୁ ସୁଧାରଗୃହକୁ ପଠାଯାଇଥିବା ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି । ଗିରଫ ଯୁବକମାନେ ହେଲେ ବଡ଼ନାଉକୋଣା ଗ୍ରାମର ବୁଦ୍ଧିରାମ ମଳିକଙ୍କ ପୁଅ ସୁବ୍ରତ ମଳିକ (୧୯), ମଙ୍ଗୁଳି ପଢ଼ିହାରୀଙ୍କ ପୁଅ ଟୁନୁ ପଢ଼ିହାରୀ (୨୧), ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ (ନୂଆଗାଁ)ର ପ୍ରଭାତ ମାହୁନ୍ତଙ୍କ ପୁଅ ପାର୍ଥସାରଥି ମାହୁନ୍ତ (୧୯) ଓ ମହିଁଷାସୁର ପଞ୍ଚାୟତ କହୁଆ ଗ୍ରାମର ହେମନ୍ତ ସ୍ୱାଇଁଙ୍କ ପୁଅ ହିମାଂଶୁ ସ୍ୱାଇଁ (୧୯) ।

## କବୟିତ୍ରୀ ତେଜସ୍ୱିନୀ ସାମଲ 'ଗାଁ ମଜଲିସ୍' ସମ୍ମାନରେ ସମ୍ମାନିତ



ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଶିଷ୍ଟ ସାରସ୍ୱତ ପ୍ରତିଭା ଯୁବ କବୟିତ୍ରୀ ଅଧ୍ୟାପିକା ତେଜସ୍ୱିନୀ ସାମଲଙ୍କୁ ଗାଁ ମଜଲିସ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି । ବାଲେଶ୍ୱର ଜିଲ୍ଲା ସୋର ସଂସ୍କୃତି ଭବନରେ ଆୟୋଜିତ ଗାଁ ମଜଲିସ୍ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଓଡ଼ିଆ ସାହିତ୍ୟର ପ୍ରବାଦ ପୁରୁଷ ବୈଷ୍ଣବ ଚରଣ ସାମଲ, ହେମନ୍ତ ରାଉତ, ରଜନୀକାନ୍ତ ମହାନ୍ତି, ଭରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କବୟିତ୍ରୀ ସାମଲଙ୍କୁ ତାଙ୍କ ସାରସ୍ୱତ ସାଧନା ଓ ଅବୁଝା ଝିଅ କବିତା ପାଇଁ ଏହି ସମ୍ମାନରେ ସମ୍ମାନିତ କରିଥିଲେ ।

## ୬ ମନ୍ଦିର ଲୁଟେରା, ୨ କ୍ରେତା ଗିରଫ

**● ସୁନାରୁପା ଗହଣା, ଟଙ୍କା, ଗାଡ଼ି ଓ ହତିଆର ଜବତ**



କେନ୍ଦ୍ରାପଡ଼ା,୨୭ ।୧୨(ସମିସ): ଡିସେମ୍ବର ୨୨ ତାରିଖ ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ବିଭିନ୍ନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଥିବା ଏକ ଚୋର ଗ୍ୟାଙ୍ଗକୁ ପୁଲିସ କାବୁ କରିଛି । ଏହି ମାମଲାରେ ୬ ଜଣ ମନ୍ଦିର ଲୁଟେରା ସହ ଚୋରି ସାମଗ୍ରୀ କିଣିଥିବା ଯାଜପୁରର ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ।

ଢୋଲ, ଡିଅମୁଗବାଡ଼ି, ନଳାପାରି ଅଞ୍ଚଳର ମହାବୀର ମନ୍ଦିର, ତାରିଣୀ ମନ୍ଦିର ଓ ଗ୍ରାମଦେବତୀ ମନ୍ଦିରର ତାଲା ଭାଙ୍ଗି ସୁନାରୁପା ଗହଣା ସହ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା । କେନ୍ଦ୍ରାପଡ଼ା ଟାଉନ୍, ନିକିରାଇ, ବରି ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ଏହି ଚୋର ଗ୍ୟାଙ୍ଗର ୬ ଅଭିଯୁକ୍ତ ସେକ୍ ମୁସ୍ତାକିଲ, ସେକ୍ ସାହିଲ, ସେକ୍ ତନବିର, ସେକ୍ ନସମ, ସେକ୍ ଅବଦୁଲ ଓ ସୌରଭ ମିଶ୍ରଙ୍କୁ ଗିରଫ କରିଛି । ଏଥିସହ ଚୋରି ସାମଗ୍ରୀ କିଣିଥିବା ଯାଜପୁର ଜିଲ୍ଲାର ସେକ୍ ଅନୱର ଓ ଅକ୍ଷୟ ପୋଥାଳଙ୍କୁ ମଧ୍ୟ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ସୁନା ଓ ରୁପା ଗହଣା, ୧୪,୬୭୦ ଟଙ୍କା, ମୋବାଇଲ୍ ଫୋନ୍, ବାଇକ୍, ସ୍କୁଟି, ଲୁହା ରଡ୍, ଫାର୍ସା, ବ୍ଲେଡ୍, ଓଜନ ମେସିନ୍ ଆଦି ଜବତ କରାଯାଇଛି । ଏହି ଗ୍ୟାଙ୍ଗ କେବଳ କେନ୍ଦ୍ରାପଡ଼ା ନୁହେଁ, କଟକ, ଯାଜପୁର, ଭଦ୍ରକ ଭଳି ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ଧର୍ମୀୟ ସ୍ଥଳରେ ମଧ୍ୟ ଚୋରି କରୁଥିଲେ ବୋଲି ପୁଲିସ ପ୍ରମାଣ ପାଇଛି । ଏ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ରାଜ୍ୟସ୍ତରୀୟ ଯୁବ ଉତ୍ସବରେ କେନ୍ଦ୍ରାପଡ଼ା ଛାତ୍ରୀଙ୍କ କୃତିତ୍ୱ




କେନ୍ଦ୍ରାପଡ଼ା,୨୭ ।୧୨(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଡିସେମ୍ବର ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ପଦ୍ୟ ଲିଖନ ପ୍ରତିଯୋଗିତାରେ ଏସଏନ ରାଜକନିକା ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ବିଶ୍ୱାଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି । ପୁରସ୍କାର ବାବଦ ତାଙ୍କୁ ୧୦ ହଜାର ଟଙ୍କା, ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏଥିସହ ସୌମ୍ୟା ଦିଲ୍ଲୀରେ ହେବାକ ଥିବା ଜାତୀୟସ୍ତରୀୟ ଯୁବ ଉତ୍ସବରେ ଅଂଶଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆସନ୍ତା ଜାନୁଆରୀ ୧୨ ତାରିଖରେ ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ଗଳ୍ପ ଲିଖନ ପ୍ରତିଯୋଗିତାରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଛାତ୍ରୀ ସିମ୍ରନ ମହାନ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସୌମ୍ୟା ଓ ସିମ୍ରନଙ୍କ ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ



ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ): ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରସ୍ଥ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଶିକ୍ଷା ମନ୍ଦିର ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ଏହାକୁ ଉଦଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ଯୁମ୍ନଦତ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଥାକାର ପ୍ରଦୀପ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ ଅଜିତ୍ ମଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମା'ମାନେ ଶିଶୁମାନଙ୍କ ଆଦ୍ୟଗୁରୁ ହୋଇଥିବାରୁ ସେମାନଙ୍କୁ ସଂସ୍କାରିତ କରିବାରେ ମା'ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁ ସ୍ୱାଗତଭାଷଣ ଓ ଆଚାର୍ଯ୍ୟା ସୁଲୋଚନା ମିଶ୍ର ଅତିଥିପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର ଧନ୍ୟବାଦ ଦେଇଥିଲେ । ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ମା' ଯୋଗଦେଇଥିଲେ ।

## ଡାମରପୁର ପ୍ରିମିଅର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁରଠାରେ ଶୁକ୍ରବାର ଡାମରପୁର ପ୍ରିମିଅର ଲିଗ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଡେଲ୍‌ଟା ଇଞ୍ଜିନିଅରିଂ ଆଣ୍ଡ ସର୍ଭିସେସ ତରଫରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ବସନ୍ତ କୁମାର ନାଥ ଉଦଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଦଳ ଭାଗ ନେଇଛନ୍ତି । ପ୍ରଥମ ଦିନ ଦୁଇଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚ ବାବା ବାସୁଦେବ ଟିମ ଶାସନ ଓ ୟୁନାଇଟେଡ୍ କ୍ଲବ ଜେନପାଟଣା ମଧ୍ୟରେ ହୋଇଥିଲା । ବାବା ବାସୁଦେବ ଟିମ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ ମା' ମଙ୍ଗଳା କ୍ରିକେଟ କ୍ଲବ ଡାମରପୁର ଓ ଲକ୍ଷ୍ମୀନାରାୟଣ କ୍ଲବ ରାଘବପୁର ମଧ୍ୟରେ ହୋଇଥିଲା । ମା' ମଙ୍ଗଳା କ୍ଲବ ବିଜୟୀ ହୋଇଛି । ଭାଗୀରଥି ଆଚାର୍ଯ୍ୟ, ବିରଞ୍ଚି ଆଚାର୍ଯ୍ୟ, କେଦାର ରାଉତ, ଜଗବନ୍ଧୁ ନାଥ, ଗୌରାଙ୍ଗ ସେଠୀ, ନରହରି ମାଲିକ, ଗୌରାଙ୍ଗ ମାଲିକ, ସାଗର ମଲିକ, ନିରଞ୍ଜନ ଦାଶ, ଟୁକୁନା ଶତପଥୀ, ଗଦାଧର ମଲିକ, ପିଙ୍କୁ ମଲିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସାଧାରଣ ସଭା

ଆଳି,୨୭ ।୧୨(ସମିସ): ବାବାସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଚଣ୍ଡିଆଗଡ଼ି ବଇଦିମାଳ ଆଳି ଆମ୍ବେଦକର କ୍ଲବ୍ ପ୍ରାଙ୍ଗଣରେ ଦଶରଥ ମଲିକଙ୍କ ସଭାପତିତ୍ୱରେ ଆମ୍ବେଦକର ସ୍ମୃତି ପରିଷଦର ସାଧାରଣ ସଭା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଆଇନଜୀବୀ ରଞ୍ଜନ କୁମାର ମଲିକ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅକ୍ଷୟ କୁମାର ମଲିକ, ସଂଗଠକ ଧନେଶ୍ୱର ରାଉତ, ସରପଞ୍ଚ ଅକ୍ଷୟ କୁମାର ଦାସ, ସନାତନ ସାହୁ, ଆବାହକ ମନୋଜ ମଲିକ, ରାମଚନ୍ଦ୍ର ଦାସ, ସର୍ବେଶ୍ୱର ଜେନା, ବାରେଣୀ ସେଠୀ, ଖଗେଶ୍ୱର ମଲିକ, ଦିଲୀପ ମଲିକ, ପ୍ରମିଳା ସେଠୀ, ବିଳାସିନୀ ମଲିକ, ସୀତା ସୁନ୍ଦରୀ ସେଠୀ, ସୁହାନା ବେଗମ, ବାବନ ଜେନା, ପୀତାମ୍ବର ମଲିକ, ନରୋତ୍ତମ ପାର୍ଥ ସାରଥୀ, ରୋହିତ ମଲିକ, ଗୌରହରି ସେଠୀ, ନୀଳମଣି ସେଠୀ, ରଞ୍ଜନ ସେଠୀ, ଅଲେଖ ମଲିକ, ପ୍ରକାଶ ପାତ୍ର ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କୋଷାଧ୍ୟକ୍ଷ ବିଷ୍ଣୁଚରଣ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଜିଲାସ୍ତରୀୟ 'ବୀର ବାଲ ଦିବସ' ପାଳିତ



ମାର୍ଶାଘାଇ,୨୭ ।୧୨(ସମିସ): ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ନଛିପଡ଼ା ଗ୍ରାମରେ ଶୁକ୍ରବାର ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ 'ବୀର ବାଲ ଦିବସ' ପାଳିତ ହୋଇଛି । ଦଶମ ଶିଖଗୁରୁ ଗୋବିନ୍ଦ ସିଂଙ୍କ ୯ ବର୍ଷ ଏବଂ ୬ ବର୍ଷ ବୟସର ଦୁଇ ନାବାଳକ ପୁତ୍ର ଫତେହ ସିଂହ, ଜୁହାର ସିଂହଙ୍କ ବଳିଦାନ ଦିବସ ଅବସରରେ ସେହି ଦୁଇ କୁନି ଦେଶପ୍ରେମୀ ବାଲ ସଂଗ୍ରାମୀଙ୍କ ସାହସ ଏବଂ ବୀରତ୍ୱକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଉଛି । ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ବିଚିତ୍ର ଭାଇ, ରାଜ୍ୟ ପରିଷଦ ସଭ୍ୟ କୁମରକାନ୍ତ ମହାନ୍ତି, କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା କୋଷାଧ୍ୟକ୍ଷା ପ୍ରତିମା ନାୟକ, ଜୀବନାନନ୍ଦ ସାହୁ, ମାର୍ଶାଘାଇ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଶାନ୍ତ ସେଠୀ ମଞ୍ଚ ପରିଚାଳନା କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର,୨୭ ।୧୨(ସମିସ): ଆଳି ବ୍ଲକ ମଧୁବନ ଗ୍ରାମର ସ୍ୱର୍ଗତ ଶ୍ରୀଧର ପତିଙ୍କ ପତ୍ନୀ ଗୁରୁବାରୀ ପତିଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । ସମାଜସେବୀ ସର୍ବେଶ୍ୱର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ଦୁର୍ଯ୍ୟୋଧନ ସାମଲ, ରାଜେନ୍ଦ୍ର ରାଉତ, ଗୋପୀନାଥ ସାମଲ, ହିମାଦ୍ରୀ ପତି, ଆଦିକନ୍ଦ ପତି, ଦେବେନ୍ଦ୍ର ବେହେରା, ଅରୁଣ କୁମାର ସାମଲ, ରମାକାନ୍ତ ପତି, ରବୀନ୍ଦ୍ର ପତି, ଗାୟତ୍ରୀ ପଣ୍ଡା, ଜାନକୀ ପତି, ରବୀନ୍ଦ୍ର ଦାସ, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗତା ପତି ଜଣେ ଧର୍ମପରାୟଣ ତଥା ପରୋପକାରୀ ମହିଳା ଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।



## କୁମ୍ଭୀର ଭୟରେ ଆତଙ୍କିତ ଲୋକେ



ମହାକାଳପଡ଼ା,୨୭ ।୧୨(ସମିସ): ନଦୀକୂଳିଆ ଲୋକଙ୍କୁ ଡରାଉଛି କୁମ୍ଭୀର ଉପଦ୍ରବ । କୁମ୍ଭୀର ଭୟରେ ନଦୀରେ ପାଦ ରଖିବାକୁ ଲୋକେ ଭୟ କରୁଛନ୍ତି । ସୁରକ୍ଷା ପାଇଁ ଥିବା ତାରଜାଲି ନଷ୍ଟ ହୋଇଯିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଅନେକ ଥର ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଲୋକେ ଦାବି କରି ଆସୁଥିଲେ ମଧ୍ୟ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି ।

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଓଳିହା, ଦେଉଳପଡ଼ା, ବାଙ୍କିଛନ୍ଦା, ନଳପଦା, ଅମିରାବାଦ ଓ ଚଣ୍ଡିଆପଲ୍ଲୀ ଗ୍ରାମଗୁଡ଼ିକ ଗୋବରୀ ନଦୀ ପାର୍ଶ୍ୱରେ ଅବସ୍ଥିତ । ପୂର୍ବରୁ ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ଏହି ନଦୀ ଉପରେ ନିର୍ଭର କରୁଥିଲେ । ହେଲେ କିଛିବର୍ଷ ହେବ କୁମ୍ଭୀରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ଫଳରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ସୁରକ୍ଷା ବାଡ଼ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଲୋକେ ଦାବି କରିଆସୁଥିଲେ ମଧ୍ୟ ଏଯାଏଁ ବନ ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳୁନାହିଁ । ଓଳିହା ଗ୍ରାମର ଦୁର୍ଗା ମଣ୍ଡପ ତୁଠ ଓ ଖଣ୍ଡିଆବନ୍ଧ ତୁଠରେ ସୁରକ୍ଷା ବାଡ଼ ନାହିଁ । ଦେଉଳପଡ଼ା ତାରିଣୀ ମନ୍ଦିର ପାଖରେ ଥିବା ତୁଠରେ ମଧ୍ୟ ତାରବାଡ଼ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସେହିପରି ବାଙ୍କିଛନ୍ଦା ବେହେରା ସାହି, ଅମିରାବାଦ ଓ ଚଣ୍ଡିଆପଲ୍ଲୀ ଗ୍ରାମରେ ମଧ୍ୟ ତାରଜାଲ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ପୂର୍ବରୁ ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହୋଇ ସାରିଛନ୍ତି । ଏବେ ମଧ୍ୟ ନଦୀରେ କୁମ୍ଭୀର ଦେଖି ଲୋକେ ଭୟଭୀତ । କେତେବେଳେ କିଏ ଯେ କୁମ୍ଭୀର ଆକ୍ରମଣର ଶିକାର ହେବ ତାହା କହିବା ମୁସ୍କିଲ । ଧନଜୀବନ ସୁରକ୍ଷିତ ରଖିବା ପାଇଁ ବନବିଭାଗ ତରଫରୁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଥିବା ସୁରକ୍ଷା ବାଡ଼ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୯ ଅଲିଭରିଡଲେ କଇଁଛଙ୍କ ପିଠିରେ ଖଞ୍ଜାଗଲା ସାଟେଲାଇଟ ଟ୍ରାନ୍ସମିଟର

ରାଜନଗର,୨୭ ।୧୨(ସମିସ): ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ଏବେ ଚଳଚଞ୍ଚଳ । ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଆସିଥିବା ଲକ୍ଷ ଲକ୍ଷ ମା' ଓ ପୁରୁଷ କଇଁଛ ଗହୀରମଥାର ନୀଳ ଜଳରାଶି ଭିତରେ ନଭେମ୍ବର ଆରମ୍ଭରୁ ମିଳନ ପର୍ବରେ ନିମଗ୍ନ ଅଛନ୍ତି । ଏହି ରହସ୍ୟମୟ ଜୀବ ଅଲିଭରିଡଲେ କଇଁଛଙ୍କ ଜୀବନଶୈଳୀ ଏବଂ ସେମାନଙ୍କ ପ୍ରକୃତ ଠିକଣା ଜାଣିବା ପାଇଁ ୯୦ ଦଶକରୁ କଇଁଛ ବିଶାରଦ ତଥା ଗବେଷକ ସ୍ୱର୍ଗତ ଡ. ଚନ୍ଦ୍ରଶେଖର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଗହୀରମଥାକୁ ଅଣ୍ଡାଦାନ କରିବାକୁ ଆସିଥିବା ମା' କଇଁଛ ଦେବୀ, ଚନ୍ଦ୍ର ଓ ସରସ୍ୱତୀଙ୍କ ନାମରେ ନାମିତ କରାଯାଇ ସାଟେଲାଇଟ୍ ଟ୍ରାନ୍ସମିଟର ଖଞ୍ଜାଯାଇଥିଲା । ମା' କଇଁଛ ଅଣ୍ଡା ଦେବା ପରେ ସେମାନଙ୍କ କର୍ମଭୂମିକୁ ଫେରି ଯାଉଥିଲେ । କିନ୍ତୁ ଖଞ୍ଜାଯାଇଥିବା ଏହି ୩ କଇଁଛ ଶ୍ରୀଲଙ୍କାର ଜାଫନା ଉପକୂଳ ପର୍ଯ୍ୟନ୍ତ ଯାଇଥିବା ଉପଗ୍ରହ ଜରିଆରେ ଜାଣିବାକୁ ପାଇଥିଲେ । ନିଷିଦ୍ଧ ଇଲାକାରୁ ଆସୁଥିବା ଏହି ରହସ୍ୟମୟ ଅଲିଭରିଡଲେଙ୍କ ପ୍ରକୃତ ଠିକଣା ଏଯାଏ ମିଳି ପାରିନାହିଁ । ଚଳିତବର୍ଷ ଡିସେମ୍ବର ୨୫ ତାରିଖ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟରେ କାର୍ଯ୍ୟରତ ଜୀବବିଜ୍ଞାନୀ ସୁରେଶ କୁମାରଙ୍କ ନେତୃତ୍ୱରେ ଗହୀରମଥା ବାବୁବାଲି ଦୀପରେ ଛଅଟି କଇଁଛଙ୍କ ପିଠିରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସାଟେଲାଇଟ ଟ୍ରାନ୍ସମିଟର ଖଞ୍ଜାଯାଇଛି । ଗହୀରମଥା ସମେତ ଋଷିକୂଲ୍ୟା ଉପକୂଳରେ ୩ଟି କଇଁଛଙ୍କ ପିଠିରେ ମଧ୍ୟ ଟ୍ରାନ୍ସମିଟର ଖଞ୍ଜାଯାଇଛି । ସୂଚନାଯୋଗ୍ୟ, ତିନିବର୍ଷ ପୂର୍ବେ ଗହୀରମଥାକୁ ଅଣ୍ଡା ଦେବାକୁ ଆସିଥିବା ମା' କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଥିଲା । ଏଥିରୁ ଗୋଟିଏ କଇଁଛ ମହାରାଷ୍ଟ୍ରର ରତ୍ନଗିରି ଉପକୂଳରେ ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରୁ କହିଲେ, ଅଲିଭରିଡଲେ କଇଁଛଙ୍କ ଆଗମନ ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛି । କଇଁଛଙ୍କ ଗତିବିଧି ଜାଣିବା ପାଇଁ ଏହି ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି ।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

ଜଗତସିଂହପୁର,୨୭।୧୨(ସମିସ)

ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ

**୨୫ ଗ୍ରାମ ବ୍ରାଉନସୁଗର, ୧. ୨୫୦ କେଜି ଗଞ୍ଜେଇ ଜବତ**

ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ଗଡଡୁଣି ପଡିଆଠାରେ ଦୀର୍ଘ ଦିନ ହେବ ବ୍ରାଉନସୁଗର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରି ନେଇଥିଲେ ଅବକାରୀ କର୍ମଚାରୀ। ଯାଞ୍ଚ ପରେ ତାଙ୍କ



ନିକଟରୁ ୨୫ ଗ୍ରାମର ବ୍ରାଉନସୁଗର ଏବଂ ଏହି ବ୍ୟବସାୟରେ ବ୍ୟବହୃତ ଏକ ଟିଭିଏସ୍ ଜୁପିଟର ସ୍କୁଟି ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ ଅଲଣା ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ସାହୁଙ୍କ ପୁଅ ମୁନା ସାହୁ(୩୬)। ସେହିପରି ଅନ୍ୟ ଏକ ଘଟଣାକ୍ରମ ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ପାରାଦୀପ ଥାନା ଅନ୍ତର୍ଗତ ମଧୁବନ ଜଗନ୍ନାଥ କଲୋନିରେ ଚଢ଼ଉ କରି ୧କେଜି ୨୫୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡ଼ିତ ଥିବା ଜଗନ୍ନାଥ କଲୋନିର ସ୍ୱର୍ଗତ ଗୌରହରି କରଣଙ୍କ ପୁଅ ଝାଡ଼େଶ୍ୱର କରଣ(୩୬)ଙ୍କୁ ଗିରଫ କରିଛି।

ଏହି ଚଢ଼ଉରେ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଲ ଜୟଦେବ ପାତ୍ର, ବର୍ଷାରାଣୀ ଖୁଣ୍ଟିଆ, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ, ପାରାଦୀପ ଅବକାରୀ ରେଞ୍ଜର ଏଏସ୍ଆଇ ଗୟାଧର ସେଠୀ, କନଷ୍ଟେବଲ ନବଘନ ମାରାଣ୍ଡି, ସନ୍ତୋଷୀ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ପାରାଦୀପରେ କେନ୍ଦ୍ରାପଡ଼ା ବାଲି ମାଫିଆଙ୍କ ଚାଲିଛି ରାଜ୍

ପାରାଦୀପ, ୨୭।୧୨ (ସମିସ): କେନ୍ଦ୍ରାପଡାରୁ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ଚୋରା ବାଲି ଚାଲାଣ ପଛରେ କାମ କରୁଛି ସ୍ୱତନ୍ତ୍ର ବିଧିବଦ୍ଧ ରାକେଟ। ଏହି ଚୋରା ବାଲିଚାଲାଣ ପାରାଦୀପକୁ ହେଉଥିଲେ ମଧ୍ୟ ଧରପଗଡ଼ ବନ୍ଦ କରିଦେଇଛି ଖଣି ବିଭାଗ, ପୁଲିସ ଓ ପ୍ରଶାସନ। ରାତି ତମାମ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଖାଦନରୁ ବେଆଇନ ଭାବେ ବାଲି

**ଆବାସ ଯୋଜନା ଘର ପାଇଁ ମିଳୁନି ବାଲି**

ଉଠାଇ ପାରାଦୀପର ବିଭିନ୍ନ କମ୍ପାନୀମାନଙ୍କରେ ଚଢ଼ା ଦରରେ ବିକ୍ରି କରୁଛନ୍ତି କେନ୍ଦ୍ରାପଡା ଜିଲ୍ଲାର ବାଲି ମାଫିଆ। ରାତି ତମାମ ଏହି ବେଆଇନ ଭାବେ ଉଠୁଥିବା ଚୋରା ବାଲି କାରବାର ଚାଲିଛି। କେନ୍ଦ୍ରାପଡା ଓ ପାରାଦୀପର କେତେକ ଥାନା ଦେଇ ଏହି ଚୋରା ବାଲି ଗାଡ଼ି ପାରାଦୀପକୁ ଆସୁଥିଲେ ମଧ୍ୟ ପୁଲିସ ସେଗୁଡିକୁ କାହିଁକି ଆନ୍ତରିକତା ଦେଖାଉଛି ତାକୁ ନେଇ ପ୍ରଶ୍ନ ଉଠିଛି। ଥାନା ସମ୍ମୁଖରେ ଦୈନିକ ଚୋରା ବାଲିଚାଲାଣ ହେଉଥିଲେ ମଧ୍ୟ କେହି ହାତ ମାରୁନାହାନ୍ତି। ଜଗତସିଂହପୁର ଜିଲ୍ଲା ପ୍ରଶାସନ ଜିଲ୍ଲାର କେତେକ ବାଲି ଖାଦନ ଉପରେ ଚଢ଼ଉ କରି ବେଆଇନ ବାଲି ଚାଲାଣକୁ ବନ୍ଦ କରିଦେଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ମାଫିଆ ମାନେ ଏବେ ପାରାଦୀପ ମୁହାଁ ହୋଇ, କେନ୍ଦ୍ରାପଡା ଜିଲ୍ଲାରୁ ବାଲି ପାରାଦୀପକୁ ଚୋରା ଚାଲାଣ କରୁଛନ୍ତି। ଖାଦନରୁ ବେଆଇନି ବାଲି ଚାଲାଣ ବନ୍ଦ ହେବା ପରେ ଜଗତସିଂହପୁର ଜିଲ୍ଲା ସମେତ ପାରାଦୀପ ଅଞ୍ଚଳରେ ବାଲିର ଅଭାବୀ ଦେଖାଦେଇଛି। ତା' ସାଙ୍ଗକୁ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ବାଲି ମିଳୁ ନଥିବା ବେଳେ ସାଧାରଣ ଗରିବ ଲୋକଟିଏ ଘରଟିଏ କରିପାରୁ ନାହିଁ। କିନ୍ତୁ ମାଫିଆ ମାନେ ଚୋରା ବାଲି ପଡ଼ୋଶୀ କେନ୍ଦ୍ରାପଡା ଜିଲ୍ଲାରୁ ପାରାଦୀପକୁ ଆଣି ଚଢା ଦରରେ କମ୍ପାନୀମାନଙ୍କୁ ବିକ୍ରି କରି ଲାଲେଲାଲ ହେଉଛନ୍ତି। ଏହା ସହିତ ମଞ୍ଜୁର ପାଇଥିବା ଘାଟରୁ ବାଲି ଚାଲାଣ ପାଇଁ ଉଦିଷ୍ଟ ଇ-ଟ୍ରାଞ୍ଜିଟ ପାସ ଶେଷ ହେବା ପରେ ମଧ୍ୟ ଚୋରରେ ପରିବହନ କରାଯାଉଛି। ତେବେ ଏଭଳି ବେଆଇନ ବାଲି ଚାଲାଣ କରାଯାଉଥିଲେ ବି କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ବିଭାଗ, ପୁଲିସ ଓ ପ୍ରଶାସନ ହାତ ଯାଉନି। ସମସ୍ତଙ୍କ ସହଯୋଗରେ ଯେମିତି ଚୋରା ବାଲି କାରବାରକୁ ପ୍ରଶୟ ଦିଆଯାଉଛି ବୋଲି ଚର୍ଚ୍ଚା ହେଉଛି।

# ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ରଘୁନାଥପୁର,୨୭।୧୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦଙ୍କ ନେତୃତ୍ୱରେ ଏନ୍‌ଏସ୍‌ଏସ ପ୍ରଶିକ୍ଷାର୍ଥୀମାନେ ବିଦ୍ୟାଳୟ ପରିସରରୁ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ରାଲିରେ ତାରପୁର ବାଇପାସ ଯାଇଥିଲେ। ସେଠାରେ ସ୍ୱଚ୍ଛତାକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ପ୍ରୋଗ୍ରାମ ଅଫିସର ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ ମଧ୍ୟ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଲେଜର ଅଧ୍ୟକ୍ଷ ମୋହନ ଚରଣ ରାଉତରାୟ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଭୟ କୁମାର ମହାରଣା, କୁମୁଦିନୀ ଦ୍ୱିବେଦୀ, ତ୍ରିଲୋଚନ ମହାପାତ୍ର,ବିଭୂତି ମହାପାତ୍ର, ମିଟୁ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳକୁ ସଫେଇ କରାଯିବା ସହ ଏକ ବର୍ଜ୍ୟବସ୍ତୁ କୁଣ୍ଡ ବସାଜାଇଥିଲା। ଏଥିରେ କର୍ମଚାରୀ ଗୌରାଙ୍ଗ ସେଠୀ, ପ୍ରଭାତ ଓ କଲେଜର ବହୁ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

# ବେହେଲା ଗୁରୁ ଭୀମସେନ ଖଟୁଆଙ୍କ ସ୍ମୃତିସଭା



ପାରାଦୀପ/ଜଗତସିଂହପୁର, ୨୭।୧୨ (ସମିସ): ସୁପ୍ରତିଷ୍ଠିତ ବେହେଲା ବାଦକ ତଥା ଗୁରୁ ଭୀମସେନ ଖଟୁଆଙ୍କ କେନ୍ଦ୍ରାପଡା ଜିଲ୍ଲାର ନୀଳକଣ୍ଠପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଗୁରୁଶ୍ରୀ ଖଟୁଆ ୧୯୭୮ ମସିହାରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀରୁ ବେହେଲା ବାଦନରେ ସଙ୍ଗୀତ ଭାସ୍କର ଡିଗ୍ରୀ ହାସଲ କରିବା ପରେ ଜଗତସିଂହପୁରର ଅଳକା କଳା ମଣ୍ଡପ, ପାରାଦୀପର ସାଗରିକା କଳା ନିକେତନ ସମେତ ଭୁବନେଶ୍ୱର ଏବଂ ମାହାଙ୍ଗାରେ ବିଭିନ୍ନ ଅନୁଷ୍ଠାନରେ ବେହେଲା ଗୁରୁ ଭାବରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଆସୁଥିଲେ। ତାଙ୍କର ବିୟୋଗରେ ସାଗରିକା କଳା ନିକେତନର ସଭାପତି ଡ.ଦୁର୍ଗାଚରଣ ସେଠୀ, ସମ୍ପାଦକ ପ୍ରବୀର କୁମାର ସାହୁ, ଓଡିଶୀ ସଂଗୀତ ଗୁରୁ ସୁଧୀର ପାଳ ଏବଂ ସଙ୍ଗୀତ ଭାସ୍କର ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେହିପରି ସ୍ୱର୍ଗତ ଖଟୁଆଙ୍କ ବିୟୋଗରେ ପାରାଦୀପ ସାଗରିକା କଳା ନିକେତନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁଶ୍ରୀ ପ୍ରଫୁଲ୍ଲ ବଳଙ୍କ ସଭାପତିତ୍ୱ ଆୟୋଜିତ ଏହି ସଭାରେ ଗୁରୁଶ୍ରୀ ବ୍ରଜ କିଶୋର ମଲ୍ଲିକ, ପ୍ରଭାତ ଚନ୍ଦ୍ର ଶିଳ୍ପୀ, ଡମ୍ବରୁଧର ଓଝା, ନିମାଇଁ ଚରଣ ହୋତା, କେଦାର ପରିଡା ଏବଂ ଜିତେନ୍ଦ୍ର ପରିଡ଼ାଙ୍କ ସମେତ ଛାତ୍ରଛାତ୍ରୀ ମାନେ ଯୋଗଦେଇ ସ୍ୱର୍ଗତ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଇଫ୍‌କୋ ଡିଏଭି ସ୍କୁଲର କ୍ରୀଡ଼ା ଉତ୍ସବ



ପାରାଦୀପ,୨୭।୧୨(ସମିସ): ପାରାଦୀପ ଇଫକୋ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ପରିସରରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପିକେ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ କ୍ରୀଡ଼ା ଶିକ୍ଷକ ସୌର ମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କ୍ରୀଡା ଉତ୍ସବ ସୁଚାର ରୂପେ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପାରାଦୀପ ପୋର୍ଟ ଡିଏଭି ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। ସମ୍ବିତ କୁମାର ଚିନାରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଇଫକୋ ପାରାଦୀପ ମହାପ୍ରବନ୍ଧକ ବିଜୟ ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସହାୟକ ଜୟନ୍ତ ଜେନା, ମନୋରଞ୍ଜନ ମହାପାତ୍ର ଏବଂ ଡିଏଭି ପିପିଏଲର ଅଧ୍ୟକ୍ଷ ସଞ୍ଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଏରସମାରେ ବାଜପେୟୀଙ୍କ ଜୟନ୍ତୀ

ଏରସମା,୨୭।୧୨(ସମିସ): ଏରସମା ବ୍ଲକ ଜପା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେପି ନେତା ନୃସିଂହ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ଅଜୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ଏରସମା ମଣ୍ଡଳ ସଭାପତି ଅମରେନ୍ଦ୍ର ଦଳାଇ, ନାଟ୍ୟକାର ରଘୁନାଥ ସାହୁ, ଆଇନଜୀବୀ ଅକ୍ଷୟ ସ୍ୱାଇଁ, ଜିଲ୍ଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା ଯୋଗ ଦେଇଥିଲେ। 'ଅଟଳ ଜ୍ୟୋତି' ମୁଖପାତ୍ର ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଏରସମା ଥାନାଧିକାରୀ ପ୍ରେମଜିତ ଦାସଙ୍କୁ ଅଟଳ ସେବା ସମ୍ମାନ, ନାଟ୍ୟକାର ରଘୁନାଥ ସାହୁ ଅଟଳ ସାରସ୍ୱତ ସମ୍ମାନ, ପରମହଂସ ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱୟଂପ୍ରଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ତପନ ଗୋଚ୍ଛାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁବାସ ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ନିର୍ଲିପ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଯଶୋବନ୍ତ ବିଦ୍ୟାପୀଠରେ ଗୁରୁପୂଜନ ଉତ୍ସବ



ଜଗତସିଂହପୁର,୨୭।୧୨(ସମିସ): ଜଗତସିଂହପୁର ଜିଲ୍ଲ ବିରିଡ଼ି ବ୍ଲକ୍ ଅନ୍ତର୍ଗତ ଅଢ଼ଙ୍ଗଗଡ଼ ନାଇଲୋ ସ୍ଥିତ ଯଶୋବନ୍ତ ବିଦ୍ୟାପୀଠ ୧୯୭୬ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ ଏବଂ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସୁନିଲ କୁମାର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ, ଗୌରାଙ୍ଗ ଚରଣ ମହାନ୍ତି, ରାମଚନ୍ଦ୍ର ସାହୁ, ଶଙ୍କର୍ଷଣ ସାହୁ, କର୍ମଚାରୀ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଗୁରୁଙ୍କୁ ପୂଜାର୍ଚ୍ଚନା କରି ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆରତୀ ରାୟ, କବିତା ଜେନା, ସୁଷମା ରାୟ, ରେଣୁକା ମହାରଣା, ପ୍ରତିମା ଦାସ, ନିରଞ୍ଜନ ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ପାତ୍ର, ସ୍ୱାତୀଲତା ରାୟ, ଅଶୋକ କୁମାର ପାତ୍ରଙ୍କ ସଂଯୋଜନାରେ ନଳିନୀକାନ୍ତ ରାୟ, ହିମାଂଶୁ ଶେଖର ସାହୁ, ଗିରିଜା ଶଙ୍କର ରାୟ, ଉପେନ୍ଦ୍ର କୁମାର ବିଶ୍ୱାଳ, ନାରାୟଣ ବେହେରା, ସୁକାନ୍ତ କୁମାର ସାହୁ, ହରେକୃଷ୍ଣ ସାହୁଙ୍କ ସହ ୩୨ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୌଭାଗ୍ୟ ମଞ୍ଜରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭୟ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ୧୨ଜଣ ପୁରାତନ ଛାତ୍ରଛାତ୍ରୀ ଓ ୪ଜଣ ଶିକ୍ଷକଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ତିର୍ତ୍ତୋଲ,୨୭।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ନାଉସିରା ଗ୍ରାମ ପଡିଆରେ ବାବା ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପୁରୁଣା ବସନ୍ତ ଟିମ୍ ପିପଳମାଧବ ଟିମ୍‌କୁ ୪ ୱିକେଟ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ପିପଲ ମାଧବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ଜବାବରେ ପୁରୁଣା ବସନ୍ତ କ୍ରିକେଟ ଟିମ୍ ୯.୧ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରୁଣାବସନ୍ତ ଟିମ୍‌ର ସୁବ୍ରତ ନାୟକ ୫ ଛକା ସହ ଆକର୍ଷଣୀୟ ଅପରାଜିତ ୩୬ ରନ ସଂଗ୍ରହ କରି ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ପିପଳମାଧବ ଟିମ୍‌ର କିଶନ ଜେନା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଧ୍ୟାପକ ଅଜିତ କୁମାର୍ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ତିର୍ତ୍ତୋଲ କଲେଜର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ କବି ପରମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ବିକ୍ରମ ସାହୁ, ସାମ୍ବାଦିକ ଶ୍ରୀକାନ୍ତ ଦାଶ ଯୋଗଦେଇଥିଲେ। ଆମ୍ପାୟାର ଭାବେ ଆଲୋକ ପରିଜା ଓ ପାର୍ଥ ସାରଥୀ ହୋତା ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ଅଭିଷେକ, ଆଦର୍ଶ, ଆଶୁତୋଷ, ରାଜୀବ ଲୋଚନ, ତ୍ରିଲୋଚନ, ଅନିଲ, ମନୋଜ, ସାଇ, କାହ୍ନୁ, ଅମିତ୍, ସୁନିଲ ପ୍ରମୁଖ ସହଯୋଗ କରିଥିଲେ।

# ଡିଏଭି ପିପିଏଲ ସ୍କୁଲର ବାର୍ଷିକ ଉତ୍ସବ



ପାରାଦୀପ,୨୭।୧୨(ସମିସ): ଡିଏଭି ପିପିଏଲ ବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ 'ସଂସ୍କାରୋତ୍କର୍ଷ' ପାଳିତ ହୋଇଯାଇଛି। ପିପିଏଲ୍‌ର ସିଇଓ ପାଲାମିସାମି ଭେଲୁସାମି ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପାରାଦୀପ ସ୍ଥିତ ଇଫକୋ କାରଖାନାର ମୁଖ୍ୟ ପ୍ରବନ୍ଧକ ପିକେ ମହାପାତ୍ର ଓ ଡିଏଭିର ଉପ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ କୁମାର ସାହୁ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ପାଲା, ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ରେଣ୍ଡସ କ୍ଲବ୍ ନଦାମହଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ



ତିର୍ତ୍ତୋଲ,୨୭।୧୨(ସମିସ): ଟୁ ନାଇଟସ ଧମାକା ଫ୍ରେଣ୍ଡସ କ୍ଲବ୍ ନଦାମହଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କୃଷ୍ଣାନନ୍ଦପୁର ବିସନପୁର ନଦାମହଲା ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ମୀର ବ୍ରଦର୍ସ ବାରେଘର କୃଷ୍ଣାନନ୍ଦପୁର ୱେଲକମ୍ ଏକାଦଶ ନିମାପଡ଼ାକୁ ୧୦ ରନରେ ହରାଇ ଚାମ୍ପିଅନ ହୋଇଥିଲା। ପ୍ରଥମେ ମିର୍ ବ୍ରଦର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ୱେଲକମ ଏକାଦଶ ୭.୧ ଓଭରରେ ୫୦ ରନ କରି ପରାଜିତ ହୋଇଥିଲା। ମୀର୍ ବ୍ରଦର୍ସ ଟିମ୍‌ର ସୁଶାନ୍ତ ଫାଇନାଲ ମ୍ୟାଚ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହ ପ୍ରସ୍ତୁତି



ଜଗତସିଂହପୁର,୨୭।୧୨(ସମିସ): ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ ତମ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଚର୍ଚ୍ଚିକା ବଜାର ସ୍ଥିତ ଚର୍ଚ୍ଚିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଗତ ବର୍ଷ ଜୟନ୍ତୀ ଉତ୍ସବର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଉପଦେଷ୍ଟା ସୁରେନ ରାଉତ, ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଅରୁଣ କୁମାର ରାଉତରାୟ, ସୁଭାଷ ଚନ୍ଦ୍ର ରାଉତ, ଗୋବିନ୍ଦ ଓଝା, ପରୀକ୍ଷିତ ମହାନ୍ତି, ଅଞ୍ଜନ କୁମାର ସାହୁ, ସହ ସମ୍ପାଦକ ବନମାଳୀ ମହାରଣା, ଯୁଗ୍ମ ସମ୍ପାଦକ ଶାନ୍ତନୁ ମିଶ୍ର, ବିଜନ ମହାପାତ୍ର, ସଂଗଠନ ସମ୍ପାଦକ ସୁକାନ୍ତ କୁମାର ଦ୍ୱିବେଦୀ, ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ରବି ମହାନ୍ତି ଓ ମନୋଜ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଜୟନ୍ତୀ ସମାରୋହକୁ ଅଧିକ ସରସ ସୁନ୍ଦର କରିବା, ବାର୍ଷିକ ସ୍ମରଣିକା 'ସୁଧାସୌରଭ' ପ୍ରକାଶ ପାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନାଟ୍ୟକାରଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ନାଳିବର ଠାରୁ ରେଢୁଆ ପର୍ଯ୍ୟନ୍ତ ରାସ୍ତାକୁ ସୁଧାକର ସରଣୀ ନାମରେ ନାମିତ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବରିଷ୍ଠ ସଭ୍ୟ ଗୋବିନ୍ଦ ଓଝା ଓ ତପନ ରାଉତରାୟଙ୍କୁ ଏହାକୁ କାର୍ଯ୍ୟକାରୀ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହିତ ସର୍ବସମ୍ମତି କ୍ରମେ ନୂତନ ଉପ ସଭାପତି ଭାବେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତଙ୍କୁ ଚୟନ କରାଯିବା ସହ ନୂତନ ସଭ୍ୟ ଭାବେ ଶିକ୍ଷାବିତ ବିଜୟ କୁମାର ପତି ଓ ଆଇନଜୀବୀ ଶିବପ୍ରସାଦ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକ ଆରମ୍ଭରେ ବିଶିଷ୍ଟ ଅଭିନେତା ନରେନ୍ଦ୍ର ଦାସଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳିଗଲା ଦୋକାନ

ବାଲିକୁଦା,୨୭।୧୨(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ କଣିଆ ବଜାରରେ ଥିବା ପ୍ରଦୀପ୍ତ ଲେଙ୍କାଙ୍କ ଏକ ଟେସ୍‌ନାରୀ ଦୋକାନରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଦୋକାନ ଗୃହ ଜଳିଯିବା ସହ ଲକ୍ଷାଧିକ ଟଙ୍କାର ଜିନିଷ ଜଳି ପାଉଁଶ ହୋଇଯାଇଛି। ଖବର ପାଇ ବାଲିକୁଦା ଅଗ୍ନିଶମ ବିଭାଗ ଅଧିକାରୀ ଅଲେଖ ଚରଣ ସେଠି ଓ ଟିମ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡର କାରଣ ଜଣା ପଡି ନଥିବା ବେଳେ ଅଗ୍ନିକାଣ୍ଡରେ ଦୁଇ ଲକ୍ଷ ଟଙ୍କା ର ଜିନିଷ ନଷ୍ଟ ହୋଇଥିବା ବେଳେ ଦୁଇଲକ୍ଷ୍ୟ ଟଙ୍କାର ଜିନିଷକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

**ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍**

# ଜଗତସିଂହପୁରକୁ ହରାଇ କିଟ୍ କଲେଜ ବିଜୟୀ




ଜଗତସିଂହପୁର,୨୭।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ନବାପାଟଣା ଠାରେ ଚାଲିଥିବା ୩୫ତମ ଯୁଗଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ନନ୍ଦାବ୍ରତ ଷ୍ଟାଡିୟମରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା। ଏଥିରେ କିଟ୍ କଲେଜ, ଭୁବନେଶ୍ୱର ଓ ଜଗତସିଂହପୁର ଜିଲ୍ଲା ମହିଳା କ୍ରିକେଟ୍ ଦଳ ଭାଗ ନେଇଥିଲେ। ପ୍ରଥମେ କିଟ୍ କଲେଜ ଦଳ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୨୫୬ ରନର ବିଶାଳ ସ୍କୋର କରିଥିଲେ। ଦଳ ତରଫରୁ ବ୍ୟକ୍ତିଗତ ୨୬ ବଲରୁ ୬ଟି ଚୌକା ଓ ୪ଟି ଛକା ସାହାଯ୍ୟରେ ବର୍ଷାରାଣୀ ସିଂହ ୫୩ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ସେହିପରି ଅଙ୍କିତା ଗିରି ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ଜଗତସିଂହପୁର ତରଫରୁ ସର୍ବାଧିକ ସୁହାନୀ ପ୍ରିୟଦର୍ଶିନୀ ଦାସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଜଗତସିଂହପୁର ଜିଲ୍ଲା ମହିଳା କ୍ରିକେଟ ଦଳ ମାତ୍ର ୨୬ ରନ କରି ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ୭ ଜଣ ବ୍ୟାଟର ଖାତା ଖୋଲି ପାରିନଥିଲେ। ଏହି ମହିଳା ପ୍ରଦର୍ଶନୀ ମ୍ୟାଚ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ସମ୍ମାନିତ ଅତିଥି ଭାବେ ସିଂହାରପୁର କୋପରେଟିଭ ବ୍ୟାଙ୍କର ସମ୍ପାଦକ ପ୍ରଦିପ୍ତ କୁମାର ମହାନ୍ତି, ଜୁଗଜ୍ୟୋତି ମହିଳା କ୍ରିକେଟ ଟିମ୍‌ର ସଭାପତି ସୋନାଲି ଦାସ ଓ ଗନେଇଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରସନ୍ନ ପଣ୍ଡା ଏହାକୁ ପରିଚାଳିତ କରିଥିଲେ। କରନ ଖାନ୍ ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରିତମ ପ୍ରିୟଦର୍ଶନଙ୍କ ଦ୍ୱାରା ସ୍କୋରିଂ କାର୍ଯ୍ୟକର୍ମ ସମ୍ପର୍ଣ୍ଣ ହୋଇଥିଲା। ଆସନ୍ତାକାଲିର ଗ୍ରାଣ୍ଡ ଫାଇନାଲ ମ୍ୟାଚ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଜଗତସିଂହପୁର ଏବଂ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳା ଯିବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୭୫ ● ପାଉଣ୍ଡ ୧୨୧.୩୨
- ୟୁରୋ ୧୦୫.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୯,୪୫୦ (ଭୁବନେଶ୍ୱର)
- ରୁପା : ୨,୬୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୦୪୧.୦୦
- ନିଫ୍ଟି ୨୬,୦୪୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଇତିହାସ ରଚିଲା ସୁନା, ରୁପା ଦର

## ୨୪ କ୍ୟାରେଟ୍ ସୁନା ୧.୪୨ ଲକ୍ଷ, ରୁପା ୨.୬୩ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି): ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଚଳିତ ସପ୍ତାହର ଶେଷ ଦିନରେ ଉଭୟ ଧାତୁର ମୂଲ୍ୟ ଏକ ନୂତନ ରେକର୍ଡ ସ୍ତରରେ ପହଞ୍ଚି ଇତିହାସ ରଚିଛି। ଆଜି ଘରୋଇ ବଜାରରେ ଏମ୍‌ସିଏକ୍ସରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧୭,୦୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ରୁପା କିଲୋଗ୍ରାମ ପିଛା ସର୍ବକାଳୀନ ରେକର୍ଡ ୨.୬୩ ଲକ୍ଷ ଟଙ୍କା ଛୁଇଁଛି। ଏହାଫଳରେ ରୁପା ବିଶ୍ୱର ଦ୍ୱିତୀୟ ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ହେବା ରାସ୍ତାରେ ଆଗକୁ ବଢ଼ୁଛି। ଅପରପକ୍ଷେ ସୁନା ଦର ପ୍ରଥମ ଥର ୧୦ ଗ୍ରାମ ପିଛା ୧.୪୨ ଲକ୍ଷ ଟଙ୍କାରେ ପହଞ୍ଚିଛି।

ନୂଆଦିଲ୍ଲୀରେ ଶନିବାର ଦିନର କାରବାର ମଧ୍ୟରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୪୨ ଲକ୍ଷ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍‌ର ମୂଲ୍ୟ ୧.୩୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହାଛଡା ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ସୁନା ମୂଲ୍ୟରେ ୧୧୦୦ ଟଙ୍କା ବୃଦ୍ଧି ହୋଇ ଏହା ୧,୨୯,୪୫୦ ଟଙ୍କାରେ ପହଞ୍ଚିଛି। ତେବେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ଶୁକ୍ରବାର ତୁଳନାରେ



୧୪ ହଜାର ଟଙ୍କା ବୃଦ୍ଧି ଘଟି ୨,୬୩,୦୦୦ ଟଙ୍କାରେ ପହଞ୍ଚିଛି। ତେବେ ନୂଆଦିଲ୍ଲୀର ବଜାରରେ ରୁପା କିଲୋଗ୍ରାମ ପିଛା ପ୍ରଥମ କରି ୧.୦୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ହେଲେ ରୁପା ମୂଲ୍ୟରେ ଦୈନିକ ହେଉଥିବା ବୃଦ୍ଧି ସମ୍ପ୍ରତି ସମସ୍ତଙ୍କ ଚିନ୍ତା ବଢ଼ାଇଛି।

ରୁପାର ବଜାର ପୁଞ୍ଜି ୪.୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହା ନାମୀ କମ୍ପାନୀ ଏନ୍‌ଭିଡିଆର ବଜାର ମୂଲ୍ୟକୁ ଅତିକ୍ରମ କରିବାଠାରୁ ମାତ୍ର ୪.୫% ଦୂରରେ ଅଛି। ଯଦି ଏହା ଏନ୍‌ଭିଡିଆକୁ ଅତିକ୍ରମ କରେ, ତେବେ ଏହା ସୁନା ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ସମ୍ପତ୍ତି ହୋଇଯିବ। ଶୁକ୍ରବାର କାରବାର ଶେଷ ବେଳକୁ ଏନ୍‌ଭିଡିଆର ବଜାର ପୁଞ୍ଜି ୪.୬୩୮ ଟ୍ରିଲିୟନ ଡଲାର ରହିଥିଲା, ଯାହା ଏହାକୁ ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀର ପରିଚୟ ଦେଉଛି। ରୁପା ଏହାର ୫୨ ସପ୍ତାହର ସର୍ବନିମ୍ନ ୨୭.୫୪୫ ଡଲାର ପ୍ରତି ଆଉନ୍ସଠାରୁ ପ୍ରାୟ ୧୯୦% ବୃଦ୍ଧି ପାଇଛି।

**ରୁପା ଦିନକରେ ୧୭ ହଜାର ମହଙ୍ଗା**

ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ ରୁପା ମୂଲ୍ୟ ସ୍ୱଳ୍ପରୁ ମଧ୍ୟମ ଅବଧିରେ ପ୍ରତି ଆଉନ୍ସ ୧୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ବର୍ଦ୍ଧିତ ନିରାପଦ ଚାହିଦା, ବଢ଼ୁଥିବା ଶିଳ୍ପ ବ୍ୟବହାର ଏବଂ ନିରନ୍ତର ଯୋଗାଣରେ ଅଭାବ ରୂପା ମୂଲ୍ୟ ବୃଦ୍ଧିକୁ ବାଧ୍ୟ କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ବିଶ୍ୱରେ ରୁପା ଉତ୍ପାଦନ ବର୍ତ୍ତମାନ ପ୍ରାୟ ୮୫୦ ନିୟୁତ ଆଉନ୍ସ ରହିଛି, ଯେତେବେଳେ କି ଚାହିଦା ପ୍ରାୟ ୧.୧୬ ବିଲିୟନ ଆଉନ୍ସ। ସଲିଡ୍-ଷ୍ଟେଟ୍ ବ୍ୟାଟେରୀ ବ୍ୟତୀତ, ବୈଦ୍ୟୁତିକ ଯାନବାହନ ଏବଂ ସୌରଶକ୍ତିରେ ମଧ୍ୟ ରୂପାର ଚାହିଦା ବୃଦ୍ଧି ପାଉଛି। ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଉତ୍ତେଜନା ରୁପା ପାଇଁ ପାରମ୍ପରିକ କାରିବିଆନ୍ ପରିବହନ ମାର୍ଗକୁ ବାଧାପ୍ରାପ୍ତ କରିଛି, ଯାହା ବିଶ୍ୱର ସର୍ବବୃହତ ଯୋଗାଣକାରୀ ପେରୁରୁ ରୁପା ରପ୍ତାନିକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ଆଗାମୀ ଦିନରେ ରୂପା ମୂଲ୍ୟ ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା ବଢ଼ିଛି।

## ବିଆଇପିଏଫ୍ ପକ୍ଷରୁ ପ୍ରଫେସର୍ ଘନଶ୍ୟାମ ଦାଶ ଛାତ୍ରବୃତ୍ତି ବିଜେତା ସମ୍ମାନିତ



ଭୁବନେଶ୍ୱର, ୨୭।୧୨(ସମିସ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ପ୍ରତିଷ୍ଠିତ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର୍ଶିପ ଫର୍ ହାଇୟର ଏଜୁକେସନ୍ ( ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି।

୨୦୨୫-୨୦୨୬ ଶିକ୍ଷାବର୍ଷରେ ୪ ଜଣ ଡାକ୍ତରୀ ପାଠ ପଢୁଥିବା ପ୍ରାପ୍ତକର୍ତ୍ତା ଅଛନ୍ତି, ଚୁମକି ଜେନା (ଏମ୍ସ ଭୁବନେଶ୍ୱର), ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ (ଏସ. ସି. ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ), ଜ୍ଞାନ ରଞ୍ଜନ ବେହେରା (ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ପୁରୀ), ଧବଳେଶ୍ୱର ପୂଜାରୀ (ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ) ଏବଂ ନବଜ୍ୟୋତି ଗିରି, ଏନ୍ ଆଇ ଟି ରାଉରକେଲା, ଓଡିଶାରେ ବି. ଟେକ୍ କମ୍ପ୍ୟୁଟର ସାଇନ୍ସରେ ନାମ ଲେଖାଇଛନ୍ତି। ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ୍, ଷ୍ଟେମ୍ ଏବଂ ଲିବରଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଇଥାନ୍ତି। ମନୋନୀତ ପ୍ରାର୍ଥୀମାନେ ପ୍ରତି ପ୍ରାପ୍ତକର୍ତ୍ତାଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି ଏବଂ ଯୋଗ୍ୟ ଖର୍ଚ୍ଚର ୯୦% ପର୍ଯ୍ୟନ୍ତ ପାଇବେ। ଛାତ୍ରବୃତ୍ତି ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶୈଫାଳିକା ପଣ୍ଡା (ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ) କହିଛନ୍ତି, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରି, ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ପାଇଁ ସେମାନଙ୍କର ସମ୍ଭାବନାକୁ ଇନ୍ଧନ ଦେଉଛୁ।

**ଚୀନ୍‌ର ମ୍ୟାଗଲେଭ୍ ଟ୍ରେନ୍ ରଚିଲା ବିଶ୍ୱ ରେକର୍ଡ**

## ଦୁଇ ସେକେଣ୍ଡରେ ଘଣ୍ଟା ପ୍ରତି ବେଗ ୭୦୦ କିମି

ବେଜିଂ,୨୭।୧୨(ଏଜେନ୍ସି): ନବନ୍ମେଷରେ ସର୍ବଦା ଆଗରେ ଥିବା ଚୀନ୍ ଏବେ ଏକ ଦ୍ରୁତଗାମୀ ଟ୍ରେନ ବାହାର କରି ଇତିହାସ ରଚିଛି। ଡ୍ରାଗନ୍ ଏକ ମ୍ୟାଗଲେଭ୍ ଟ୍ରେନ୍ ଆଣିଛି ଯାହାର ଘଣ୍ଟା ପ୍ରତି ବେଗ ୭୦୦ କିମି (୪୩୫ମାଇଲ ପ୍ରତି ଘଣ୍ଟା)ରହିଛି। ଏହା କରି ଚୀନ୍ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ନ୍ୟାସନାଲ ୟୁନିଭରସିଟି ଅଫ୍ ଡିଫେନ୍ସ ଟେକ୍ନୋଲୋଜିର ଗବେଷକମାନେ ଏହି ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷଣ ଏକ ନୂତନ ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ କରିଛି, ଏହାକୁ ଆଜି ପର୍ଯ୍ୟନ୍ତ ବିଶ୍ୱର ସବୁଠାରୁ ଦ୍ରୁତତମ



ସୁପରକଣ୍ଡକ୍ଟିଂ ଇଲେକ୍ଟ୍ରିକ୍ ମ୍ୟାଗଲେଭ ହୋଇଛି। ଏହାକୁ ଚୀନର ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ ତ୍ୱରାନ୍ୱିତ ପ୍ରଯୁକ୍ତିବିଦ୍ୟାରେ ଏକ ପ୍ରମୁଖ ଅଗ୍ରଗତି ଭାବରେ ମଧ୍ୟ ଦେଖାଯାଉଛି।

ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ତ୍ୱରାନ୍ୱିତ ପ୍ରଯୁକ୍ତିର ଏହି ପରୀକ୍ଷଣ ହାଇପରଲୁପ୍ ଯାତ୍ରାରେ ମଧ୍ୟ ବିପ୍ଳବ ଆଣିପାରେ। ହାଇପରଲୁପ୍ ହେଉଛି ଭବିଷ୍ୟତ ଯାତ୍ରା ପାଇଁ ବିକଶିତ ହେଉଥିବା ଭାକ୍ୟୁମ୍-ସିଲ୍ ଟ୍ୟୁବ୍। ବର୍ତ୍ତମାନ, କେବଳ ଦୁଇଟି ଦେଶ ଚୀନ୍ ଏବଂ ଜାପାନ ମ୍ୟାଗଲେଭ୍ ଟ୍ରେନ୍ ପରିଚାଳନାରେ ଆଗରେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏହି ସଫଳତା ଚୀନକୁ ଅଲ୍ଟ୍ରା-ହାଇ-ସ୍ପିଡ୍ ମାଗଲେଭ୍ ପ୍ରଯୁକ୍ତିବିଦ୍ୟାରେ ଏକ ଅଗ୍ରେତା ଭାବେ ଦେଖାଇଛି।

**ଆମେରିକାରେ ସ୍ୱାସ୍ଥ୍ୟ ସେବା ମହଙ୍ଗା**

## ଚିକିତ୍ସାରେ ଯାଉଛି ୧୭% ଆୟ

ୱାଶିଂଟନ୍,୨୭।୧୨(ଏଜେନ୍ସି): ଆମେରିକାରେ ଚିକିତ୍ସା ସେବା କ୍ରମଶଃ ମହଙ୍ଗା ହେବାରେ ଲାଗିଛି। ଏଥିରେ ସେଠାରେ ଲୋକେ ରୋଜଗାର କରୁଥିବା ଅଧିକାଂଶ ଟଙ୍କା ଚିକିତ୍ସା ବାବଦରେ ଯାଉଛି। ବିଗତ ୧୩ ବର୍ଷ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟସେବା ବାବଦ ଚିକିତ୍ସା ଖର୍ଚ୍ଚ ଦ୍ୱିଗୁଣିତ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁଠାରେ ଜଣେ ସାଧାରଣ ବ୍ୟକ୍ତି ତା'ର ଆୟର ପ୍ରାୟ ୧୭% ଅର୍ଥ ଚିକିତ୍ସା ଏବଂ ଔଷଧ ପାଇଁ ଖର୍ଚ୍ଚ କରୁଛି। ଏହା ଆଗାମୀ ବର୍ଷ ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି।

ଅପରପକ୍ଷେ ଆମେରିକାରେ ଚିକିତ୍ସା ବାବଦ ଖର୍ଚ୍ଚ ସେଠାକାର ଜିଡିପିର ୧୧.୬%ରେ ପହଞ୍ଚିଛି। ୨୦୧୨ ପରଠାରୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଦ୍ୱିଗୁଣିତ ହୋଇଛି। ତୃତୀୟ ତ୍ରୈମାସିକରେ ସ୍ୱାସ୍ଥ୍ୟସେବା ସେବା ପାଇଁ ୩.୬

**୧୩ ବର୍ଷରେ ସ୍ୱାସ୍ଥ୍ୟ ସେବା ବାବଦ ଖର୍ଚ୍ଚ ଦୁଇ ଗୁଣା**

ଟ୍ରିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯାହା ଏକ ସର୍ବକାଳୀନ ରେକର୍ଡ। ୨୦୦୦ରେ ଏହି ସଂଖ୍ୟା ୧୩.୫% ଥିଲା। ପରବର୍ତ୍ତୀ ବର୍ଷ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି। ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଲୋକମାନେ ପାଣ୍ଠି ଅଭାବରୁ ଚିକିତ୍ସା ସ୍ଥଗିତ ରଖିଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୬ରେ ଯୁକ୍ତରାଷ୍ଟ୍ରରେ ସ୍ୱାସ୍ଥ୍ୟସେବା ସେବାରେ ଏକ ବଡ଼ ପରିବର୍ତ୍ତନ ଆଶା କରାଯାଉଛି। କିଛି ଲୋକ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ଖର୍ଚ୍ଚରୁ କିଛି ଆଶ୍ୱସ୍ତି ପାଇପାରନ୍ତି କାରଣ ମେଡିକେୟାର ପ୍ରଥମ ଥର ପାଇଁ ଔଷଧ ମୂଲ୍ୟ ଉପରେ ବିଚାର କରିବ। ଅନ୍ୟପକ୍ଷରେ, ଅନ୍ୟମାନେ ବର୍ଦ୍ଧିତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହା ଘଟିବ କାରଣ ସୁଲଭ ସ୍ୱାସ୍ଥ୍ୟ ସେବା ଅଧୀନରେ ଟିକସ ଛାଡ଼ର ମିଆଦ ଶେଷ ହେଉଛି ଏବଂ ରାଜ୍ୟ ପାଣ୍ଠିରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଯୋଗୁଁ ମେଡିକେୟାର କଭରେଜ୍ରେ ଅନିଶ୍ଚିତତା ଦେଖାଦେଇପାରେ।

୨୦୨୨ରେ ତତ୍କାଳୀନ ରାଷ୍ଟ୍ରପତି ଜୋ ବିଡେନ୍ ମୁଦ୍ରାସ୍ଫୀତି ହ୍ରାସ ଆଇନରେ ସ୍ୱାକ୍ଷର କରିଥିଲେ। ଏହି ଆଇନ ପ୍ରଥମ ଥର ପାଇଁ ମେଡିକେୟାରକୁ ଏହାର ସବୁଠାରୁ ମହଙ୍ଗା ପ୍ରେସକ୍ରିପସନ୍ ଔଷଧର ମୂଲ୍ୟ ଉପରେ ଆଲୋଚନା କରିବାର ଅଧିକାର ଦେଇଥିଲା। ଏହି ସମୟରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜୁଲାଇରେ ବିଗ୍ ବିୟୁଟିଫୁଲ୍ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି , ଯାହା ମେଡିକେୟାର ପାଣ୍ଠି ହ୍ରାସ କରିଛି।

## ରାଜଧାନୀରେ ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ୍

ଭୁବନେଶ୍ୱର, ୨୭।୧୨ (ସମିସ): କ୍ୟାପିଟାଲ ଟୟୋଟା ଭୁବନେଶ୍ୱର ପକ୍ଷରୁ 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ୍' ନଖରା ଜଗନ୍ନାଥପୁରସ୍ଥିତ କଲ୍ୟାଣୀ ଓମ୍‌ଫେଡ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ଏକ୍ସକ୍ଲୁସିଭ୍ ଏକ୍ସପରିଏନସିଆଲ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଟୟୋଟା ଗ୍ରାହକ ଏବଂ ଗାଡ଼ି ପ୍ରେମୀଙ୍କୁ ଏକ ରିଅଲ ୱାର୍ଲ୍ଡ ଅଫ୍-ରୋଡ୍ ଡ୍ରାଇଭିଂ ଏକ୍ସପରିଏନ୍ସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିରେ ଟୟୋଟା ହିଲକ୍ସ ଏବଂ ଟୟୋଟା ଫର୍ଚୁନର ଭଳି ଅତ୍ୟାଧୁନିକ ୪ x ୪ ଇଞ୍ଜିନିୟରିଂର ପ୍ରଦର୍ଶନ କରାଯାଇଥିଲା। ଏହି 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ୍'ରେ ଗାର୍ଗସନ୍ ଗ୍ରୁପର ଅଧ୍ୟକ୍ଷ ସତୀଶ ଗର୍ଗ,କ୍ୟାପିଟାଲ ଟୟୋଟାର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ





ଏବଂ କ୍ୟାପିଟାଲ ଟୟୋଟାର ଜିଏମ୍ ଚମ୍ପକ କୁମାର ଦାସ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ୍' ଶୋ ' ରୁମ୍ ବାହାରେ ଗ୍ରାହକଙ୍କୁ ସର୍ବୋତ୍ତମ ବ୍ରାଣ୍ଡ ଏକ୍ସପରିଏନ୍ସ ପ୍ରଦାନ କ୍ଷେତ୍ରରେ କ୍ୟାପିଟାଲ ଟୟୋଟାର ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

## ନୂଆବର୍ଷରେ କଳା ମନ୍ଦିରର ଲାଟେଷ୍ଟ କଲେକ୍ସନ

ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟର ସର୍ବପୁରାତନ ଏବଂ ଅତ୍ୟାଧୁନିକ ଗାରମେଣ୍ଟ ଏବଂ ସମସ୍ତ ପ୍ରକାରର ଶାଢୀର ସୋରୁମ୍ କଳାମନ୍ଦିରରେ ଗ୍ରାହକମାନଙ୍କର ପସନ୍ଦ ମୁତାବକ ବିବାହ ଏବଂ ଶୀତ ଉପଲକ୍ଷେ ନୂଆ ନୂଆ ଡିଜାଇନ୍‌ର ଶାଢୀ ଏବଂ ଶୀତ ବସ୍ତ୍ର ଉପଲବ୍ଧ। ବିବାହ ଉପଲକ୍ଷେ ଏଠାରେ ମହିଳାମାନଙ୍କ ପାଇଁ ବିଭିନ୍ନ ଭେରାଇଟି ଓ ସୁନ୍ଦର ବନାରସୀ, ସମ୍ବଲପୁରୀ, ଖଣ୍ଡୁଆ, ମଟ୍‌କା ଶାଢୀ ସହିତ ଲେହେଙ୍ଗା, ଗାଉନ୍ ଓ ପଞ୍ଜାବୀ ବ୍ରାଇଡାଲ ସୁଟ୍





ଆଦି ରହିଛି। ପୁରୁଷମାନଙ୍କ ପାଇଁ ଲାଟେଷ୍ଟ ଡିଜାଇନ୍‌ର ଶେରୱାନୀ, କୁର୍ତ୍ତା ପାଇଜାମା, ବ୍ଲେଜର ଓ ଧୋତୀ କୁର୍ତ୍ତା ଆଦି ରହିଛି। ଏଥିସହିତ ଶୀତ ଉପଲକ୍ଷେ ପୁରୁଷମାନଙ୍କ ପାଇଁ ଅକର୍ଷଣୀୟ ଡିଜାଇନର ପୁଲଓଭର, ଜ୍ୟାକେଟ୍, ସୁଟ୍ସ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାରର କାର୍ଡିଗନ୍, ପୁଲଓଭର, ଉଲେନ ବ୍ଲାଉଜ୍, ବିଭିନ୍ନ ପ୍ରକାରର ସାଲ କଲେକ୍ସନ ଯେପରି ପସମିନା କାନିସାଲ, କାଶ୍ମୀର ସାଲ, ଜମେବର ସ୍ଲୋସେର ଆଦି ଉପଲବ୍ଧ। ବିବାହ ଉପଲକ୍ଷେ କିଣାକିଣି କରୁଥିବା ଗ୍ରାହକମାନଙ୍କ ପାଇଁ କଷ୍ଟମର ରୟାଲିଟି ପ୍ରୋଗ୍ରାମ ସହିତ ବିଭିନ୍ନ ଅଫର ମଧ୍ୟ ରହିଛି। କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂ କହିଛନ୍ତି ଯେ, କଳାମନ୍ଦିର ୫୪ ବର୍ଷରୁ ଅଧିକ ସମୟ ଧରି ଗାର୍ମେଣ୍ଟ ସେଗ୍‌ମେଣ୍ଟରେ ପ୍ରବେଶ କରି ନିଜର ବ୍ୟବସାୟ ଜାରି ରଖିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟ, ଉତ୍ତମ ବ୍ୟବହାର ଓ ଦୀର୍ଘକାଳୀନ ସେବା ମାଧ୍ୟମରେ କଳାମନ୍ଦିର ଗ୍ରାହକଙ୍କ ନିକଟତର ହୋଇପାରିଛି।

## ୧୦୦୦ତମ ଫ୍ଲାଏଆଶ୍ ରେକ୍ ପଠାଇଲା ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍






ଭୁବନେଶ୍ୱର, ୨୭।୧୨(ସମିସ): ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା ୟୁନିଟରୁ ୧୦୦୦ତମ ଫ୍ଲାଏ ଆଶ୍ ରେକ୍ ପଠାଇ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀତ୍ୱ ଏବଂ କାର୍ଯ୍ୟକ୍ଷମ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ଏହି ସଫଳତା କମ୍ପାନୀର ବୃତାକାର ଅର୍ଥନୀତି ନୀତି ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ୨୦୨୨ରେ ଏହାର ଫ୍ଲାଏ ଆଶ୍ ରେକ୍ ପଠାଯିବା ପଦକ୍ଷେପ ଆରମ୍ଭ କରିବା ପରଠାରୁ ବେଦାନ୍ତ ଝାରସୁଗୁଡ଼ା ସମଗ୍ର ଭାରତରେ ସିମେଣ୍ଟ ନିର୍ମାତା ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ୪ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଯୋଗାଇଛି। ଏହି ବୃହତ ପରିମାଣର ବ୍ୟବହାର ମିଶ୍ରିତ ଏବଂ ସବୁଜ ସିମେଣ୍ଟ ଉତ୍ପାଦନକୁ ସମର୍ଥନ କରେ, ଚୂନପଥର ଭଳି ପ୍ରାକୃତିକ ସମ୍ପଦ ଉପରେ ନିର୍ଭରତା ହ୍ରାସ କରିବା ସହିତ ପାରମ୍ପରିକ ସିମେଣ୍ଟ ଉତ୍ପାଦନ ସହିତ ଜଡିତ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି। ଏହି ମାଇଲଖୁଣ୍ଟ ବିଷୟରେ ମତ ଦେଇ, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ଆମର ୧୦୦୦ତମ ଫ୍ଲାଏ ଆସ୍ ରେକ୍ ପଠାଯିବା ଶୃଙ୍ଖଳାଗତ କାର୍ଯ୍ୟାନ୍ୱୟନ ଦ୍ୱାରା ସମର୍ଥିତ ସ୍ଥାୟୀତ୍ୱ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ମାଇଲଖୁଣ୍ଟ ଦର୍ଶାଏ ଯେ ଶିଳ୍ପ ଦକ୍ଷତା, ପରିବେଶଗତ ଦାୟିତ୍ୱ ଏବଂ ସହଯୋଗୀ ସହଭାଗୀତା କିପରି ଶିଳ୍ପ, ସମ୍ପ୍ରଦାୟ ଏବଂ ଗ୍ରହ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଏକତ୍ରିତ ହୋଇପାରେ।

## ପାସ୍‌ପୋର୍ଟ ସେବା କେନ୍ଦ୍ର ଭଳି ହେବ ଇପିଏଫ୍‌ଓ ଅଫିସ୍

**କୌଣସି ବି ସହରର କାର୍ଯ୍ୟାଳୟରୁ ପିଏଫ୍ ବିବାଦର ହେବ ସମାଧାନ**

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି):କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡାଭିଆ ଶୁକ୍ରବାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର କାର୍ଯ୍ୟକାରିତାରେ ବଡ଼ ପରିବର୍ତ୍ତନ ଘୋଷଣା କରିଛନ୍ତି। ଦେଶବ୍ୟାପୀ ସମସ୍ତ ଇପିଏଫ୍‌ଓ କାର୍ଯ୍ୟାଳୟଗୁଡ଼ିକୁ ପାସପୋର୍ଟ ସେବା କେନ୍ଦ୍ର ଅନୁରୂପ "ସିଙ୍ଗଲ-ୱିଣ୍ଡୋ ସେବା କେନ୍ଦ୍ର" ରେ ପରିଣତ କରାଯିବ। ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ପିଏଫ୍‌ଆକାଉଣ୍ଟଧାରୀମାନେ ସେମାନଙ୍କର ସମସ୍ୟା ସମାଧାନ ପାଇଁ ଦେଶର ଯେ କୌଣସି ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇପାରିବେ। ସେମାନଙ୍କୁ ଆଉ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ ଯେଉଁଠାରେ ସେମାନଙ୍କର ପିଏଫ୍ ଆକାଉଣ୍ଟ ପଞ୍ଜିକୃତ ହୋଇଛି।

ଗୁଜରାଟର ଭାଟଭାରେ ଇପିଏଫ୍‌ଓର ନୂତନ "ପ୍ରୋଭିଡେଣ୍ଟ ପାଣ୍ଠି ଭବନ" ଉଦଘାଟନ ସମୟରେ ମନ୍ତ୍ରୀ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥାର ପରୀକ୍ଷଣ ଦିଲ୍ଲୀରେ ଆରମ୍ଭ ହୋଇସାରିଛି। ପୂର୍ବରୁ, କର୍ମଚାରୀମାନଙ୍କୁ ଅଭିଯୋଗ କିମ୍ବା ଦାବି ଦାଖଲ କରିବା ପାଇଁ ସେମାନଙ୍କ ସଂଗଠନ ସହିତ ଜଡିତ ଆଞ୍ଚଳିକ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ବର୍ତ୍ତମାନ, ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍ ଏବଂ ସଂଯୋଗ କରାଯାଉଛି, ଯାହା ଦ୍ୱାରା ଯେକୌଣସି ସହରର ଯେକୌଣସି ବ୍ୟକ୍ତି ନିକଟସ୍ଥ ଇପିଏଫ୍‌ଓ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର କାମ କରିପାରିବେ।





ଦେଶବ୍ୟାପୀ ଲକ୍ଷ ଲକ୍ଷ କର୍ମଚାରୀଙ୍କ ପାଣ୍ଠି ବର୍ଷ ବର୍ଷ ଧରି ବନ୍ଦ କିମ୍ବା ନିଷ୍କ୍ରିୟ ଥିବା ଇପିଏଫ୍ ଆକାଉଣ୍ଟରେ ଫସି ରହିଛି। ମନ୍ତ୍ରୀ କହିଛନ୍ତି ଯେ ଇପିଏଫ୍‌ଓ ଏବେ ଏହି ଆକାଉଣ୍ଟଗୁଡ଼ିକର କେୱାଇସି ଯାଞ୍ଚ ଏକ ମିଶନ ମୋଡ୍ ରେ କରିବ। ଏହି ଉଦ୍ଦେଶ୍ୟରେ ଏକ ସମର୍ପିତ ଡିଜିଟାଲ୍ ପ୍ଲାଟଫର୍ମ ଆରମ୍ଭ କରାଯିବ। ଏହା ଆକାଉଣ୍ଟଧାରୀ କିମ୍ବା ସେମାନଙ୍କ ଉତ୍ତରାଧିକାରୀଙ୍କ ଚିହ୍ନଟ ଏବଂ ସେମାନଙ୍କର ସଠିକ୍ ପାଣ୍ଠିର ସୁରକ୍ଷିତ ଫେରସ୍ତକୁ ସକ୍ଷମ କରିବ। ଯଦି ଜଣେ ଭାରତୀୟ କର୍ମଚାରୀ ବିଦେଶରୁ କାମ କରି ଫେରିଆସେ, ତେବେ ସେଠାରେ ଜମା ହୋଇଥିବା ସେମାନଙ୍କର ପିଏଫ୍ ଯୋଗଦାନ ବେକାର ଯିବନି। ସେମାନେ ଭାରତ ଫେରିବା ପରେ ମଧ୍ୟ ସେମାନଙ୍କର ଜମା ଏବଂ ଅନ୍ୟାନ୍ୟ ସୁବିଧା ଉପଭୋଗ କରିପାରିବେ।

# ମୋଦୀ ନା ମମତା


ସବୁ ବର୍ଷ ଭାରତରେ କେଉଁଠି ନା କେଉଁଠି ନିର୍ବାଚନ ହୋଇଥାଏ । ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ । ୨୦୨୬ରେ ରାଜ୍ୟସଭାର ୭୨ଟି ଆସନ ଖାଲି ହେବ । ଏଥିରେ ଉତ୍ତର ପ୍ରଦେଶର ସର୍ବାଧିକ ୧୦ଟି, ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗର ୫ଟି, ଆସାମର ୩ଟି ଆସନ ରହିଛି । ଏହା ସହିତ ତିନିଟି ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ବିଜୟୀ ହେଉଥିବା ଦଳର ପ୍ରତିନିଧିତ୍ୱ ରାଜ୍ୟସଭାରେ ବଢ଼ିବ । ସେହିପରି କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମଧ୍ୟ ବିଧାନସଭା ନିର୍ବାଚନ ହେବ । ଏହି ନିର୍ବାଚନରେ ଆଞ୍ଚଳିକ, ଜାତୀୟ ଦଳ ମଧ୍ୟରେ ଲଢେଇ ହେବ । ଆସାମରେ ବିଜେପି-କଂଗ୍ରେସ, ତାମିଲନାଡୁରେ ଡିଏମକେ-ଟିଭିକେ-ଏଆଇଏଡିଏମକେ ଏବଂ ବିଜେପି, ପଶ୍ଚିମବଙ୍ଗରେ ଟିଏମସି-ବିଜେପି, କେରଳରେ ସିପିଆଇ-କଂଗ୍ରେସ ଏବଂ ବିଜେପି ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ । ଏସଆଇଆର, ଭୋଟ ଚୋରି ପ୍ରସଙ୍ଗକୁ ନେଇ ବିରୋଧୀ ଏନ୍‌ଡିଏ ବିରୋଧରେ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିଛନ୍ତି । ସେହିଭଳି ରାଜସ୍ଥାନରୁ ନେଇ ସାରା ଦେଶରେ ଆରାବଳୀ ପର୍ବତମାଳାରେ ଖଣି ଖୋଳିବା ମାମଲାକୁ ନେଇ ମଧ୍ୟ ଜନ ଆକ୍ରୋଶ ସୃଷ୍ଟି ହୋଇଛି । ଏହା ଭୋଟକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି । କିନ୍ତୁ ଫଳାଫଳ କଣ ହେବ, ତାହା ଏବେ ଠାରୁ କହିବା ମୁସ୍କିଲ । ତେବେ ସାରା ଦେଶର ନଜର ଏହି ବିଧାନସଭା ନିର୍ବଚନ ଉପରେ ରହିବ ।



ନୂଆ ବର୍ଷରେ ପଶ୍ଚିମବଙ୍ଗରେ ହାଇ ଭୋଲ୍ଟେଜ ଲଢ଼େଇ ଦେଖିବାକୁ ମିଳିବ । ଏଠାକାର ୨୯୬ ଆସନ ବିଶିଷ୍ଟ ବିଧାନସଭାରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଏବଂ ବିଜେପି ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ । ତେବେ କଂଗ୍ରେସ ଏବଂ ବାମଦଳର ପ୍ରଭାବ ଦିନକୁ ଦିନ ରାଜ୍ୟରୁ ହ୍ରାସ ପାଇବାରେ ଲାଗିଛି । ଏଠାରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ତାଙ୍କର ପୂର୍ବତନ ସହଯୋଗୀ ମମତାଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ବିଜେପି ଶୁଭେନ୍ଦୁଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛି । ସେ ହିଁ ମମତାଙ୍କୁ କଡ଼ା ଟକ୍କର ଦେଇପାରିବେ ବୋଲି ଅନେକ ନେତା ଭାବୁଛନ୍ତି । ମାତ୍ର ଗତ ଥର ଯେଉଁଳି ଭାବେ ଶୁଭେନ୍ଦୁ ହାରୁ ହାରୁ ଜିତିଗଲେ ୨୦୨୬ରେ ତାହାର ପୁନରାବୃତ୍ତି ନ କରିବା ପାଇଁ ବିଜେପି ଯୋଜନା କରିଛି । ମହିଳା ବିରୋଧୀ ହିଂସା, ସଂଖ୍ୟାଲଘୁ ରାଜନୀତି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ମାମଲାକୁ ନେଇ ମମତା ସରକାର ବିବାଦରେ ଥିବା ବେଳେ ବିଜେପି ଏହାର ଫାଇଦା ଉଠାଇବାକୁ ଚାହୁଁଛି । ମାତ୍ର ବିଜେପିକୁ ଅଟକାଇବା ପାଇଁ ମମତା ଦିଦି ଯୋଜନା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହି ନିର୍ବାଚନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦୀ ବନାମ ମମତା ବାନାର୍ଜୀ ଭାବେ ବିବେଚନା କରାଯାଉଛି ।


## ଆସାମରେ ହିମନ୍ତଙ୍କୁ ବିପଦ ଗୌରବ

ଆସାମରେ ଏବେ ଏନଡିଏ ସରକାର ରହିଛି । ୧୨୬ ବିଧାନସଭା ଆସନ ବିଶିଷ୍ଟ ଏହି ରାଜ୍ୟରେ ଆସାମ ଗଣ ପରିଷଦ, ୟୁପିପିଏଲ ଏବଂ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ବିଜେପି ସହ ମିଳିତ ଭାବେ ସରକାର ଗଢ଼ିଛନ୍ତି । ସେହିପରି ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ମେଣ୍ଟରେ ସିପିଆଇଏମ, ରାଇଜୋର ଦଳ, ଏଜେପି, ଏଜିଏମ, ସିପିଆଇ, ସିପିଆଇଏମଏଲ, ଏପିଏଚଏଲସି ସାମିଲ ରହିଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଏଆଇୟୁଡିଏଫ, ଏଆଇଏମଆଇଏମ, ଆପ୍, ଟିଏମସି ସାମିଲ ରହିଛି । ତେବେ ଏଠାରେ ବିଜେପି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ କଂଗ୍ରେସ ମୁଖିଆ ଗୌରବ ଗୋଗଇଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଛି । ଅନୁପ୍ରବେଶ, ହିଂସା, ଅରାଜକତା ରୋକିବାରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । ହିମନ୍ତ ନିଜ ପତ୍ନୀଙ୍କ ସମ୍ବନ୍ଧିତ କମ୍ପାନୀଙ୍କୁ ଠିକା ଦେବା ମାମଲାରେ ଫସିଛନ୍ତି । ସେହିପରି କଂଗ୍ରେସକୁ ସଂଖ୍ୟାଲଘୁଙ୍କ ଦଳ ଏବଂ ଗୌରବଙ୍କ ପତ୍ନୀଙ୍କୁ ହିମନ୍ତୁ ପାକିସ୍ତାନୀ ଏଜେଣ୍ଟ କହିଛନ୍ତି । ତାଙ୍କ ସ୍ତ୍ରୀ ପାକିସ୍ତାନ ପାଇଁ କାମ କରୁଥିବା ଅଭିଯୋଗ ଲଗାଇଛନ୍ତି । ଆରୋପପ୍ରତ୍ୟାରୋପକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିବା ବେଳେ ବାଜି କିଏ ମାରିବ ତାହା ଜନତାଙ୍କ ଦରବାରରେ ସ୍ଥିର ହେବ ।



## ତାମିଲନାଡୁରେ ବିଜୟ ଜଲୱା

ନିର୍ବାଚନୀ ମୁହାଁ ତାମିଲନାଡୁରେ ଚତୁର୍ମୁଖୀ ଲଢ଼େଇ ଦେଖିବାକୁ ମିଳିବ । ଏହି ରାଜ୍ୟର ୨୩୪ ଆସନରେ ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ଟିଭିକେ କ୍ଷମତାସୀନ ଡିଏମକେ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ । ଏଆଇଡିଏମକେ ଏବଂ ବିଜେପି ମଧ୍ୟ କ୍ଷମତାସୀନ ଦଳର ମୁଣ୍ଡବିନ୍ଧା ସୃଷ୍ଟି କରିବେ । ଏହି ରାଜ୍ୟରେ ବିରୋଧୀ ଇଣ୍ଡିଆ ମେଣ୍ଟ ଡିଏମକେକୁ ସମର୍ଥନ କରିବେ ବୋଲି ଆଶା । ମାତ୍ର ବିହାର ପରାଜୟକୁ ଦେଖି କଂଗ୍ରେସ ନିଜ ଆଭିମୁଖ୍ୟ ବଦଳାଇ ଏକାକୀ ଲଢ଼ିଲେ ଡିଏମକେର କ୍ଷତି ହୋଇପାରେ । ସେହିପରି ବିଜେପି ମୁଖିଆ ଏନ ନାଗେନ୍ଦ୍ରନ ଏବଂ ନେତା କେ ଆନ୍ନାମଲାଇଙ୍କ ଯୋଜନା ସଫଳ ହେଲେ ବିଜେପି ଏହି ରାଜ୍ୟରେ ଆଖିଦୃଷ୍ଟିଆ ସଫଳତା ପାଇପାରିବ । ଏହି ରାଜ୍ୟକୁ ଦେଖି ବିଜେପି ଜାତୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହାର ଫାଇଦା ନେବାକୁ ଟିଭିକେ ଏବଂ ବିଜୟ ପ୍ରୟାସ କରୁଛନ୍ତି । କରୁର ଦଳାଚକଟା ପରଠାରୁ ବିଜୟ ମାପିଚୁପି ବୟାନ ଦେଉଛନ୍ତି । ସବୁ ବର୍ଗର ଭୋଟ ହାସଲ କରି ସରକାର ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେବେ ହିନ୍ଦୀ ଭାଷାକୁ ନେଇ ଷ୍ଟାଲିନଙ୍କ ଡିଏମକେ ରଣହୁଙ୍କାର ଦେଇଥିବାରୁ ଏହା ତାଙ୍କ ଦଳ ପାଇଁ କେତେ ଲାଭବାନ ହେବ, ତାହା କେବଳ ନିର୍ବାଚନ ଫଳାଫଳରୁ ହିଁ ଜଣାପଡ଼ିବ ।



## କେରଳରେ ଏଲ୍‌ଡିଏଫ୍‌କୁ ବିପଦ

ଈଶ୍ୱରଙ୍କ ନିବାସ ସ୍ଥଳ କେରଳରେ ଦୀର୍ଘ ଦିନ ହେଲା ବାମଦଳ କ୍ଷମତାରେ ରହିଛି । ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏଠାକାର ସରକାର ପରିବର୍ତ୍ତନ ହୋଇପାରେ । ୧୪୦ ବିଧାନସଭା ଆସନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ସିପିଏମ୍ ନେତୃତ୍ୱାଦୀନ ଏଲଡିଏଫ୍ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ । ଦୁର୍ନୀତି ଓ ସୁନା ଚୋରା ଚାଲାଣ ମାମଲାରେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସମସ୍ୟା ବଢ଼ିପାରେ । କେରଳ କଂଗ୍ରେସ ମୁଖ୍ୟ ସନି ଜୋସେଫ ଏବଂ ସାଂସଦ ଶଶୀ ଥରୁରଙ୍କ ରଣନୀତି ରାଜ୍ୟରେ ଦଳକୁ କ୍ଷମତାସୀନ କରିପାରେ । ରାଜ୍ୟରେ ଥରୁରଙ୍କ ଛବି ଭଲ ରହିଛି । ତାଙ୍କୁ ଲୋକେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛନ୍ତି । କିନ୍ତୁ ଜାତୀୟ ନେତୃତ୍ୱଙ୍କ ସହ ବିବାଦ ଥରୁରଙ୍କ ପାଇଁ ମହଙ୍ଗା ହୋଇପାରେ ।। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ବିଜେପିକୁ କୂଳରେ ଲଗାଇବାକୁ ପ୍ରୟାସ କରୁଛନ୍ତି । ସେ ନୂଆ ଆରମ୍ଭ କରିବାକୁ ଆଶାବାଦୀ ଅଛନ୍ତି ।

# ଅଶାନ୍ତି, ଅସ୍ଥିରତା, ଯୁଦ୍ଧ ଯନ୍ତ୍ରଣା

## ଯୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ମିଳିବ ତ?

ବିତି ଯାଉଥିବା ବର୍ଷ ବିଶ୍ୱକୁ ଅନେକ ଯନ୍ତ୍ରଣା ଦେଇଛି । ବିଦ୍ରୋହ, ହିଂସା, ଆତଙ୍କବାଦୀ ଆକ୍ରମଣ, ଯୁଦ୍ଧ ବିଭୀଷିକାରେ ପୃଥିବୀ ତ୍ରାହି ତ୍ରାହି ଡାକ ଦେଇଛି । ନେପାଳ, ଶ୍ରୀଲଙ୍କା, ସିରିଆ, ବାଂଲାଦେଶ ଆଦିରେ ବିଦ୍ରୋହ ହୋଇ ସରକାର ବଦଳି ଯାଇଥିଲା । ଆଠ ଆଠଟି ଯୁଦ୍ଧ ପୃଥିବୀ ମାତାର ବକ୍ଷକୁ ଗଭୀର ଯନ୍ତ୍ରଣା ଦେଇଥିଲା । ଜୀବନକୁ ଅନିଶ୍ଚିତତା ମଧ୍ୟକୁ ଠେଲି ମାନବିକତା ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଥିଲା । କ୍ଷଣିକ ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ପରି ଲାଗିଥିଲା । ଯୁଦ୍ଧର କରାଳ ଛାୟାରେ ଲକ୍ଷ ଲକ୍ଷ ଏକରର ଫସଲ ଉଜୁଡ଼ି ଯାଇଥିଲା । ଖାଇବାକୁ ନ ପାଇ ହଜାର ହଜାର ଲୋକ ପ୍ରାଣ ହରାଇ ଥିଲେ । କାଳକ୍ରମେ ଇସ୍ରାଏଲ-ଇରାନ, ରୱାଣ୍ଡା-କଙ୍ଗୋ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, ଇଜିପ୍ଟ-ଇଥିଓପିଆ, ସର୍ବିଆ-କୋସୋଭ ଯୁଦ୍ଧ ବନ୍ଦ ହୋଇ ଯାଇଥିଲା । ମାତ୍ର ଏବେ ବି ଇସ୍ରାଏଲ-ହମାସ ଏବଂ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି । ଦୀର୍ଘ ବର୍ଷ ବିତି ଯାଇଥିଲେ ବି ଏହା ବନ୍ଦ ହୋଇ ନାହିଁ । ୨୦୨୬ରେ ଏହି ଯୁଦ୍ଧରୁ ମୁକ୍ତି ମିଳିବ ତ? ଏହି ପ୍ରଶ୍ନ ସମସ୍ତଙ୍କୁ ଘାରିଛି ।

୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି । ଉଭୟ ଦେଶ ପରସ୍ପର ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି । ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ୧୫ ହଜାରରୁ ଅଧିକ ସାଧାରଣ ନାଗରିକ ରହିଥିବା ବେଳେ ରୁଷର ଏକ ଲକ୍ଷ ୨୦ ହଜାର ସୈନିକ ଏବଂ ୟୁକ୍ରେନର ୭୦ ହଜାରରୁ ଅଧିକ ସୈନ ପ୍ରାଣ ହରାଇଲେଣି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଶାନ୍ତିର ମାର୍ଗ ବାହାରି ପାରିନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ନିଜ ପ୍ରତିଶ୍ରୁତି ବି ପୂରଣ କରିପାରିନାହାନ୍ତି । ସେ ଶପଥ ଗ୍ରହଣର ଦିନକ ଭିତରେ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଛନ୍ତି । ମାତ୍ର ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଟ୍ରମ୍ପ ଏ ଦିଗରେ ପ୍ରୟାସ କରି ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେନ୍‌ସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା ଅଧିକାରୀମାନେ ଏହି ଦୁଇ ଦେଶର ଅଧିକାରୀଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା ମଧ୍ୟ ଜାରି ରଖିଛନ୍ତି । କିନ୍ତୁ ଯୁଦ୍ଧ ବନ୍ଦ ପାଇଁ ବାଟ ଫିଟୁନି ।



ଇସ୍ରାଏଲ ସୀମାରେ ପଶି ହମାସ ନରସଂହାର କରି ୫୦ରୁ ଅଧିକ ନାଗରିକଙ୍କୁ ପଣବନ୍ଦୀ କରିବାରୁ ୨୦୨୩ ଅକ୍ଟୋବର ୭ରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା । ଏହାର ଜବାବ ଦେବାକୁ ଯାଇ ଉଭୟ ଆକାଶ ମାର୍ଗରୁ ଏବଂ ସ୍ଥଳ ଭାଗରୁ ହମାସର ଠିକଣା ଉପରେ ଦୁଇ ବର୍ଷ ହେଲା ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି ଇସ୍ରାଏଲ । ଏବେ ଗାଜା ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି । ପ୍ରାୟ ୭୩ ହଜାର ଲୋକ ନିହତ ହେଲେଣି । କେବଳ ପାଲେଷ୍ଟାଇନରେ ୭୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଲକ୍ଷାଧିକ ଲୋକ ଖାଇବାପିଇବାକୁ ନ ପାଇ ଭୋକରେ ଆଉଟ ପାଉଟ ହେଉଛନ୍ତି । ଏହି ସଂଘର୍ଷରେ ହମାସର ଅନେକ ମୁଖିଆଙ୍କୁ ଇସ୍ରାଏଲ ହତ୍ୟା କରିଥିଲେ ବି ଯୁଦ୍ଧ ବନ୍ଦ ହୋଇ ନାହିଁ । ଏହି ଯୁଦ୍ଧରେ ହୁତି ବିଦ୍ରୋହୀ ଏବଂ ଇରାନ ପଶି ଥିଲା । ଏହା ସଂଘର୍ଷକୁ ଅଧିକ ଭୟଙ୍କର କରିଥିଲା । ଇସ୍ରାଏଲ ଏକାଥରେ ତିନୋଟି ସାମ୍ମୁଖ୍ୟରୁ ଯୁଦ୍ଧ ଲଢୁଥିଲା । ଅନେକ ପର୍ଯ୍ୟାୟ ଶାନ୍ତି ଆଲୋଚନା ବିଫଳ ହୋଇଥିଲା । ଅସ୍ତ୍ରବିରତି ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ବନ୍ଦ ହୋଇଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଇସ୍ରାଏଲ ଏବଂ ହମାସ ନରମ ଆଭିମୁଖ୍ୟ ପୋଷଣ କରିଥିଲେ । ଟ୍ରମ୍ପ ପ୍ରଶାସନ ଆଣିଥିବା ୨୪ ସୂତ୍ରୀ ଯୋଜନାକୁ ମାନିବା ପାଇଁ ଦୁଇ ପକ୍ଷ ରାଜି ହୋଇଥିଲେ । ଏହି କ୍ରମରେ ଇସ୍ରାଏଲ ପଣବନ୍ଦୀଙ୍କୁ ହମାସ ଛାଡ଼ିଥିଲା । ଏହା ପ୍ରତି ବଦଳରେ ହମାସ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତ କରିଥିଲା । ଆସନ୍ତା ବର୍ଷ ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ପୂର୍ଣ୍ଣଛେଦ ପଡ଼ିବ ବୋଲି ଆଶା । ଯୁଦ୍ଧ ବନ୍ଦ ହେବା ପରେ ଆମେରିକା ଏବଂ ଇସ୍ରାଏଲ ଗାଜାରେ ସ୍ମାର୍ଟ ସିଟି ନିର୍ମାଣ କରିବେ । ରେସ୍ତୋରାଁ, ହୋଟେଲ, ଦ୍ରୁତ ଟ୍ରେନ ଚଳାଚଳ ଆଦି ପାଇଁ ୯.୩ ଲକ୍ଷ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ନୂଆ ବର୍ଷ ଉଭୟ ଇସ୍ରାଏଲ ଏବଂ ଗାଜା ପାଇଁ ଶାନ୍ତି ଆଣିବ ବୋଲି ଆଶା କରାଯାଉଛି ।

## ମହାକାଶ ପାଇଁ ମହାସମ୍ଭାବନା



ନୂଆ ବର୍ଷରେ ପ୍ରଯୁକ୍ତିବିଦ୍ୟାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରେ । ଏଆଇର ଦ୍ରୁତ ବିକାଶ ପାଇଁ ନୂଆ ନୂଆ ଉଦ୍ଭାବନା ହୋଇପାରେ । ଚୀନ୍, ଜାପାନ ଏ କ୍ଷେତ୍ରକୁ ଆଗକୁ ବଢ଼ାଇବେ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ମଧ୍ୟ ଅନେକ ପରୀକ୍ଷଣ କରିବ । ୨୦୨୬ରେ ଇସ୍ରୋର ୭ଟି ବଡ଼ ଉତ୍କ୍ଷେପଣ ଯୋଜନା ରହିଛି । ଏହା ମଧ୍ୟରେ ମାନବ ମିଶନ, ଉନ୍ନତ ଉପଗ୍ରହ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟିକ ଉତ୍କ୍ଷେପଣ ସାମିଲ ରହିଛି । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ମାନବିକ ମିଶନର ନେତୃତ୍ୱ ନେବେ । ଇସ୍ରୋ ଆସନ୍ତା ବର୍ଷରେ ନିଜର ବହୁ ପ୍ରତୀକ୍ଷିତ ମାନବ ମିଶନ ଗଗନଯାନ ଆରମ୍ଭ କରି ରୋବୋଟ ବୋମ୍ୟମିତ୍ରକୁ ମହାକାଶକୁ ପଠାଇବ । ମହାକାଶରେ ମହାକାଶ ଷ୍ଟେସନ ପ୍ରତିଷ୍ଠା ଆରମ୍ଭ କରାଯିବ । ଅର୍ବିଟାଲ ମଡ୍ୟୁଲ ଅପରେସନ (ଓଏମଓ) ପରୀକ୍ଷଣ କରାଯିବ । ଚୀନ୍ ଏବଂ ରୁଷ ଭଳି ଦେଶ ଅନ୍ୟ ଗ୍ରହରୁ ଖଣିଜ ପଦାର୍ଥ ଆଣିବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରି ଚାଲିଛନ୍ତି । ଚୀନ୍ ନିଜ ମହାକାଶ ଷ୍ଟେସନରୁ ଏ ଦିଗରେ ଅଧିକ ଗବେଷଣା କରୁଛି ।




## ଅନିଶ୍ଚିତତାରେ ଭାଗ୍ୟ

ଏସିଆରେ ଦେଖା ଦେଇଥିବା ଅସ୍ଥିରତା ମଧ୍ୟରେ ଭାରତର ପଡୋଶୀ ରାଷ୍ଟ୍ର ବାଂଲାଦେଶରେ ନିର୍ବାଚନ ପ ।।ରେ ନୂଆ ସରକାର ଗଠନ ହେବ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାଇଁ ଅଡୁଆ ବଢ଼ିପାରେ । । ତାଙ୍କ ଦଳକୁ ବି ନିଷିଦ୍ଧ କରାଯାଇଛି । ତେଣୁ ନିର୍ବାଚନରେ ଖାଲେଦା ଜିଆଙ୍କ ବାଂଲାଦେଶ ନେସନାଲ ପାର୍ଟି, ଜମିୟତ, ଇନକିଲାବ ମଞ୍ଚ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । କିନ୍ତୁ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରିଛନ୍ତି । ଏପରି ସ୍ଥଳେ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗି ରହିଛି । ପାକିସ୍ତାନରେ କ୍ଷମତା ପୁଣି ସେନା ନିୟନ୍ତ୍ରଣରେ ରହିପାରେ । କାରଣ ଏବେ ନିର୍ବାଚନ ହେବାର ନାହିଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଜେଲ୍‌ରୁ ବାହାରିବାର ସମ୍ଭାବନା ନାହିଁ । ସେହିପରି ଦୀର୍ଘ ଦିନ ହେଲା ସେନା ନିୟନ୍ତ୍ରଣରେ ଥିବା ମିଆଁମାରରେ ମଧ୍ୟ ସାଧାରଣ ନିର୍ବାଚନ ହେବାର ଅଛି । ୨୦୨୫ରେ ବର୍ଷ ସାରା ଚର୍ଚ୍ଚାରେ ଥିବା ହସିନା, ଇମ୍ରାନ ଓ ୟୁନୁସଙ୍କ ଭାଗ୍ୟ ଏବେ ବି ଅନିଶ୍ଚିତତାରେ ରହିଛି । ନୂଆବର୍ଷରେ ସେମାନଙ୍କ ପାଇଁ ନୂଆ ଆଶା କିଛି ଦେଖାଯାଉନି ।

ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜାରି ରହିଛି । ଟ୍ରମ୍ପ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେଆମେରିକା ।।ରେକ୍ଷମତାକେନ୍ଦ୍ରପରିବର୍ତ୍ତନ ।।ହେବ ।ୟୁକ୍ରେନ ସହ ଯୁଦ୍ଧ ବନ୍ଦ ହୋଇଗଲେ ବିଶ୍ୱରେ ରୁଷ ରାଷ୍ଟ୍ରପତି ପୁତିନଙ୍କ ପ୍ରଭାବ ବଢ଼ିବ ।। ମାତ୍ର ଦୁର୍ନୀତି ଅଭିଯୋଗରେ ଫସିଥିବା ୟୁକ୍ରେନ ରାଷ୍ଟ୍ରପତି ଜେଲେଂସ୍କିଙ୍କ ସମସ୍ୟା ବୃଦ୍ଧି ପାଇପାରେ ।

# ଆହୁରି ଅଥୟ ହେବ ପୃଥିବୀ



ଅତୀତ ପାଲଟୁ ଥିବା ୨୦୨୫ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର କୃତ୍ରିମ ବୁଦ୍ଧିରେ ଦ୍ରୁତ ବିକାଶ ଦେଖିଛି । ଏଆଇର ସୁଦୂରପ୍ରସାରୀ ପ୍ରଭାବରେ ମନୁଷ୍ୟ ପ୍ରଭାବିତ ହେଉଥିବା ବେଳେ ପ୍ରକୃତିର କୋପ ଦୁନିଆକୁ ଗିଳିବାରେ ଲାଗିଛି । ବିକାଶ ନାମରେ ମଣିଷ ପ୍ରକୃତି ସହ ଖେଳି ଚାଲିଛି । ଖଣି ଖାଦାନ ପାଇଁ ଅବାଧ ଜଙ୍ଗଲ ନଷ୍ଟ କରି ଚାଲିଛି । ଅଙ୍ଗରକାମ୍ଳ ଛାଡ଼ି ପରିବେଶ ବିଗାଡ଼ି ଦେଉଛି । ନିଜର ଦୋହନ ଦେଖି ପ୍ରକୃତି ଥରି ଉଠୁଛି । କେଉଁଠି ଭୂକମ୍ପ ଆକାରରେ ତ ଆଉ କେଉଁଠି ପ୍ରବଳ ବର୍ଷା, ଖରା ଏବଂ ଶୀତରେ ଶତାଧିକ ଜୀବନ ନେଇଛି । ୨୦୨୫ରେ ପାଣିପାଗ ଜନିତ ଏଭଳି ଚରମ ବ୍ୟତିକ୍ରମ ବିଶ୍ୱରେ ଲକ୍ଷେରୁ ଅଧିକ ଲୋକଙ୍କ ଜୀବନ ନେଇଛି । ୨୦୨୬ରେ ଏହା ବିକଟାଳ ରୂପ ଧାରଣ କରିବ । ଆରବ ମରୁଭୂମିରେ ବରଫପାତ, ଅଦିନିଆ ବନ୍ୟା, ୧୦ ହଜାର ବର୍ଷ ପରେ ଆଗ୍ନେୟଗିରିରେ ବିସ୍ଫୋରଣ: ଇ ।।ଣ୍ଡୋନେସିଆରେ ୩୦ ଦିନରେ ୧୪୦୦ ଭୂମିକଂପ ଏହାର ପ୍ରମାଣ ।

୨୦୨୫ ।।ରେ ପ୍ରକୃତି ଭୟଙ୍କର ରୂପ ଧାରଣ କରି ମନୁଷ୍ୟଠାରୁ ପ୍ରତିଶୋଧ ନେବା ଆରମ୍ଭ କରିଛି । ସାରା ବର୍ଷ କେଉଁଠି ନା କେଉଁଠି ଦୁର୍ବିପାକ ଲାଗି ରହିଥିଲା । ବର୍ଷ ଶେଷ ବେଳକୁ ନଭେମ୍ବରରେ ଝଡ଼ବାତ୍ୟା ସେନୟାର ଇଣ୍ଡୋନେସିଆରେ ୧୧୦୦ରୁ ଅଧିକ ଜୀବନ ନେଇଥିଲା । ବାତ୍ୟା ଫଙ୍ଗୱଙ୍ଗ ଯୋଗୁଁ ଥାଇଲାଣ୍ଡ ଏବଂ ମାଲେସିଆରେ ୬୦୦ରୁ ଅଧିକ ପ୍ରାଣ ହରାଇ ଥିଲେ । ଜାନୁଆରୀରେ ଦକ୍ଷିଣ କାଲିଫର୍ଣ୍ଣିଆରେ ଜଙ୍ଗଲ ନିଆଁ ସହରକୁ ଜାଳିପୋଡ଼ି ପାଉଁଶ କରି ଦେଇଥିଲା । ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇଥିଲା । ଏଥିରେ ୧୬,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଜୁନ୍-ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୧୦୫୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ । ଶ୍ରୀଲଙ୍କାରେ ବାତ୍ୟା ଦିତୱା ୬୫୦ରୁ ଅଧିକ ଜୀବନ ନେଇଥିଲା । ଏସବୁ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି ଥିଲା । ଏଥିଯୋଗୁଁ ଯେ ଋତୁ ଚକ୍ର ପରିବର୍ତ୍ତନ ହେଉଛି ତାହା ନୁହେଁ, ବରଂ ପ୍ରଚଣ୍ଡ ଖରା, ଶୀତ ଏବଂ ବର୍ଷା ଜୀବନହାନିର କାରଣ ପାଲଟି ଯାଉଛି । ଭାରତ ମଧ୍ୟ ଏହି ଦାଉରୁ ମୁକୁଳି ପାରି ନ ଥିଲା । କିସ୍ତୱାରେ ବାଦଲଫଟା ବର୍ଷା ଯୋଗୁଁ ୬୮ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୬ରେ ମଧ୍ୟ ଏହି ଧାରା ଜାରି ରହିବ । ଆସନ୍ତା ବର୍ଷକୁ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ କୁହାଯାଉଛି । ଏହି ଅବଧିରେ ଭୂକମ୍ପ, ବନ୍ୟା, ବାତ୍ୟା, ଆଗ୍ନେୟଗିରି ବିସ୍ଫୋରଣ, ପାଣିପାଗରେ ଚରମ ପରିବର୍ତ୍ତନ ଦେଖାଦେବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଏହା ଭାରତ, ଆମେରିକା, ୟୁରୋପୀୟ ରାଷ୍ଟ୍ରମାନଙ୍କୁ ପ୍ରଭାବିତ କରିବ । ଭବିଷ୍ୟ ମାଳିକା, ନୋଷ୍ଟ୍ରାଡମସ ଏବଂ ବାବା ଭେଙ୍ଗା ମଧ୍ୟ ଏ ନେଇ ଭବିଷ୍ୟବାଣୀ କରିଛନ୍ତି । ନୂଆ ବର୍ଷ ପାଇଁ ଲୋକେ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଏଭଳି ଭବିଷ୍ୟବାଣୀ ମନୁଷ୍ୟ ମନରେ ଭୟ ସୃଷ୍ଟି କରିଛି । ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଚରମ ପାଣିପାଗ ଜନିତ ସ୍ଥିତି ଯୋଗୁଁ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି ହେବ । ଏଥିରେ ଅନେକ ଜୀବନହାନୀ ଘଟିବ ।

■ ୧୯ ବର୍ଷରୁ କମ୍ ବିଶ୍ୱକପ୍


# ମାହାତ୍ରେ ଭାରତର ଅଧିନାୟକ



ମୁମ୍ବାଇ,୨୭।୧୨(ଏଜେନ୍ସି): ଓପନର ଆୟୁଷ ମାହାତ୍ରେଙ୍କୁ ଆସନ୍ତାବର୍ଷ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାନ ମାଲହୋତ୍ରାଙ୍କୁ ତାଙ୍କ ଡେପୁଟି ଭାବେ ଚୟନ କରାଯାଇଛି। ଉଭୟ ଖେଳାଳି ଆହତ ହୋଇଥିବାରୁ ଦକ୍ଷିଣ ଆଫ୍ରିକା ସହ ଜାନୁଆରୀ ୩, ୫ ଓ ୭ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏହି ସିରିଜ୍ ଲାଗି ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଆରୋନ ଜର୍ଜ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବିଶ୍ୱକପ୍ ଲାଗି ମନୋନୀତ ଦଳରୁ ଆୟୁଷ ଓ ବିହାନଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଯୁବରାଜ ଗୋହିଲ ଓ ରାହୁଲ କୁମାରଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍‌ରେ ଜାନୁଆରୀ ୧୫ରେ ଆମେରିକା ସହ ଖେଳି ଭାରତ ତାହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହା ପରେ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ଦଳ ଲିଗ୍ ମ୍ୟାଚ୍ ଖେଳିବ। ଭାରତ ବିଶ୍ୱକପ୍‌ରେ ସର୍ବାଧିକ ୫ଥର ଚାମ୍ପିଅନ ହୋଇଛି।

**ବିଶ୍ୱକପ୍ ଦଳ** : ଆୟୁଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା (ଉପଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ, ଆର୍‌ଏସ୍ ଅମ୍ବରୀଶ, କନିସ୍କ ଚୋହାନ, ଖୀଲନ ଏ ପଟେଲ, ମହମ୍ମଦ୍ ଏନାନ୍, ହେନିଲ ପଟେଲ, ଡି ଦୀପେଶ, କିଶନ କୁମାର ସିଂ ଓ ଉଧବ ମୋହନ।

# ହୃଦ୍‌ଘାତରେ ଟଳିପଡ଼ିଲେ କୋଚ୍



ଢାକା, ୨୭।୧୨ (ଏଜେନ୍ସି): ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ଦ୍ୱାଦଶ ସଂସ୍କରଣର ଦ୍ୱିତୀୟ ଦିନରେ ଶନିବାର ଏକ ବଡ଼ ଅଘଟଣ ଘଟିଯାଇଛି। ରାଜସାହି ୱାରିୟର୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଢାକା କ୍ୟାପିଟାଲ୍ସର ସହାୟକ କୋଚ୍ ମହବୁବ୍ ଅଲି ଜାକି ହୃଦଘାତରେ ପଡ଼ିଆ ଭିତରେ ପ୍ରାଣ ହରାଇଛନ୍ତି। ସିଲହେଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୧ଟାରେ ଏହି ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପଡ଼ିଆ ମଧ୍ୟରେ ଏହି ଅଘଟଣ ଘଟିଥିଲା। ଢାକା କ୍ୟାପିଟାଲ୍ସର ମେଡିକାଲ ଷ୍ଟାଫ୍ ତୁରନ୍ତ ୫୯ ବର୍ଷୀୟ ଜାକିଙ୍କ ନିକଟକୁ ଆସି ସିପିଆର୍ ଦେଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ଜାକିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆରମ୍ଭ ହୋଇଥିଲା। ଏଥିରେ ଢାକା ୫ ୱିକେଟ୍‌ରେ ୱାରିୟର୍ସଙ୍କୁ ପରାସ୍ତ କରିଥିଲା। ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ନୀରବ ପ୍ରାର୍ଥନା କରିଥିଲେ। ଜାକି ଦ୍ରୁତ ବୋଲିଂ କୋଚ୍ ଭାବେ ପରିଚିତ ଥିଲେ। ୨୦୧୬ ଟି-୨୦ ବିଶ୍ୱକପ୍‌ରେ ତାସକିନ ଅହମ୍ମଦଙ୍କ ବୋଲିଂ ଶୈଳୀ ସନ୍ଦେହ ଘେରକୁ ଆସିଥିବାବେଳେ ଜାକି ଏହାକୁ ସୁଧାରିବାରେ ସହାୟତା କରିଥିଲେ।

## ମେଲବୋର୍ଣ୍ଣ ଲଢ଼େଇ ଦୁଇ ଦିନରେ ଶେଷ

# ୧୫ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ଇଂଲଣ୍ଡ

ମେଲବୋର୍ଣ୍ଣ,୨୭।୧୨(ଏଜେନ୍ସି)





ପାଖାପାଖି ୧୫ ବର୍ଷ ବା ୫୪୬୮ ଦିନର ନିରାଶା ପରେ ଅଷ୍ଟ୍ରେଲିଆ ମାଟିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଐତିହାସିକ ଟେଷ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୬ ପରାଜୟ, ୨ ଡ୍ର ଓ ଚତୁର୍ଥ ଆସେସ ଟୁର୍‌ରେ ଇଂଲଣ୍ଡକୁ ଏହି ସ୍ମରଣୀୟ ବିଜୟ ମିଳିଛି। ଅଷ୍ଟ୍ରେଲିଆ ମାଟିରେ ଇଂଲଣ୍ଡ ଶେଷଥର ୨୦୧୧ ଜାନୁଆରୀରେ ଅନୁଷ୍ଠିତ ସିଡ୍‌ନୀ ଟେଷ୍ଟରେ ବିଜୟୀ ହୋଇଥିଲା। ଚଳିତ ଆସେସ ଟେଷ୍ଟ ସିରିଜ୍‌ର ଏଠାରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍ ମାତ୍ର ୨ ଦିନରେ ଶେଷ ହୋଇଛି। ପୂର୍ବରୁ ପର୍ଥରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ୨ ଦିନରେ ଶେଷ ହୋଇଥିଲା। ଫାଷ୍ଟ ବୋଲରଙ୍କ କବ୍‌ଜାରେ ଥିବା ମେଲବୋର୍ଣ୍ଣ ଟେଷ୍ଟରେ ଦମ୍‌ଦାର ଓ ସାହସିକ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ଏହି ମୁକାବିଲାକୁ ୪ ୱିକେଟରେ ଜିତିନେଇଛି। ଏହା ଫଳରେ ପ୍ରଥମ ୩ଟି ମ୍ୟାଚ୍‌କୁ ଏକତରଫା ଭାବେ ଜିତିନେଇଥିବା ଅଷ୍ଟ୍ରେଲିଆ ସିରିଜ୍‌ରେ ୩-୧ରେ ଆଗୁଆ ରହିଛି। ଅବସର ନେବାକୁ ଚିନ୍ତାକରୁଥିବା ଇଂଲଣ୍ଡର ଫାଷ୍ଟ ବୋଲର ଜୋଶ ଟଙ୍ଗ୍ ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୪୨ ରନ୍‌ରେ ଆଗୁଆ ଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ପ୍ରତିପକ୍ଷ ଇଂଲଣ୍ଡ ଫାଷ୍ଟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଦ୍ୱିତୀୟ ଇନିଂସରେ ୩୪.୩ ଓଭରରେ ମାତ୍ର ୧୩୨ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ସର୍ବାଧିକ ୪୬, ଷ୍ଟିଭେନ୍ ସ୍ମିଥ୍ ଅପରାଜିତ ୨୪ ଓ କାମେରନ ଗ୍ରୀନ୍ ୧୯ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଅନ୍ୟ ବୋଲରଙ୍କ ଅପେକ୍ଷା ପିଚ୍‌ରୁ ଅଧିକ ସହାୟତା ପାଇଥିବା ବ୍ରାଇଡନ କାର୍ସ ସର୍ବାଧିକ ୪ଟି, ବେନ୍ ଷ୍ଟୋକ୍ସ ୩ଟି ଓ ଟଙ୍ଗ୍ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ଫଳରେ ଚତୁର୍ଥ ଆସେସ୍ ଟେଷ୍ଟ ଜିତିବାକୁ ଇଂଲଣ୍ଡ ଆଗରେ ୧୭୫ ରନ୍‌ର ଟାର୍ଗେଟ ରହିଥିଲା। ଏହି ଟାର୍ଗେଟକୁ ପିଛା କରି ଇଂଲଣ୍ଡର ଦୁଇ ଓପନର ପ୍ରଥମ ୱିକେଟରୁ ୭ ଓଭରରେ ୫୧ ରନ୍ ଉଠାଇଥିଲେ। ଚଳିତ ଆସେସ୍ ସିରିଜ୍‌ରେ ଇଂଲଣ୍ଡ ଖେଳିଥିବା ୮ମ ଇନିଂସରେ ଏହା ଥିଲା ସର୍ବାଧିକ ଓପନିଂ ପାର୍ଟନରସିପ୍। ୩୫ ବର୍ଷୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଇଂଲଣ୍ଡ ଓପନର ବେନ୍ ଡକେଟ (୨୬ବଲ୍‌ରେ ୩୪ରନ୍)ଙ୍କୁ ବୋଲ୍ଡ କରି ଏହି ପାର୍ଟନରସିପ୍ ଭାଙ୍ଗିଦେଇଥିଲେ। ଏହା ପରେ ବ୍ରାଇଡନ କାର୍ସ ୬ ଓ ପରେ ୩୬ ବର୍ଷୀୟ ଫାଷ୍ଟ ବୋଲର ସ୍କଟ୍ ବୋଲାଣ୍ଡଙ୍କ ଦ୍ୱାରା ୩୭ ରନ୍ କରିଥିବା ଜ୍ୟାକ୍ କ୍ରାଉଲୀ ଆଉଟ ହୋଇଥିଲେ। ୧୧୨ ରନ୍‌ରେ ୩ଟି ୱିକେଟ ହରାଇବା ପରେ ଦମ୍‌ଦାର ବ୍ୟାଟିଂ କରୁଥିବା ଯୁବ ଖେଳାଳି ଜ୍ୟାକବ ବେଥେଲ ସର୍ବାଧିକ ୪୦ ରନ୍ କରି ପାଭିଲିଅନ ଫେରିଥିଲେ। ଜୋ ରୁଟ୍ ୩୮ ବଲ୍‌ରେ ୧୫ ରନର ଏକ କ୍ଷୁଦ୍ର ତଥା ଏହି ଟେଷ୍ଟ ଲାଗି ମାରାଥନ ଇନିଂସ ଖେଳିଥିଲେ। ପ୍ରଥମ ଇନିଂସରେ ୪୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ୨୨ ବଲ୍‌ରୁ ୧୮ ରନ୍ କରିବା ସହ ଚୌକା ମାରି ଦଳକୁ ଏହି ସ୍ମରଣୀୟ ବିଜୟ ଭେଟିଦେଇଥିଲେ। ଇଂଲଣ୍ଡ ୩୨.୨ ଓଭରରେ ୬ ୱିକେଟ ହରାଇ ୧୭୮ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ୯୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଇଂଲଣ୍ଡର ଏହି ବିଜୟକୁ ତାଳି ମାରି ସ୍ୱାଗତ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ଝାଇ ରିଚାର୍ଡସନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ଏଭଳି ପିଚ୍‌ରେ ଉତ୍ସାହୀ ଇଂଲଣ୍ଡ ବ୍ୟାଟରଙ୍କୁ ନିୟନ୍ତ୍ରିତ କରିପାରି ନଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**: ୧୫୨/୧୦, ୪୫.୨ ଓଭର (ନେସର-୩୫, ଖୱାଜା-୨୯, ଟଙ୍ଗ୍-୫/୪୫, ଆଟକିନସନ-୨/୨୮)।

**ଇଂଲଣ୍ଡ ପ୍ରଥମ ଇନିଂସ**: ୧୧୦/୧୦, ୨୯.୫ ଓଭର (ବ୍ରୁକ୍-୪୧, ଆଟକିନସନ-୨୮, ନେସର-୪/୪୫, ବୋଲାଣ୍ଡ-୩/୩୦, ଷ୍ଟାର୍କ-୨/୨୩)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**: ୧୩୨/୧୦, ୩୪.୩ ଓଭର (ହେଡ୍-୪୬, ସ୍ମିଥ୍-ଅପରାଜିତ ୨୪, କାର୍ସ-୪/୩୪, ଷ୍ଟୋକ୍ସ-୩/୨୪, ଟଙ୍ଗ୍-୨/୪୪)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୧୭୮/୬, ୩୨.୨ ଓଭର (ବେଥେଲ-୪୦, କ୍ରାଉଲୀ-୩୭, ଡକେଟ-୩୪,ରିଚାର୍ଡସନ-୨/୨୨, ବୋଲାଣ୍ଡ-୨/୨୯, ଷ୍ଟାର୍କ-୨/୫୫)।

# ଆଜିଠୁ ମହିଳା ଏଚ୍‌ଆଇଏଲ୍

ରାଞ୍ଚି, ୨୭।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ) ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ସଂସ୍କରଣ ଭଳି ଏଥର ମଧ୍ୟ ୪ଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଗତ ସଂସ୍କରଣ ରନର୍ସଅପ୍ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ, ଶ୍ରାଚି ବେଙ୍ଗଲ ଟାଇଗର୍ସ, ଏସ୍‌ଜି ପାଇପର୍ସ ଓ ନବାଗତ ଦଳ ରାଞ୍ଚି ରୟାଲ୍ସ ମଧ୍ୟରେ ଟ୍ରଫି ପାଇଁ ଏଥର ଲଢ଼େଇ ହେବ। ଡିଫେଣ୍ଡିଂ ଚାମ୍ପିଅନ ତଥା ପ୍ରଥମ ସଂସ୍କରଣ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଚଳିତ ସଂସ୍କରଣ ପୂର୍ବରୁ ଓହରିଯାଇଥିଲା। ତେଣୁ ଏହା ସ୍ଥାନରେ ନୂତନ ଦଳ ଭାବେ ରାଞ୍ଚି ଏଥର ଖେଳିବ। ଘରୋଇ ରାଞ୍ଚି ଓ ଏସ୍‌ଜି ପାଇପର୍ସ ମଧ୍ୟରେ ରବିବାର ରାତି ୭ଟା ୩୦ରେ ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜାନୁଆରୀ ୧୦ରେ ଫାଇନାଲ ଲଢ଼େଇ ହେବ। ସମସ୍ତ ମ୍ୟାଚ୍ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ଷ୍ଟାଡିୟମରେ ଖେଳାଯିବ। ସୋନି ସ୍ପୋର୍ଟ୍ସ ନେଟୱର୍କରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ହେବ।

ଶ୍ରୀଲଙ୍କା ବିପକ୍ଷ ମହିଳା ଟି-୨୦ ସିରିଜ୍

# ଚତୁର୍ଥ ବିଜୟ ଲକ୍ଷ୍ୟରେ ଭାରତ

ତିରୁଅନନ୍ତପୁରମ,୨୭।୧୨(ଏଜେନ୍ସି): ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଜିତି ଭାରତ ୨ଟି ମ୍ୟାଚ୍ ଆଗରୁ ସିରିଜ୍ କବ୍‌ଜା କରିନେଇଛି। ପ୍ରତ୍ୟେକ ମ୍ୟାଚ୍‌ରେ ଭାରତର ପ୍ରଭାବୀ ଖେଳ ଆଗରେ ହାର୍ ମାନିଛି ଶ୍ରୀଲଙ୍କା। ଦିନିକିଆ ବିଶ୍ୱଚାମ୍ପିଅନ ଭାରତ ସମସ୍ତ ବିଭାଗରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ଉଭୟ ଦଳ ମଧ୍ୟରେ ଦକ୍ଷତା ଦୃଷ୍ଟିରୁ ଆକାଶ ପାତାଳ ଫରକ ରହିଛି। ଏଭଳି ସ୍ଥିତିରେ ଭାରତର ମୁକାବିଲା କରିବା ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଶ୍ରୀଲଙ୍କା ଦଳ ପକ୍ଷେ କଷ୍ଟକର। ଅଭିଜ୍ଞ ଅଧିନାୟିକା ଚାମରି ଆଟାପାଟୁ ଭାରତୀୟ ବୋଲରଙ୍କ ସମ୍ମୁଖରେ ତିଷ୍ଠିପାରୁ ନାହାନ୍ତି। ହାସିନି ପରେରା ଭଲ ଆରମ୍ଭ ଦେଉଥିଲେ ମଧ୍ୟ ଅନ୍ୟମାନଙ୍କ ସହ ବେଶି ସମୟ କ୍ରିଜ୍‌ରେ ତିଷ୍ଠିରହିବାରେ ଅସମର୍ଥ ହେଉଛନ୍ତି।

ଭାରତ ଶାଣିତ ବୋଲିଂ ଆଗରେ ଶ୍ରୀଲଙ୍କାର ବ୍ୟାଟିଂ ନିଷ୍ପ୍ରଭ ହୋଇଯାଇଛି। ରେଣୁକା ସିଂ ଠାକୁର ଓ ଅନ୍ୟ ଯୁବ ଫାଷ୍ଟ ବୋଲର ବେଶ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ସ୍ପିନର ଶ୍ରୀ ଚରଣି, ଦୀପ୍ତି ଶର୍ମା, ନବାଗତ ବୈଭବୀ ଶର୍ମାଙ୍କ ସମ୍ମୁଖରେ ଶ୍ରୀଲଙ୍କା ବ୍ୟାଟିଂ ଫେଲ ମାରିଛି। ଭାରତର ଟପ୍ ଅର୍ଡରରେ ସ୍ମୃତି ମନ୍ଧାନା ବଡ ସ୍କୋର କରିନାହାନ୍ତି। କିନ୍ତୁ ତାଙ୍କ ପାର୍ଟନର ଶେଫାଳି ବର୍ମା ଦୁଇଟି ବଡ଼ ଇନିଂସ ଖେଳି ଶ୍ରୀଲଙ୍କା ଲାଗି ଦୁଃସ୍ୱପ୍ନ ପାଲଟିଯାଇଛନ୍ତି। ଜେମିମା ରୋଡ୍ରିଗ୍ସେଜ୍ ପ୍ରଥମ ମ୍ୟାଚ୍‌ରେ ବଡ଼ ଇନିଂସ ଖେଳିଥିଲେ। ଏହି ୩ଟି ଦମ୍‌ଦାର ଇନିଂରେ ଭାରତ ସହଜ ବିଜୟ ହାସଲ କରିଛି। ଆସନ୍ତାକାଲି ମଧ୍ୟ ଦଳ ମ୍ୟାଚ୍ ଜିତିବ ବୋଲି ଆଶା କରାଯାଉଛି।

# ୧୦୦୦ ରନ ଓ ୧୫୦ ୱିକେଟ: ବିରଳ କ୍ଲବ୍‌ରେ ଦୀପ୍ତି



ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ୧୦୦୦ ରନ ସଂଗ୍ରହ କରିବା ଓ ୧୫୦ ୱିକେଟ୍ ନେବାରେ ଦୀପ୍ତି ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଏପରିକି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଏହି ସଫଳତା ଆଜି ପର୍ଯ୍ୟନ୍ତ ପାଇ ନାହାନ୍ତି। ଶ୍ରୀଲଙ୍କା ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ୩ୟ ଟି-୨୦ ଅବସରରେ ଦୀପ୍ତି ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏହି ମ୍ୟାଚରେ ଦୀପ୍ତି ୪ ଓଭର ବୋଲିଂ କରି ୧୮ ରନ ବ୍ୟୟରେ ୩ଟି ୱିକେଟ୍ ନେଇଥିଲେ। ଫଳରେ ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କ ୱିକେଟ୍ ସଂଖ୍ୟା ୧୫୧ରେ ପହଞ୍ଚିଥିଲା। ୧୩୧ତମ ମ୍ୟାଚ୍ ଖେଳିବା ଅବସରରେ ଦୀପ୍ତି ଏହି ସଫଳତା ପାଇଥିଲେ। ସେହିଭଳି ଟି-୨୦ କ୍ରିକେଟ୍‌ରେ ଦୀପ୍ତିଙ୍କ ନାମରେ ୧୧୦୦ ରନ ମଧ୍ୟ ଲିପିବଦ୍ଧ ରହିଛି। ଟି-୨୦ କ୍ରିକେଟ୍‌ର ବୋଲିଂ ତାଲିକାରେ ଦୀପ୍ତି ବର୍ତ୍ତମାନ ଏକ ନମ୍ବର ସ୍ଥାନରେ ରହିଛନ୍ତି।

# ୭ ବର୍ଷ ହେଲା ଅମ୍ପାୟାରଙ୍କ ମ୍ୟାଚ୍ ଫି' ବଢ଼ିନାହିଁ

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି): କ୍ରିକେଟ ଖେଳରେ ଅମ୍ପାୟାରଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଟେକ୍ନୋଲୋଜିର ବିକାଶ ପରେ ଏବେ ଅମ୍ପାୟାରଙ୍କୁ ନିଷ୍ପତ୍ତି ନେବା ଯେମିତି ସହଜ ହୋଇଛି, ସେହିପରି ସେମାନଙ୍କୁ ନିର୍ଭୁଲ ଖେଳପରିଚାଳନା ଏକ ଚ୍ୟାଲେଞ୍ଜ ହୋଇଛି। ଏପରି ସ୍ଥଳେ ଗତ ୭ ବର୍ଷ ହେଲା ଅର୍ଥାତ୍ ୨୦୧୮ ରୁ ଭାରତରେ ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମ୍ୟାଚ୍ ଫି' ବଢ଼ିନାହିଁ। ଅମ୍ପାୟାରଙ୍କ କାର୍ଯ୍ୟକୁ 'ଥ୍ୟାଙ୍କଲେସ୍ ଜବ୍' ଭାବେ ବିବେଚନା କରାଯାଉଥିଲେ ମଧ୍ୟ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ସେମାନଙ୍କ ମ୍ୟାଚ୍ ଫି ବଢ଼ାଉନାହିଁ। ଏ ସମ୍ପର୍କରେ ନିକଟରେ ବସିଥିବା ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ମହିଳାଙ୍କ ମ୍ୟାଚ୍ ଫି ବୃଦ୍ଧି ଉପରେ କେବଳ ମୋହର ବାଜିଥିଲା। ଅମ୍ପାୟାର କମିଟି ମ୍ୟାଚ୍ ଫି ବୃଦ୍ଧି କରିବା ନେଇ ସୁପାରିସ୍ କରିଛି। ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଏହା ଉପରେ ନିଷ୍ପତ୍ତି ହେବ ବୋଲି ଆଶା କରାଯାଉଛି। ଏବେ ଭାରତରେ ଆୟୋଜିତ ହେଉଥିବା ଶହ ଶହ ଘରୋଇ ମ୍ୟାଚ୍‌କୁ ବିସିସିଆଇ ଦ୍ୱାରା ନିଯୁକ୍ତ ମାତ୍ର ୧୮୬ ଜଣ ଅମ୍ପାୟାର ପରିଚାଳନା କରୁଛନ୍ତି। ଏମାନଙ୍କୁ ୪ଟି କାଟାଗୋରୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ଏ' ପ୍ଲସ୍, ଏ', ବି' ଓ ସି'। ଏବେ ବିସିସିଆଇ ଦ୍ୱାରା ନିଯୁକ୍ତ ହୋଇଥିବା ଅମ୍ପାୟାରଙ୍କ ମଧ୍ୟରେ ଏ' ପ୍ଲସ୍ କାଟାଗୋରୀରେ ୯ ଜଣ, ଏ'ରେ ୨୦ଜଣ, ବି'ରେ ୫୮ ଓ ସି' କାଟାଗୋରୀରେ ୯୯ ଜଣ ଅମ୍ପାୟାର ରହିଛନ୍ତି। ଏହା ମଧ୍ୟରୁ ଏ' ପ୍ଲସ୍ ଓ ଏ' କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୪୦,୦୦୦, ବି ଓ ସି' କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୩୦,୦୦୦ ଲେଖାଏଁ ଟଙ୍କା ଦିଆଯାଉଛି। ଏହା ଛଡ଼ା ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ମିଳୁଛି। କିନ୍ତୁ ଗତ ୭ ବର୍ଷ ଧରି ଏହି ମ୍ୟାଚ୍ ଫି'ରେ ବୃଦ୍ଧି ହୋଇନାହିଁ। ଏହି ଅମ୍ପାୟାର ମାନେ ପୁରୁଷ ଓ ମହିଳା ବିଭାଗରେ ସମସ୍ତ ସିନିଅର, ଜୁନିଅର, ସବ୍ ଜୁନିଅର ମ୍ୟାଚ୍ ପରିଚାଳନା କରୁଛନ୍ତି। ବିସିସିଆଇ ଅମ୍ପାୟର୍ସ କମିଟିର ପ୍ରସ୍ତାବକୁ ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି।

# ମୁକ୍ତେଶ୍ୱର କପ୍: ସେମିରେ ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୭।୧୨ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍ସକୁ ୩୫ ରନରେ ପରାସ୍ତ କରି କ୍ଲବ ଦି ରେଡ୍ ଷ୍ଟାର୍ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରରେ ରେଡ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୮ ୱିକେଟ୍ ହରାଇ ୧୫୦ ରନ କରିଥିଲା। ଦଳ ପକ୍ଷରୁ କ୍ଷୀରୋଦ ଭଞ୍ଜ ସର୍ବାଧିକ ୫୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ଦୁର୍ଗାଶିଷ ବେହେରାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୧୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଅସମିତ୍ ୫୨ ରନ କରିଥିଲେ ମଧ୍ୟ ବୃଥା ଯାଇଥିଲା। ରେଡ ଷ୍ଟାରର ମନ୍ମଥ ୩ଟି ଏବଂ ଓମ୍ ସାହୁ ଓ ଦକ୍ଷେଶ୍ୱର ରାଉତଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ନିହାର ରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ କ୍ଷୀରୋଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଆୟୋଜକ ମୁକ୍ତେଶ୍ୱର କ୍ଲବ ଓ ଜୁଭେନାଇଲ୍ କ୍ରିକେଟ୍ କ୍ଲବ ମଧ୍ୟରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ।

## ୭୧ତମ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

# କଟକକୁ ୧୨ ପଦକ; ପ୍ରଥମ ଦିନରେ ୪ ନୂଆ ରେକର୍ଡ



ଭୁବନେଶ୍ୱର, ୨୭।୧୨ (ସମିସ): କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ସିନ୍ଥେଟିକ ଗ୍ରାଉଣ୍ଡରେ ଶନିବାର ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍‌ର ୭୧ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ କଟକର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୧୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସାମିଲ ରହିଛି। କଟକ ପଛକୁ ୭ଟି ପଦକ ଜିତି ଯାଜପୁର ଦ୍ୱିତୀୟଶ୍ରେଷ୍ଠ ପ୍ରଦର୍ଶନ କରିଛି। ଅପରପକ୍ଷରେ ପ୍ରଥମ ଦିବସରେ ୪ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। କଟକର ମନୀଷା ମେରେଲ ମହିଳା ଲଙ୍ଗ ଜମ୍ପରେ ୫.୭୧ ମିଟର ଲମ୍ଫ ପ୍ରଦାନ କରି ନୂଆ ମିଟ୍ ରେକର୍ଡ କରିଥିଲେ। ସେହିଭଳି ହାଇଜମ୍ପରେ ଅନୁଗୋଳର ସ୍ୱାଧୀନ ମାଝୀ ମଧ୍ୟ ମିଟ୍ ରେକର୍ଡ କରିଛନ୍ତି। ସେ ୨.୧୩ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋ'ରେ ଯାଜପୁରର ଆଲୋକିକା ସ୍ୱାଇଁ (୪୩.୦୧ ମିଟର) ଓ ୨୦ ବର୍ଷରୁ କମ୍ ବାଳକ ସଟ୍ ପୁଟ୍‌ରେ ଓମକାର ପ୍ରସାଦ ନନ୍ଦ (୧୭.୧୧ ମିଟର) ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି।

ପୂର୍ବରୁ କ୍ରୀଡ଼ା ବିଭାଗର କମିଶନର କମ୍ ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମିଟ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ ଶ୍ରାବଣୀ ନନ୍ଦ, କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଯେନ୍ଦୁଲା ବିଜୟ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଓଡ଼ିଶା ଆଥ୍‌ଲେଟିକ ସଂଘ ସମ୍ପାଦକ ଅଭିଜିତ୍ ପାଲ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଡିସେମ୍ବର ୩୦ରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ

# ଯୁବା-କଟକ ଫାଇନାଲ

ଭୁବନେଶ୍ୱର,୨୭।୧୨(ସମିସ): ସ୍ଥାନୀୟ ୟୁନିଟ-୧ ବାସ୍କେଟବଲ କମ୍ପ୍ଲେକ୍ସ ପରିସରରେ ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍‌ଅପ୍ ସ୍ଥିର ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ଫାଇନାଲରେ ଶହୀଦ୍ ନଗରର ଯୁବା ବାସ୍କେଟବଲ କ୍ଲବ୍ ସହ କଟକ ବାସ୍କେଟବଲ ଆସୋସିଏସନର ମୁକାବିଲା ହେବ। ସେହିପରି ମହିଳା ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ସହ ୟଙ୍ଗଷ୍ଟର ବାସ୍କେଟବଲ କ୍ଲବ୍‌ର ମୁକାବିଲା ହେବ। ପୁରୁଷ ବିଭାଗ ପ୍ରଥମ ସେମିରେ ଯୁବା ବାସ୍କେଟବଲ ଟିମ୍ ୬୫-୫୩ ପଏଣ୍ଟରେ କଳିଙ୍ଗ ବାସ୍କେଟବଲ କ୍ଲବ୍‌କୁ ଓ ଦ୍ୱିତୀୟ ସେମିରେ କଟକ ୮୬-୬୬ ପଏଣ୍ଟରେ ୱିନରର୍ସ ଆସୋସିଏସନକୁ ହରାଇଥିଲା।

ଆନ୍ତଃବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

# କିସ୍‌ର ସଦାନନ୍ଦଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭।୧୨ (ସମିସ)



ପଞ୍ଜାବରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇସେନ୍ସ (କିସ୍)କୁ ଡବଲ୍ ପଦକ ସଫଳତା ମିଳିଛି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ସଦାନନ୍ଦ ବରିହା ସ୍ୱର୍ଣ୍ଣ ଓ ମୀନା ସାନ୍ତା କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ୬୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିଥିବା ସଦାନନ୍ଦ ମୋଟ୍ ୨୫୪ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଯେଉଁଥିରେ ସେ ସ୍ନାଚରେ ୧୧୦ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୪୪ କିଗ୍ରା ଭାର ଉଠାଇଥିଲେ। ସେହିଭଳି ମୀନା ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ସ୍ନାଚରେ ୮୦ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୯୮ କିଗ୍ରା ସହ ମୋଟ୍ ୧୭୮ କିଗ୍ରା

**ମୀନା ଜିତିଲେ କାଂସ୍ୟ**

ଭାରତ୍ତୋଳନ କରିଥିଲେ। ଶୁଭକାନ୍ତ ମଳିଆ ପୁରୁଷ ଦଳର ଓ ରାଣୀ ପାତ୍ର ମହିଳା ଦଳର କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଏହି ସଫଳତା ଲାଗି ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମଥର ସିନିଅର ଫାଇନାଲରେ ତନ୍ୱୀ

ଭୁବନେଶ୍ୱର, ୨୬।୧୨ (ସମିସ): ଓଡ଼ିଶାର ଯୁବ ସଟଲର୍ ତନ୍ୱୀ ପତ୍ରି କ୍ୟାରିୟରରେ ପ୍ରଥମଥର ଲାଗି ଜାତୀୟ ସିନିଅର ଫାଇନାଲରେ ପ୍ରବେଶ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବିଜୟୱାଡାରେ ଅନୁଷ୍ଠିତ ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନର ମହିଳା ସିଙ୍ଗଲ୍ସରେ ଶନିବାର ଅନୁଷ୍ଠିତ ସେମିରେ ତନ୍ୱୀ ୧୮-୨୧, ୨୧-୧୨, ୨୧-୧୫ରେ ମହାରାଷ୍ଟ୍ରର ଶ୍ରୁତି ମୁନଦାଦାଙ୍କୁ ପରାସ୍ତ କରିଥିଲେ। ରବିବାର ଟାଇଟଲ୍ ଲଢ଼େଇରେ ତନ୍ୱୀଙ୍କ ମୁକାବିଲା ଘରୋଇ ଆନ୍ଧ୍ର ଖେଳାଳି ସୂର୍ଯ୍ୟା ଚାରିସ୍ମାଙ୍କ ସହ ହେବ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS